

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୮ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 JANUARY 2023

Vol.No. 34 ■ No. 8 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିହାରରେ ପ୍ରଥମ ପର୍ଯ୍ୟାୟ ଜାତିଭିତ୍ତିକ ଜନଗଣନା ଆରମ୍ଭ



ନୂଆଦିଲ୍ଲୀ,୦୭/୦୧ : ବିହାରରେ ଶନିବାର ପ୍ରଥମ ପର୍ଯ୍ୟାୟ ଜାତିଭିତିକ ଜନଗଣନା ଆରମ୍ଭ ହୋଇଛି । ଶନିବାର ବିହାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି, ଏହି ଜନଗଣନାରେ କେବଳ ଜାତି ପଞ୍ଜିକୃତ ହେବ । ଉପ- ଜାତି ପଞ୍ଜିକୃତ ହେବ ନାହିଁ । ଏହା ଦ୍ୱାରା ସରକାର ଗରିବମାନଙ୍କ ପାଇଁ କରୁଥିବା ବିକାଶମୂଳକ କାର୍ଯ୍ୟ ଠିକ୍ ଭାବେ ହୋଇପାରିବ । ଏହି ଜାତିଭିତିକ ଜନଗଣନା ବିହାରର ୩୮ଟି ଜିଲ୍ଲାରେ ଆରମ୍ଭ ହୋଇଛି । ଏହା ଆସନ୍ତା ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ସବୁ ଘରକୁ ନେଇ ଏହି ଜନଗଣନା କରାଯିବ ବୋଲି ତେଜସ୍ୱୀ କହିଛନ୍ତି । ସେପଟେ ଗରିବ ବିରୋଧୀ ନୀତି ପାଇଁ ବିଜେପିକୁ ଟାର୍ଗେଟ କରି ଜାତି ସର୍ଭେ କରାଯିବାକୁ ବିଜେପି ଚାହୁଁନଥିବା କହିଛନ୍ତି ତେଜସ୍ୱୀ । ଏହି ଜନଗଣନା ଦ୍ୱାରା ଗରିବ ଓ ପଛୁଆ ଲୋକେ ଉପକୃତ ହେବେ । ହେଲେ ଆରମ୍ଭ ବିଜେପି ଗରିବ ବିରୋଧୀ ମାନସିକତା ରଖିଆସୁଛି । ଏହା ବିଜେପିର ହୀନ ମାନସିକତା ବୋଲି କହି ବର୍ଷିଛନ୍ତି ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ।

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଯନ୍ତ୍ରୀଙ୍କ ଘରେ ଚଢାଉ

ଭୁବନେଶ୍ୱର,୦୭/୦୧ (ନି.ପ୍ର): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଶ୍ରୀ ଭୁବନେଶ୍ୱର ଆରଡବ୍ଲୁଏସଏସ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କ ସହ ଜଡିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱର, ଅନୁଗୁଳ ଓ ଢେଙ୍କାନାଳର ୬ଟି ସ୍ଥାନରେ ଏକକାଳୀନ ଘର ଖାନତଲାସି ଜାରିରହିଛି । ଏହି ଚଢାଉରେ ୫ ଜଣ ଡିଏସପି, ୧୪ ଜଣ ଇନିସ୍ପେକ୍ଟର ଓ ଅନ୍ୟ ୨୮ ଜଣ କର୍ମଚାରୀ ସାମିଲ ଅଛନ୍ତି ।

## ଦିଲ୍ଲୀରେ ସର୍ବନିମ୍ନ ୨ ଡିଗ୍ରୀକୁ ଖସିଲା ପାରଦ



ନୂଆଦିଲ୍ଲୀ, ୦୭/୦୧ : ରାଜଧାନୀ ଦିଲ୍ଲୀରେ ଆଜି ରେକର୍ଡ ଥଣ୍ଡା ଅନୁଭତ ହୋଇଛି । ସର୍ବନିମ୍ନ ତାପମାତ୍ରା ୨ ଦଶମିକ୍ ୨ ଡିଗ୍ରୀକୁ ଖସିଆସିଥିବା ବେଳେ ହାରାହାରି ତାପମାତ୍ରା ୫ ଡିଗ୍ରୀର ତଳେ ରେକର୍ଡ କରାଯାଇଛି । ଯାହାକି ଚଳିତ ଥର ସବୁଠୁ କମ୍ ତାପମାତ୍ରା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଅତ୍ୟଧିକ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କେତେକ ଅଂଚଳରେ ତୁଷାରପାତ ଜାରି ରହିଛି । ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡି ଯୋଗୁଁ ୫୦ ମିଟର ଦୂରତାରେ ଦେଖିବା ସମ୍ଭବପର ହୋଇନାହିଁ । ଫଳରେ ରାସ୍ତା ଏବଂ ଟ୍ରାଫିକ୍ ପୁରା ଜାମ ହୋଇଯାଇଥିବା ଦେଖିବାକୁ ମିଳିଛି । ଅତ୍ୟଧିକ କୁହୁଡି ଯୋଗୁ ୩୬ ଟ୍ରେନ୍ ବିଳମ୍ବରେ ଚାଲୁଥିବା ରେଳ ବିଭାଗ ପକ୍ଷରୁ କୁହଯାଇଛି । କିଛି ବିମାନ ଚଳାଚଳ ବାତିଲ ହୋଇଥିବା ବେଳେ ଅନ୍ୟ କିଛି ବିଳମ୍ବରେ ଚାଲୁଥିବା ସୂଚନା ମିଳିଛି ।

## ହାତୀ ଆକ୍ରମଣରେ ଗଲା ୪ ଜଣଙ୍କ ଜୀବନ



ଭୁବନେଶ୍ୱର,୦୭/୦୧ (ନି.ପ୍ର): ବନ ବିଭାଗର ଅବହେଳାରୁ ଅନଗୁଳରେ ଜଙ୍ଗଲୀ ହାତୀ ଗୋଡାଇ ଗୋଡାଇ ୪ ଜଣଙ୍କୁ ଦଳି ଦେଇଛି । ଏଭଳି ଅଭିଯୋଗ ଆଣି ମୃତଦେହକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖି ବିକ୍ଷୋଭ କରିଛନ୍ତି ଉତ୍ୟକ୍ତ ଗ୍ରାମବାସୀ । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ବନବିଭାଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଗାଁ ଲୋକଙ୍କୁ ବୁଝାସୁଝା କରି ମୃତକଙ୍କ ପରିବାରକୁ ୪ଲକ୍ଷ ୬୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଶନିବାର ସକାଳୁ ସକାଳୁ ହାତୀ ଆକ୍ରମଣରେ ଚାରି ଜଣଙ୍କ ମୃତ୍ୟୁ ଖବର ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ମୃତକଙ୍କ ଘରେ କାନ୍ଦ ବୋବାଳି ପଡିଛି । ବନ ବିଭାଗର ଉଦାସୀନତାରୁ ଘଟିଥିବା ଏହି ଅଘଟଣକୁ କେହି ଗ୍ରହଣ କରିପାରୁ ନାହାନ୍ତି । ଛେଲିଆପଡା ଗାଁରର ୬୦ ବର୍ଷ ବୟସ୍କ ସୁବାସ ବିଶ୍ୱାଳ, ବାରସିଙ୍ଗାର ୪୮ ବର୍ଷୀୟ ରମେଶ ସ୍ୱାଇଁ , ଅଙ୍ଗାରବନ୍ଧ ଗାଁର ୫୪ ବର୍ଷ ବୟସ୍କ ଅନିରୋଧ ସାହୁ ଓ ସନ୍ତାରୀ ଗାଁର ଅଜୟ ସାମଲଙ୍କ ହାତୀ ଗୋଡେଇ ଗୋଡେଇ ଦଳି ଦେଇଛି । କିଏ ଶୌଚ ପାଇଁ ତ କିଏ ଚାଷ କାମ ପାଇଁ ବାହାରକୁ ବାହାରି ହାତୀ ହାବୁଡରେ ପଡିଥିଲେ । ଖବର ପାଇ ବନବିଭାଗ ଅଧିକାରୀ ଘଟଣସ୍ଥଳରେ ପହଂଚିବା ପରେ ଉତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଛି । ପ୍ରାୟ ଦୁଇ ମାସ ହେଲା ଅନୁଗୁଳରେ ଆତଙ୍କ ଖେଳାଇଛନ୍ତି ୩୦ ଟିକିଆ ହାତୀପଲ । ହେଲେ ଶନିବାର ଏକ ମାଇ ହାତୀ ଗୋଠଛଡା ଏହି ଅଘଟଣ ଘଟାଇଥିବା ଜଣା ପଡିଛି । ଗୋଠଛଡା ହାତୀ ସାମ୍ନାରେ ଯାହାକୁ ପାଇଲା ତାକୁ ଦଳି ଦେଇ ଢେଙ୍କାନାଳ ଜଙ୍ଗଲକୁ ପଳାଇଥିବା ଜଣାପଡିଛି ।

## ଦୁର୍ନୀତି ଅଭିଯୋଗ ପରେ ଇସ୍ତଫା ଦେଲେ ମନ୍ତ୍ରୀ : ବଲବୀର ସିଂହଙ୍କୁ ମିଳିଲା ସ୍ୱାସ୍ଥ୍ୟ ବିଭାଗ



ଅମୃତସର,୦୭/୦୧ (ନି.ପ୍ର): ଦୁର୍ନୀତି ଅଭିଯୋଗରେ ଫସିଥିବା ପଞ୍ଜାବର ଉଦ୍ୟାନ କୃଷି ବିଭାଗର ମନ୍ତ୍ରୀ ଫୌଜା ସିଂହ ସରାରି ନିଜ ପଦରୁ ଆଜି ଇସ୍ତଫା ଦେଇଛନ୍ତି । ସେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ସିଂହଙ୍କୁ ନିଜର ଇସ୍ତଫାପତ୍ର ପଠାଇଥିବା ବେଳେ ଏହାକୁ ସେ ଗ୍ରହଣ କରି ନେଇଛନ୍ତି । ପ୍ରାୟ ମାସକ ତଳେ ଗୋଟିଏ ଅଡିଓ କ୍ଲିପ ଭାଇରାଲ ହୋଇଥିଲା । ଏଥିରେ ଟଙ୍କା ପାଇଁ ଶ୍ରୀ ସିଂହ ଡିଲ୍ କରୁଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଆଜି ସେ ମନ୍ତ୍ରୀ ପଦ ଛାଡ଼ି ଦେଇଛନ୍ତି । ମନ୍ତ୍ରୀ ପଦରୁ ଇସ୍ତଫା ପଛର କାରଣ ଜଣାପଡ଼ିନି । ସେ ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ମନ୍ତ୍ରୀ ପଦ ଛାଡୁଥିବା କହିଛନ୍ତି । ଏଥିସହ ସେ ଦଳର ଜଣେ ବିଶ୍ୱସ୍ତ ସୈନ୍ୟ ଓ ସବୁବେଳେ ଦଳ ସହ ରହିବେ ବୋଲି ମଧ କହିଛନ୍ତି । ଜଣେ ଅବସରପ୍ରାପ୍ତ ପୁଲିସ୍ ? କର୍ମଚାରୀ ଭାବେ ଜଣାଶୁଣା ଶ୍ରୀ ସିଂହ ଗୁରୁ ହର ସାହି ଆସନରୁ ଜିତି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେ ଅକାଳୀ ଦଳର ବରଦେବ ସିଂହଙ୍କୁ ୧୦,୫୭୪ ଖଣ୍ଡ ଭୋଟରେ ହରାଇଥିଲେ । ଫୌଜା ▶▶ପୃଷ୍ଠା ୭

## ବିସିସିଆଇ ସିନିୟର ଚୟନକର୍ତ୍ତା କମିଟି ଘୋଷଣା: ସ୍ଥାନ ପାଇଲେ ଓଡିଆ ପୁଅ ଶିବସୁନ୍ଦର ଦାସ

ନୂଆଦିଲ୍ଲୀ,୦୭/୦୧ : ବିସିସିଆଇ ଘୋଷଣା କଲେ ସିନିୟର ଚୟନକର୍ତ୍ତା କମିଟି । ଏହି ୫ ଜଣିଆ କମିଟିରେ ସ୍ଥାନ ପାଇଛନ୍ତି ଓଆ ପୁଅ ତଥା ପୂର୍ବତନ ଭାରତୀୟ ଖେଳାଳି ଶିବସୁନ୍ଦର ଦାସ । ତେବେ ବିସିସିଆଇ ପୁଣି ଚୟନକର୍ତ୍ତା କମିଟିର ମଙ୍ଗ ଚେତନ ଶର୍ମାଙ୍କ ହାତରେ ଦେଇଛନ୍ତି । ଚେତନ ଶର୍ମାଙ୍କୁ ପୁଣି ଚୟନକର୍ତ୍ତା କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି କରାଯାଇଛି । ଚେତନ ଶର୍ମା ଓ ଶିବ ସୁନ୍ଦର ଦାସଙ୍କ ବ୍ୟତୀତ ସୁବ୍ରୋତ ବାନାର୍ଜୀ, ସଲିଲ ଅଙ୍କୋଲା, ସିଧରନ ସାରଥ ଏହି କିମିଟିରେ ରହିଛନ୍ତି ।

## ସୀମାରେ ମୁହାଁମୁହିଁ ଦୁଇଦେଶର ସେନା



ନୂଆଦିଲ୍ଲୀ,୦୭/୦୧ : ଋଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନଙ୍କ ୩୬ ଘଂଟିଆ ଯୁଦ୍ଧବିରତିକୁ ପ୍ରତ୍ୟାଖାନ କରିଛି ୟୁକ୍ରେନ୍ । ଅସ୍ତ୍ରବିରତି ସ୍ୱତେ ୟୁକ୍ରେନ ପକ୍ଷରୁ ସୀମାରେ ଆକ୍ରମଣ କରାଯାଇଥିବା ରୁଷ ଅଭିଯୋଗ କରିଛି । ହେଲେ ରୁଷର ଏହି ଅଭିଯୋଗକୁ ୟୁକ୍ରେନ ପ୍ରତ୍ୟାଖାନ କରିଛି । ୟୁକ୍ରେନ ପକ୍ଷରୁ କୁହାଯାଇଛି ରୁଷ୍ ଅସ୍ତ୍ରବିରତି ଭିତରେ ଆକ୍ରମଣ କରିବାରୁ ଜବାବ ଦେଇଛି କିଭ୍ ସେନା । ଖ୍ରୀଷ୍ଟମାସ ପାଇଁ ପୁଟିନ୍ ଶୁକ୍ରବାର ରାତି ୧୨ଟାରୁ ୩୬ ଘଂଟିଆ ଯୁଦ୍ଧବିରତି ଘୋଷଣା କରିଥିଲେ । ହେଲେ ପୁଟିନଙ୍କ ଯୁଦ୍ଧବିରତି ଘୋଷଣାକୁ ପ୍ରତ୍ୟାଖାନ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲଦାମିର ଜେଲେନସ୍କି । ସେ କହିଛନ୍ତି,'ପୁଟିନଙ୍କ ଏଭଳି ଯୁଦ୍ଧବିରତି ଏକ ଚାଲ୍ । ଏହାଦ୍ୱାରା ଋଷ ସେନା ବିତାଡିତ ହୋଇଥିବା ପୂର୍ବ ଡୋନାବାସ ପ୍ରଦେଶକୁ ପୁଟିନ୍ ଅଧିକ ସେନା, ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟ ମିଲିଟାରୀ ସରଞ୍ଜାମ ପଠାଇପାରିବେ । ତେବେ ଯୁଦ୍ଧ ସେତେବେଳେ ▶▶ପୃଷ୍ଠା ୭

## ଅମିତ୍ ଶାହ ଶ୍ରୀରାମ ମନ୍ଦିରର ପୂଜକ କି ମହନ୍ତ ନୁହନ୍ତି : ମଲ୍ଲିକାର୍ଜୁନ ଖାଡ଼ଗେ

ନୂଆଦିଲ୍ଲୀ,୦୭/୦୧ : ଅଯୋଧାରେ ନିର୍ମାଣ ଚାଲିଥିବା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ସର୍ବସାଧାରଣଙ୍କ ପାଇଁ ୨୦୨୪ର ଜାନୁଆରୀ ୧ରେ ଖୋଲିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଘୋଷଣା କରିବା ପରେ ରାଜନୀତି ଜୋର ଧରିଛି । ଶାହଙ୍କ ବୟାନକୁ ନେଇ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ ତାଙ୍କୁ ଟାର୍ଗେଟ କରିଛନ୍ତି । ଖାଡ଼ଗେ କହିଛନ୍ତି ଯେ, ଶାହ ମନ୍ଦିରର ପୂଜାରି କି ମହନ୍ତ ନୁହନ୍ତି । ସମସ୍ତଙ୍କର ଇଶ୍ୱର ବିଶ୍ୱାସ ରହିଛି । ତ୍ରିପୁରା ନିର୍ବାଚନ ଥିବା ବେଳେ ତୁମେ କାହିଁକି ଏମିତି ଘୋଷଣା ▶▶ପୃଷ୍ଠା ୭

## ଭୁବନେଶ୍ୱରରୁ ରାଉରକେଲାକୁ ବିମାନ ଉଡ଼ାଣର ଶୁଭାରମ୍ଭ



ଭୁବନେଶ୍ୱର,୦୭/୦୧ (ନି.ପ୍ର): ଭୁବନେଶ୍ୱରରୁ ରାଉରକେଲାକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି । ଏହାକୁ ନୂଆଦିଲ୍ଲୀରୁ ଭର୍ଚୁଆଲରେ ଉଦଘାଟନ କରିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେହିପରି ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ଜୋଧପୁରରୁ ସାମିଲ । କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା ବିମାନବନ୍ଦରରେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଏହି ବିମାନସେବା କାର୍ଯ୍ୟକାରୀ ହୋଇଛି । ସୂଚନାଯୋଗ୍ୟ, ଭୁବନେଶ୍ୱର ଛାଡ଼ିଲା ପରେ ବିମାନଟି ପୂର୍ବାହ୍ନ ୧୧ଟା ୪୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବ । ଏହାପରେ ମଧାହ୍ନ ୧୨ଟା ୫ରେ ବିମାନ ରାଉରକେଲାରୁ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ନ ୧ଟାରେ ପହଞ୍ଚିବ । ଆସନ୍ତା ୧୨ତାରିଖରୁ ଏହି ବିମାନ ଦୈନିକ ଉଡାଣ କରିବ । ପ୍ରତିଦିନ ଅପରାହ୍ନ ୨ଟା ୫୫ରେ ବିମାନ ଭୁବନେଶ୍ୱରରୁ ଛାଡ଼ି ୩ଟା ୫୦ରେ ରାଉରକେଲାରେ ପହଞ୍ଚିବ । ରାଉରକେଲାରୁ ଅପରାହ୍ନ ୪ଟା ୧୫ରେ ବାହାରି ଭୁବନେଶ୍ୱରରେ ୫ଟା ୧୦ରେ ପହଞ୍ଚିବ । ଭୁବନେଶ୍ୱରରୁ ରାଉରକେଲା ବିମାନ ଭଡ଼ା ୨୮୦୩ ଟଙ୍କା ରହିଛି । ସେହିପରି ରାଉରକେଲାରୁ ଭୁବନେଶ୍ୱର ବିମାନର ଟିକେଟ୍ ମୂଲ୍ୟ ୨୭୨୧ ଟଙ୍କା ରଖାଯାଇଛି ।

## ୧୦ମାସ ମଧରେ ୨ମନ୍ତ୍ରୀ ଦେଲେଣି ଇସ୍ତଫା, ହୋଇପାରେ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ



ନୂଆଦିଲ୍ଲୀ,୦୭/୦୧ : ପଞ୍ଜାବର ଭଗଓ୍ୱନ୍ତ ମାନ୍ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଥିବା ଫୈଜା ସିଂ ସରାରୀ ଆଜି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଏନେଇ ସେ କହିଛନ୍ତି କି ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେବା ତାଙ୍କର ବ୍ୟକ୍ତିଗତ କାରଣ । ହେଲେ ସେ ଦଳରେ ଥିଲେ ଓ ଆଗକୁ ଜଣେ ସଚ୍ଚୋଟ କର୍ମୀଭାବେ ଦଳରେ ରହିବେ ବୋଲି କହିଛନ୍ତି । ସେପଟେ ମନ୍ତ୍ରୀ ଫୈଜା ସିଂ ସରାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗ ରହିଥିଲା । ତେଣୁ ବିରୋଧୀ କଂଗ୍ରେସ ତାଙ୍କ ଇସ୍ତଫା ଦାବି କରିଥିଲା । ଏହାସହ ପଞ୍ଜାବର ମାନ୍ ସରକାର ଆଜି ତାଙ୍କ ମନ୍ତ୍ରୀମଣ୍ଡଳର ବଡ ପରିବର୍ତ୍ତନ କରିପାରନ୍ତି ବୋଲି ଅନୁମାନ କରାଯାଇଛି । ଏଥିରେ କିଛି ମନ୍ତ୍ରୀଙ୍କୁ ତାଙ୍କ ପଦରୁ ବିଦା କରାଯାଇ ନୂଆ ଚେହେରାଙ୍କୁ ସୁଯୋଗ ମିଳିବ ବୋଲି ଚର୍ଚ୍ଚା ହେଉଛି । ଏନେଇ ଆଜି ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ସନ୍ଧ୍ୟା ୫ଟା ବେଳେ ରାଜଭବନରେ ଏକ ବୈଠକ ରଖିଛନ୍ତି । ଫୈଜାସିଂ ସରାରୀଙ୍କର ଏକ ଅଡିଓ କ୍ଲିପ ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଭାଇରାଲ ହୋଇଥିଲା । ଏହି ଅଡିଓକୁ ମନ୍ତ୍ରୀଙ୍କ ଓଏସଡି ତରସେମ କପୁର ଲିକ୍ କରିଥିଲେ । ଏହାକୁ ନେଇ ସେତେବେଳେ ବିଜେପି ଓ କଂଗ୍ରେସ ଉଭୟ ଆମ୍ ଆଦମୀ ପାର୍ଟିକୁ ପ୍ରଶ୍ନ କରିଥିଲେ । ଅନ୍ୟପଟେ ଆଜି ମନ୍ତ୍ରୀ ଫୈଜା ସିଂ ଇସ୍ତଫା ଦେବା ପରେ କଂଗ୍ରେସର ବରିଷ୍ଠ ନେତା ତଥା ବିରୋଧୀଦଳ ନେତା ପ୍ରତାପ ସିଂ ବାଜବା କହିଛନ୍ତି , ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ଯେଭଳି ଭାବେ ବିରୋଧୀଦଳର ନେତାଙ୍କ ଉପରେ ଯାଂଚ ଚଳାଇଛନ୍ତି ସେହିଭଳି ନିଜଦଳର ନେତା ଓ ମନ୍ତ୍ରୀଙ୍କ ବିରୋଧରେ ଯାଂଚ କରାନ୍ତୁ ।

## ଉଦ୍‌ବେଗ ଜନକ ଯୋଶୀମଠ ସମସ୍ୟା, ତୁରନ୍ତ ସମାଧାନ କରିବାକୁ ବୈଜ୍ଞାନିକଙ୍କ ପରାମର୍ଶ

ନୂଆଦିଲ୍ଲୀ,୦୭/୦୧ : ଉତରାଖଣ୍ଡ ଯୋଶୀମଠ ଅଂଚଳରୁ ଆସୁଥିବା ଏହି ଦୃଶ୍ୟକୁ ଦେଖନ୍ତୁ । ମାଟି ଦବିବା ଫଳରେ ସ୍ଥାନୀୟ ଲୋକଙ୍କ ଭିତରେ ଆତଙ୍କ ଖେଳିଯାଇଛି । ମାଟି ଧଷିବା ଫଳରେ ଘରଗୁଡିକରେ ଫାଟ ସୃଷ୍ଟି ହୋଇଛି । ଯୋଶୀମଠ ଆଖପାଖଅଂଚଳରେ ୫୬୧ ଘରର କାନ୍ଥରେ ଫାଟ ଦେଖିବାକୁ ମିଳିଛି । କେଉଁ କାରଣ ପାଇଁ ମାଟି ଧଷି ଏଭଳି ସ୍ଥିତି ସୃଷ୍ଟି ହୋଇଛି, ତାହାର ଯାଂଚ କରିବାକୁ ବିଶେଷଜ୍ଞଙ୍କ ଟିମ୍ ମଧ ଯୋଶୀମଠ ଅଂଚଳରେ ପହଁଚି ସାରିଛି । ସେପଟେ ଘଟଣା ସ୍ଥଳରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ପହଁଚି ସ୍ଥିତି ଅନୁଧାନ କରିଛନ୍ତି । ଏହାସହ ଉକ୍ତ ଅଂଚଳର ୬୦୦ ପରିବାରକୁ ଅନ୍ୟ ନିଜ ଘର ଖାଲି କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଉପଦେଶ ଦେଇଛନ୍ତି । ମୁଖମନ୍ତ୍ରୀ ଧାମୀ କହିଛନ୍ତି ଲୋକଙ୍କ ସୁରକ୍ଷା ଆମର ପ୍ରାଥମିକ ଦାୟିତ୍ୱ । ଶୁକ୍ରବାର ମାଟି ଧଷିବା ଫଳରେ ଏକ ମନ୍ଦିର ଦବି ଯାଇଛି । ଆଉ ଅନେକ ଘରର କାନ୍ଥରେ ଫାଟ ଦେଖିବାକୁ ମିଳିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି । ଏଭଳି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ କେବେ ଦେଖିବାକୁ ମିଳି ନଥିବା ସ୍ଥାନୀୟ ଲୋକେ କହିଛନ୍ତି । ଜଳବାୟୁ ପରିବର୍ତନ ▶▶ପୃଷ୍ଠା ୭

## ମହଙ୍ଗା ପଡିଲା ବିମାନରେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା : ଅଭିଯୁକ୍ତ ଶଙ୍କର ମିଶ୍ରା ଗିରଫ

ନୂଆଦିଲ୍ଲୀ,୦୭/୦୧ : ଏୟାର ଇଣ୍ଡିଆ ଫ୍ଲାଇଟରେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାରେ ଗିରଫ ହୋଇଛି ଅଭିଯୁକ୍ତ ଶଙ୍କର ମିଶ୍ରା । ଘଟଣାର ୬ ସପ୍ତାହ ପରେ ବାଙ୍ଗୁଲୁରୁରୁ ଅଭିଯୁକ୍ତ ଶଙ୍କରଙ୍କୁ ଗିରଫ କରିଛି ଦିଲ୍ଲୀ ପୋଲିସ । ଗତ ନଭେମ୍ବର ୨୬ରେ ଘଟିଥିବା ଏହି ଘଟଣାକୁ ନେଇ ସାରା ଦେଶରେ ହୋଇଥିଲା ଚର୍ଚ୍ଚା । ସୂଚନା ଅନୁସାରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ନିଶାରେ ଚୁର୍ ହୋଇଥିବା ଶଙ୍କର ପାଖରେ ବସିଥିବା ଜଣେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ । ଏଥିରେ ମହିଳାଙ୍କ ପୋଷାକ, ବ୍ୟାଗ, ଜୋତା ଆଦି ଭିଜି ଯାଇଥିଲା । ଏନେଇ ମହିଳା ଜଣକ କ୍ରୁ ମେମ୍ବରଙ୍କୁ ଜଣାଇବା ପରେ କ୍ରୁ ମେମ୍ବର ତାଙ୍କୁ ପୋଷାକ ଓ ଚପଲ ଦେଇଥିଲେ । ଘଟଣା ପରେ ଅଭିଯୁକ୍ତ ଶଙ୍କର ଫେରାର ଥିଲା । ଗିରଫଦାରିରୁ ବର୍ତ୍ତିବା ପାଇଁ ବାରମ୍ବାର ଠିକଣା ବଦଳାଇ ଆସୁଥିଲା । ହେଲେ ତାର ସମସ୍ତ ଗତିବିଧି ଉପରେ ନଜର ରଖିଥିଲା ଦିଲ୍ଲୀ ପୋଲିସ । ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କ ମୁମ୍ବାଇ ଓ ବେଙ୍ଗାଲୁରୁରେ ଦୁଇଟି ଅଫିସ ରହିଥିଲେ । ଏହି ଦୁଇଟି ଯାକ ଅଫିସରେ ପୋଲିସ ଚଢଉ କରିବା ସ୍ୱତେ ବି ଧରାପଡିନଥିଲା ଶଙ୍କର । ନିଜ ଫୋନକୁ ବି ବନ୍ଦ ରଖିଥିଲା । ହେଲେ ସୋସିଆଲ ମିଡିଆରେ ସକ୍ରିୟ ଥିଲା । ▶▶ପୃଷ୍ଠା ୭

# ଜମି ଅଧିଗ୍ରହଣ ନେଇ ଜନଶୁଣାଣି ଅନୁଷ୍ଠିତ

ଜୟପୁର, ୦୭/୦୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ପଂଚାୟତ କାର୍ଯ୍ୟାଳୟରେ ଜମି ଅଧିଗ୍ରହଣ ନେଇ ଆଜି ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ବିମାନ ବନ୍ଦର ସମ୍ପ୍ରସାରଣ ଓ ଉନ୍ନତିକରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ଜନ ଶୁଣାଣି ହୋଇଥିଲା । ଜୟପୁର ଏୟାର ପୋର୍ଟରେ ଏଟିଆର ୭୨ ସିଟ ର ବିମାନ ଉଡିବା ନେଇ ସରକାର ପଦକ୍ଷେପ ନେଉଥିବାରୁ ଜମି ଅଧିଗ୍ରହଣ କରାଯାଉଛି ।୧୮ଟି ମାଲିକଙ୍କ ୧୦ ଏକର ୭୫ ସେଂଟ ଜମି ଅଧିଗ୍ରହଣ ହେବ । ଏନେଇ ଜନ ଶୁଣାଣି କରାଯାଇଥିଲା । ୧୦ ଏକର ୭୫ ସେଂଟ ଜମି ଦେବାକୁ ଗ୍ରାମବାସୀ ଓ ମାଲିକ ମାନେ ସହମତି ପ୍ରକାଶ କରିଥିଲେ । ଆଗାମି ଦିନରେ ପୁଣି ଜୟପୁର ଏୟାରପୋର୍ଟର ସମ୍ପ୍ରସାରଣ ହେବ । ଏହାଦ୍ୱାରା ବାଙ୍କବିଜା ଗାଁ ପୁରା ଉଠିବାକୁ ପଡିବ ବୋଲି ଗ୍ରାମବାସୀ ମାନେ ଉଦବେଗ ପ୍ରକାଶ କରିଥିଲେ । ଆଗାମି ଦିନରେ ଏୟାରପୋର୍ଟ ସମ୍ପ୍ରସାରଣ ହେବ ତେବେ ସରକାର ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ନୂତନ ଏୟାରପୋର୍ଟ କରନ୍ତୁ ବୋଲି ଗ୍ରାମବାସୀ ମାନେ ଦାବି କରିଥିଲେ । ବର୍ତମାନ ଗ୍ରାମବାସୀ ମାନେ ଭୟଭିତ ଅବସ୍ଥାରେ ଅଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା ।

ଏନେଇ ଜମି ଅଧିଗ୍ରହଣ ହେଲେ ମାଲିକ ଜମି, ଗଛ, ଗୁହାଳ, ପକ୍କା ଘର, ଜମିରେ ଧାନ ଥିଲେ ଧାନର ମୂଲ୍ୟ, ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା, ଜମିର ଦର ଦୁଇଗୁଣା ଟଙ୍କା, ୧ ବର୍ଷ ପାଇଁ ମାସକୁ ୩ ହଜାର ଟଙ୍କା ଆଦି ସରକାର ଯୋଗାଇଦେବାକୁ ନେଇ ପ୍ରଶାସନ ତରଫରୁ ସଚେତନ କରାଯାଇଥିଲା । ୧୦ ଏକର ୭୫ ସେଂଟ ଦେବା ପାଇଁ ମାଲିକ ମାନେ ସହମତି ପ୍ରକାଶ କରିଥିଲେ ।

ଏହି ଜନ ଶୁଣାଣିରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ, ଏନସିଡିଏସ ଭୁବନେଶ୍ୱରର ବିନାୟକ ଦାସ ଓ ନବକୃଷ୍ଣ ଚୌଧୁରି, ନାୟବ ସରପଂଚ ରାଧା ଜାନୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପ୍ରଧାନଙ୍କ ସହ ଏକମ୍ବା ପଂଚାୟତର ବାଙ୍କବିଜା ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା, ୦୭/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଘରୋଇ ଶିକ୍ଷାନୁଷ୍ଠାନର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିବା ଜଣାପଡିଛି । ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ସହିତ ଆଲୋଚନା କରି ସରକାରୀ ସହାୟତା ଓ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ପାଇଁ ଦାବି କରିଛନ୍ତି । ଏଥି ସହିତ ସିଓଆର ବ୍ୟବସ୍ଥାର ସରଳୀକରଣ, ନୂତନ ସରକାରୀ ନିୟମ ଗୁଡିକ ସଂପର୍କରେ ଘରୋଇ ବିଦ୍ୟାଳୟ ଶିକ୍ଷକ ମାନଙ୍କୁ କର୍ମଶାଳା ମାଧମରେ ପ୍ରଶିକ୍ଷଣ, ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିବାର ବ୍ୟବସ୍ଥା ପ୍ରଭୃତି ସଂପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ନିରଞ୍ଜନ ବେହେରା, ପ୍ରଭାତ ପରିଡା, ଆଦିକନ୍ଦ ରାଉଳ, ରବିନ୍ଦ୍ର ଦାସ, ଅଜୟ ପୃଷ୍ଟି, ଚିତ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲକାନଗିରି ମହାବିଦ୍ୟାଳୟର ସାଂସ୍କୃତିକ ସପ୍ତାହ ଉଦ୍‌ଘାଟିତ

ମାଲକାନଗିରି, ୦୭/୦୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଛାତ୍ର ସଂସଦ ତରଫରୁ ଏକ ସାଂସ୍କୃତିକ ସାପ୍ତାହିକ କାର୍ଯ୍ୟକ୍ରମ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ରୂପେ ଅର୍ଥନୀତି ବିଭାଗର ମୁଖ୍ୟ ଡଃ. ଲିଙ୍ଗରାଜ ମିଶ୍ର, ଇତିହାସ ବିଭାଗର ମୁଖ୍ୟ ନମିତା ଦଣ୍ଡସେନା ଯୋଗ ଦେଇଥିଲେ । ଛାତ୍ର ସଂସଦର ଉପଦେଷ୍ଟା ତଥା ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ଅତିଥି ପରିଚୟ ସହିତ ସଭା ସଂଚାଳନ କରିଥିଲେ । କରୋନାର କରାଳ ପ୍ରକୋପ ଯୋଗୁଁ ଗତ ଦୁଇବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ମହାବିଦ୍ୟାଳୟରେ ହୋଇପାରିନଥିଲା, ତେଣୁ ଚଳିତ ବର୍ଷ ଛାତ୍ରଛାତ୍ରୀ ମାନେ ଉତ୍ସାହର ସହିତ ଏଥିରେ ଭାଗ ନେଇଥିଲେ । ଛାତ୍ର ସଂସଦର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଛାତ୍ରଛାତ୍ରୀ ଗଣ ଶୃଙ୍ଖଳିତ ଭାବେ ସଭା ପରିଚାଳନାରେ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ନାମ ପଞ୍ଜିକରଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବମୋଟ ଚଉଦଟି ବିଭାଗରେ ପ୍ରତିଯୋଗିତା ହେବାକୁ ଯାଉଛି ଯଥା - ରଚନା, ବିତର୍କ, ସାଧାରଣଜ୍ଞାନ, ରୂଢିପ୍ରୟୋଗ, କାନ୍ଥ ଚିତ୍ରଣ, ସଙ୍ଗୀତ, ଭଜନ ଅନ୍ତାକ୍ଷରୀ, ନୃତ୍ୟ, ହୁଳହୁଳି, ଶଙ୍ଖ ଫୁଙ୍କା ପ୍ରଭୃତି । ଛାତ୍ରଛାତ୍ରୀ ମାନେ ଉତ୍ସାହର ସହିତ ବିଭିନ୍ନ ବିଭାଗରେ ନାମ ପଞ୍ଜିକରଣ କରିଛନ୍ତି । ଏହି ସପ୍ତାହ ବ୍ୟାପି ସାଂସ୍କୃତିକ ମହାକୁମ୍ଭରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ବୃନ୍ଦ ନିଜକୁ ସାମିଲ କରିଛନ୍ତି । ସଭାଶେଷରେ ଛାତ୍ର ସଂସଦର ସହକାରୀ ଉପଦେଷ୍ଟା ଶିକ୍ଷା ବିଭାଗର ମୁଖ୍ୟ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ହକି ବିଶ୍ୱକପ୍ ଉପଲକ୍ଷେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତା

ବଲାଙ୍ଗିର, ୦୭/୦୧ (ନି.ପ୍ର): ଏଫଆଇଏଚ୍ ହକି ବିଶ୍ୱକପ୍ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତା ସମୁହ ଉଭୟ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଷ୍ଟାଡ଼ିୟମ ବଲାଙ୍ଗିର ଠାରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ଦିନରେ ବାଳିକା ବିଭାଗରେ ଟିଟିଲାଗଡ଼ ବ୍ଲକ ଦଳ ୨-୧ ଗୋଲ୍ ରେ ପୁଇନ୍ତଳା ବ୍ଲକ ଟିମ୍ କୁ ପରାସ୍ତ କରି ଚମ୍ପିଆନ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ବାଳକ ବିଭାଗରେ ବଙ୍ଗୋମୁଣ୍ଡା ବ୍ଲକ ବଲାଙ୍ଗିର ବ୍ଲକ୍ କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ସେହିପରି ରାଜେନ୍ଦ୍ର ନାରାୟଣ ସିଂହଦେଓ କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ଖୋଖୋ ପ୍ରତିଯୋଗିତାରେ ବାଳିକା ବିଭାଗରେ ମୁରିବାହାଲ ଦଳ ପୁଇନ୍ତଳା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ବାଳକ ବିଭାଗରେ ମୁରିବାହାଲ ଦଳ ପୁଇନ୍ତଳା ଦଳକୁ ହରାଇ ଚମ୍ପିୟାନ୍ ହୋଇଥିଲା । ଉଭୟ ପ୍ରତିଯୋଗିତାକୁ ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଳ ଉଦଘାଟନ କରିଥିବା ବେଳେ ଫାଇନାଲ ଖେଳରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିର ଅଧିକାରୀ ଗୁଣନିଧି ନାଏକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଭୟ ପ୍ରତିଯୋଗିତାଟିକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଏବଂ ସହକାରୀ ଜିଲ୍ଲାପାଳ ଆଦିତ୍ୟ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ମାନେ ନରସିଂହ ସ୍ୱାମୀ ନାଇଡୁଙ୍କ ନିର୍ଦ୍ଦେଶରେ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାର ସମସ୍ତ ବିଜେତା ଓ ଉପବିଜେତା ଦଳ ମାନଙ୍କୁ ଆସନ୍ତା ଜିଲ୍ଲା ଲୋକ ମହୋତ୍ସବ ସମୟରେ ପୁରସ୍କାର ଦେଇ ସମ୍ମାନିତ କରାଯିବ ।

## ସ୍ୱଳ୍ପ ସଂଚୟରେ ଗଞ୍ଜାମ ଜିଲ୍ଲା ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ବିଜେତା

ଛତ୍ରପୁର, ୦୭/୦୧ (ନି.ପ୍ର): ଓଡିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା ସିରିଜ୍‌ର ଉଠାଣ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଗତ ତା. ୦୭.୦୭.୨୦୨୨ ରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ଲଟେରୀ ଉଠାଣରେ ସର୍ବ ମୋଟ୍ ୨୪୨୮ ଗୋଟି ପୁରସ୍କାର ଘୋଷଣା ହୋଇଥିଲା । ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦୁଇଟି ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ନଗରର ଦୁଇଗୋଟି ପରିବାରକୁ ମିଳିଛି । ଯାହାକି ଗୋଟିଏ ଜିଲ୍ଲାରୁ ହିଁ ଦୁଇଜଣଙ୍କୁ ପ୍ରଥମ ଓ ଦ୍ୱିତୀୟ ମିଳିବା ପ୍ରଥମ ଘଟଣା । କେ. ସୁକେସିନି ପାତ୍ର ଓ କେ. ପ୍ରଭୁକୃପା ପାତ୍ରଙ୍କୁ ପ୍ରଥମ ପୁରସ୍କାର ରାଶି ପାଂଚଲକ୍ଷ ଟଙ୍କା ମିଳିଥିବା ସ୍ଥଳେ ଦ୍ୱିତୀୟ ପୁରସ୍କାରଟି ମଧ୍ୟ ସେହି କବିସୂର୍ଯ୍ୟନଗର ବ୍ଲକ୍ ର ମାନସ ଗୌଡଙ୍କୁ ତିନି ଲକ୍ଷ ଟଙ୍କା ବିଜେତା ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହି ବିଜେତା ଦ୍ୱୟଙ୍କୁ ବ୍ୟାଙ୍କ ଚେକ୍ ପ୍ରଦାନ କରି ସ୍ୱଳ୍ପ ସଂଚୟ ଦିଗରେ ଜନ ସାଧାରଣ ଅଧିକ ବିନିଯୋଗ କରିବା ନେଇ ପ୍ରୋତ୍ସାହିତ କରିଥିଲେ । ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ହରି ଚରଣ ମିଶ୍ର ଜିଲ୍ଲାରେ ସ୍ୱଳ୍ପ ସଂଚୟ ଜମାକାରୀ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏଧିକ ତତ୍ପରତା ଯୋଗୁଁ ଜିଲ୍ଲାପାଳ ଶ୍ରୀ ପରିଡା ଶ୍ରୀ ମିଶ୍ରଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଆଗକୁ ଏହିଭଳି ଗଞ୍ଜାମ ବାସୀ ସ୍ୱଳ୍ପ ସଂଚୟ ଦିଗରେ ଅଧିକ ସାମିଲ ହେବାକୁ କହିଥିଲେ । ଅଧିକ ଅପବ୍ୟୟକୁ ରୋକି ପ୍ରତ୍ୟେକ ପରିବାର ସ୍ୱଳ୍ପ ସଂଚୟ ଦିଗରେ ଆକୃଷ୍ଟ ହେଲେ ସେମାନଙ୍କ ଜମା ପୁଞ୍ଜି ଆବଶ୍ୟକ ସ୍ଥଳେ ବିନିଯୋଗ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ କବି ସୂର୍ଯ୍ୟନଗରର ସ୍ୱକୃତୀ ପ୍ରାପ୍ତ ପୋଷ୍ଟାଲ ଅକ୍ଷୟ କୁମାର ଦାସ ସ୍ୱଳ୍ପ ସଂଚୟ ବିଭାଗର ମାମାଲି ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ

# କୋଚ୍ ଶିବପ୍ରସାଦ ପଟ୍ଟନାଏକ ସ୍ମାରକୀ ଫୁଟବଲ ଉଦ୍‌ଯାପିତ : ଖଲିଆପାଲି ଚମ୍ପିଆନ୍

ବଲାଙ୍ଗିର, ୦୭/୦୧ (ନି.ପ୍ର): ବଲାଙ୍ଗିର ନିକଟସ୍ଥ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମ ଠାରେ ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଖଲିଆପାଲି ଓ ସ୍ପୋର୍ଷ୍ଟ ହଷ୍ଟେଲ ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ ତୃତୀୟ ବର୍ଷ କୋଚ ଶିବ ପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଗତକାଲି ଖଲିଆପାଲି ଟ୍ରାଇବ୍ରେକର୍ ସଡନ୍ ଡେଥ୍ ଜରିଆରେ ତେନ୍ତୁଲିଖୁଣ୍ଟିକୁ ହରାଇ ଚାମ୍ପିୟନ ହୋଇଛି । ମୁଖ୍ୟ ଅତିଥି ଭାବେ ମହମ୍ମଦ ସହୀଦ ଜବାର ଓଡିଶା ପୋଲିସ କୋଚ୍ କଟକ ତଥା ଭାରତୀୟ ମହିଳା ଫୁଟବଲ କୋଚ୍ ଯୋଗ ଦେଇଥିବା ବେଳେ ବିଜୟ ପ୍ରକାଶ ବାବୁ ପୂର୍ବତନ ପୋଲିସ କମାଣ୍ଡଂଟ, ଭବାନୀ ଶଙ୍କର ସେଠ୍ ଆସିଷ୍ଟାଣ୍ଡ କମାଣ୍ଡେଂଟ ପୋଲିସ ଝାରସୁଗୁଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅଜିତ ପାଲ, ସୁପ୍ରିମ ଟାକ୍ସ ନିର୍ଦ୍ଦେଶକ । ସମାଜସେବୀ ସଞ୍ଜୀବ ରଞ୍ଜନ ସେଠ୍ ଜିଲ୍ଲା ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା, ଜିଲ୍ଲା କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ପୂର୍ବ ଖେଳାଳି ସୁରେଶ କୁମାର ମହାରଣା ଓ ପ୍ରକୃତି ବନ୍ଧୁ ଦିଗାମ୍ବର ନାଏକ ପ୍ରମୁଖ ମଂଚାସୀନ ଥିଲେ । କମିଟି ସଭାପତି ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସଭାରେ ସମ୍ପାଦକ ଅଭିମନ୍ୟୁ ପାଣ୍ଡେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଓ ଅତିଥିଗଣ ଚାମ୍ପିୟନ ଖଲିଆପାଲି ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପ ବିଜେତା ତେନ୍ତୁଲିଖୁଣ୍ଟି ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ ।

ଖେଳକୁ ସଂଜିବ ମହାରଣା, ସୁଧାଂଶୁ ସେଠ୍, ପ୍ରଫୁଲ୍ଲ ବଗର୍ତି ଓ ନୀସର କାନ୍ତ ନାଗ୍ ପରିଚାଳନା କରିଥିଲେ । ଗିରି ପାଉଲେ, ବିଶ୍ୱନାଥ ସୁନା, ଜନାର୍ଦ୍ଦନ ପାଣ୍ଡେ, କହ୍ନାଇ ଗଡତିଆ, ପ୍ରସାନ୍ତ ପଧାନ, ସୂର୍ଯ୍ୟମଣୀ ସୁନା, ସଚ୍ଚିଦାନନ୍ଦ ଭୁକ୍ତା, ଅନୁପ କୁମାର ସାଏ, ଶୁକଦେବ ସାହୁ, ଚିତ ବିଶ୍ୱାଳ, ବିକାଶ ପ୍ରଧାନ, ମନ ବିଶ୍ୱାଳ, ମଧୁସୁଦନ ସୁନା, ହେମସାଗର ମହାନନ୍ଦ, ସିଂଙ୍କୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଅତିଥି ଗଣ ସମସ୍ତ ରେଫରି, କୃତିତ୍ୱ ହାସଲ କରିଥିବା ଖେଳାଳି, ପୂର୍ବ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ସହ ହତ୍ୟା ଧମକ ଦେଲେ ଶିକ୍ଷକ: କୋଟାଗଡ଼ ଥାନାରେ ଏତଲା

କନ୍ଧମାଳ, ୦୭/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ପାରିଗଡ଼ ପଞ୍ଚାୟତର ଗୁଡୁମିଲା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ସୂଚନା ଅନୁଯାୟୀ, ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ରୂପ ସ୍କୁଲ ସମୟରେ ଶ୍ରେଣୀଗୃହରେ ନାହାନ୍ତି ଶିକ୍ଷକ ଫଳରେ ବିଲମାଳରେ ବୁଲୁଛନ୍ତି କୁନି କୁନି ଛାତ୍ରଛାତ୍ରୀ ମାନେ, ପଛୁଆ ବର୍ଗର ଲୋକ ରହୁଥିବା ଗୁଡୁମିଲା ଗ୍ରାମରେ ଏକ ପ୍ରାଥମିକ ସ୍କୁଲ ରହିଛି । ଗତ ମଙ୍ଗଳବାର ଦିନ ଅପରାହ୍ଣ ପ୍ରାୟ ୨ ଟା ସମୟରେ ଦୁଇ ଜଣ ଗଣମାଧମ ପ୍ରତିନିଧି ସେହି ଗାଁ ଦେଇ ଯାଉଥିବାବେଳେ ସ୍କୁଲର ସମସ୍ତ ପିଲା ଏଣେତେଣେ ବୁଲୁଥିବା ଦେଖିବାକୁ ପାଇଥିଲେ । ତେଣୁ ଏହା ଶିକ୍ଷକଙ୍କୁ ଜଣାଇବା ପାଇଁ ସ୍କୁଲକୁ ଯାଇଥିଲେ । ତେବେ ସେହି ସମୟରେ ସ୍କୁଲରେ ଜଣେ ମଧ ଶିକ୍ଷକ ନ ଥିଲେ । ଜଣେ ମାତ୍ର ଶିକ୍ଷକ ସ୍କୁଲରେ ପହଞ୍ଚିବାର କିଛି ସମୟ ପରେ କେଉଁ ଆଡ଼େ ଯାଇଥିଲେ ଏ ପର୍ଯ୍ୟନ୍ତ ଫେରି ନାହାନ୍ତି ବୋଲି ବାହାରେ ବୁଲୁଥିବା ପିଲାମାନେ କହିଥିଲେ, ଏହା ଏକ ସମ୍ବେଦନଶୀଳ ବିଷୟ ହୋଇ ଥିବାରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପାଇଁ ସାମ୍ବାଦିକ ଦୁଇ ଜଣ ସ୍କୁଲର କିଛି ଫଟୋ ଉଠାଇ ଥିଲେ । ହେଲେ ଏହି ସମୟରେ ଗୁଡୁମିଲାରୁ ପ୍ରାୟ ଦୁଇ କିଲୋମିଟରେ ଦୂରରେ ଥିବା ଲାଞ୍ଜାମ ଗାଁରେ ଥିବା ସ୍କୁଲର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ସେହି ରାସ୍ତା ଦେଇ ଯାଉଥିଲେ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜଗବନ୍ଧ ନାୟକ ମଧ ସ୍କୁଲ ସମୟରେ ପିଲାମାନଙ୍କୁ ଏକୁଟିଆ ଛାଡ଼ି ବାହାରେ ବୁଲୁଥିଲେ । ତେଣୁ ଦୁର୍ନୀତିଖୋରକୁ ଆଉ ଜଣେ ଦୁର୍ନୀତିଖୋର ସମର୍ଥନ କରିବା ଭଳି ଜଗବନ୍ଧୁ ନାୟକ ଦୁଇ କାର୍ଯ୍ୟରତ ସମ୍ବାଦିକଙ୍କ ଉପରେ ରାଗି ପଞ୍ଚମ ହୋଇଯାଇଥିଲେ । ନିଜ ତଥା ଗୁଡୁମିଲା ସ୍କୁଲ ଶିକ୍ଷକଙ୍କ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଗଣମାଧମ ପ୍ରତିନିଧିମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ ଓ ଜଣେ ଗଣମାଧମ ପ୍ରତିନିଧିଙ୍କ ହେଲମେଟ କୁ ଭାଙ୍ଗି ଦେଇଥିଲେ । ଖାଲି ସେତିକି ନୁହେଁ କଟୁରୀରେ ହାଣି ମାରିଦେବାକୁ, ଗୁଣ୍ଡା ଭଳି ଧମକ ଦେଉଛନ୍ତି ଶିକ୍ଷକ ଜଗବନ୍ଧୁ ନାୟକ । ଏଭଳି ଅସାମାଜିକ ଶିକ୍ଷକ ପିଲାମାନଙ୍କୁ କି ଶିକ୍ଷା ଦେଉଥିବା ତାହା ସହଜରେ ଅନୁମେୟ । ଶିକ୍ଷକଙ୍କ ଏଭଳି ଆଚରଣକୁ ନେଇ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଅନ୍ୟପଟେ ଆକ୍ରମଣର ଶିକାର ହୋଇଥିବା ଦୁଇ ଗଣମାଧମ ପ୍ରତିନିଧି ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ କୋଟଗଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସେହିଭଳି ଆକ୍ରମଣକାରୀ ଶିକ୍ଷକଙ୍କ ନାଁରେ କୋଟଗଡ଼ ଥାନାରେ ଏତଲା ମଧ ଦେଇଛନ୍ତି । ଶିକ୍ଷକ ଜଗବନ୍ଧୁ ନାୟକଙ୍କ ଏଭଳି କାରନାମାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି ।

## ଧାନ ସଂଗ୍ରହ ନିମିତ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ

ପୁରୀ, ୦୭/୦୧ (ନି.ପ୍ର): ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ କୁ ସୁନିୟନ୍ତିତ କରିବାକୁ ଉପଜିଲ୍ଲାପାଳ ଭବତାରଣ ସାହୁ ପରାମର୍ଶ ଦେଇଛନ୍ତି । ଆଜି ଅପରାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଉପଜିଲ୍ଲାପାଳ ଶ୍ରୀ ସାହୁ ଙ୍କ ଅଧକ୍ଷତା ରେ ସମସ୍ତ ମିଲର, ଏମ ଆଇ, ପି ଆଇ, ଆରମସି ସମ୍ପାଦକ, ଙ୍କୁ ନେଇ ୨୦୨୨-୨୩ ଖରିଫ ଧାନ ସଂଗ୍ରହ କିଭଳି ସୁଚାରୁରୂପେ ସମ୍ପାଦିତ ହୋଇପାରିବ ଏଥି ନିମନ୍ତେ ଏକ ପସ୍ତୁତି ବୈଠକ ତଥା ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଧାର୍ଯ୍ୟ କରାଯାଇଥିବା ମାର୍ଗଦର୍ଶିକା ଆଧାର ରେ ଧାନ ସଂଗ୍ରହ କରିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । କୌଣସି କ୍ଷେତ୍ରରେ ଚାଷୀମାନେ ଧାନ ବିକ୍ରି ସମୟରେ ଯେପରି ହଇରାଣ ନ ହୁଅନ୍ତି ଓ ଅଭାବୀ ବିକ୍ରି ର ସମସ୍ୟା ନ ହୁଏ ସେଥିପ୍ରତି କଡା ନଜର ରଖିବାକୁ ସେ ଟାସ୍କଫୋର୍ସ କମିଟିର ସମସ୍ତେ ସଦସ୍ୟ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ରେ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଧାନ ସଂଗ୍ରହର ମାନଦଣ୍ଡ ଓ କାର୍ଯ୍ୟ ସୂଚୀ ପ୍ରଦାନ ସହ ବୈଠକ ପରିଚାଳନା କରିଥିଲେ । ବୈଠକରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାବୁଡା ସିଂହ ଧାନ କ୍ରୟ ଜନିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ

ଝାରସୁଗୁଡା, ୦୭/୦୧ (ନି.ପ୍ର): ଭାରତର ନିର୍ବାଚନ ଆୟୋଗଙ୍କ ଅନୁମୋଦନ କ୍ରମେ ୧ଜାନୁଆରୀ, ୧ ଅପ୍ରେଲ , ୧ଜୁଲାଇ ଓ ୧ ଅକ୍ଟୋବର, ୨୦୨୩କୁ ଯୋଗ୍ୟତା ସୂଚକ ତାରିଖ ରୂପେ ଗ୍ରହଣ କରାଯାଇ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତଦନୁଯାୟୀ ଆଜି ୦୬- ବ୍ରଜରାଜନଗର ଓ ୦୭- ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ବୁଥ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ ଓ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶିତ ହୋଇଛି । ସମସ୍ତ ପଞ୍ଜୀକୃତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ ଏହି ତାଲିକା ପ୍ରଦାନ କରାଯାଇଛି । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ପୂର୍ବରୁ ଝାରସୁଗୁଡା ଜିଲ୍ଲାର ମୋଟ ପଞ୍ଜୀକୃତ ଭୋଟର ସଂଖ୍ୟା ୪୩୪୧୨୯ ରହିଥିଲା । ସଂଶୋଧନ କାର୍ଯ୍ୟକ୍ରମ ଅନୁସାରେ ନୂତନ ନାଁ ସଂଯୋଗ ନିମନ୍ତେ ୩୫୩୪ ଜଣ, ନାମ ବାଦ ଦେବା ନିମନ୍ତେ ୩୪୭୪ଜଣ, ନାମ ସଂଶୋଧନ ତଥା ସ୍ଥାନ ପରିବର୍ତ୍ତନ ନିମନ୍ତେ ୧୩୫୪ଟି ଆବେଦନ ଅନୁମମୋଦନ କରାଯାଇଛି । ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ଜିଲ୍ଲାରେ ସର୍ବମୋଟ ୪୩୩୩୫୪ଜଣ ଭୋଟର ପଞ୍ଜୀକୃତ ଥିବା ବେଳେ ତନ୍ମଧ୍ୟରୁ ୨୧୯୦୬୭ଜଣ ପୁରୁଷ , ୨୧୪୨୧୦ଜଣ ମହିଳା ଓ ୭୭ଜଣ ତୃତୀୟ ଲିଙ୍ଗ । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ମୋଟ ପୁରୁଷ ଭୋଟର ସଂଖ୍ୟା ୧୦୮୩୦୬ , ମହିଳା ଭୋଟର ସଂଖ୍ୟା ୧୦୩୧୯୪ ଓ ୧୬ଜଣ ତୃତୀୟ ଲିଙ୍ଗ ଭୋଟରକୁ ମିଶାଇ ମୋଟ ଭୋଟର ସଂଖ୍ୟା ୨୧୧୫୧୬ ଥିବା ବେଳେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ୧୧୦୭୬୧ , ମହିଳା ଭୋଟର ୧୧୧୦୧୬ ପ ତୃତୀୟ ଲିଙ୍ଗ ଭୋଟର ୬୧ଜଣଙ୍କୁ ମିଶାଇ ମୋଟ ଭୋଟର ୨୨୧୮୩୮ ଜଣ ରହିଛନ୍ତି ।

# କନକପୁର ଗ୍ରାମରେ ୮୦ ପରିବାର ମିଳିତ ଭବରେ ପାଳନ କଲେ ପୁସପୁନି ତିହାର

ବଲାଙ୍ଗିର , ୦୭/୦୧ (ନି.ପ୍ର): ସଂପ୍ରତି ଗାଁ ଗାଁରେ ଲୋକଙ୍କ ମଧ୍ୟରେ ମତଭେଦ ଥିବାବେଳେ କନକପୁର ଗ୍ରାମରେ ଆଜି ମିଳିତ ଭବରେ ତିହାର ପାଳିଥିବା ଦେଖାଦେଉଛି । ଗାଁ ଗୁଡ଼ିକରେ ଲୋକଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ରହି ଗାଁମାନଙ୍କରେ ଅଶାନ୍ତି ଦେଖାଦେଉଛି । କିନ୍ତୁ ବଲାଙ୍ଗୀର ସଦରବ୍ଲକ ଅନ୍ତର୍ଗତ ଜନକପୁର ଗାଁ ଏକ ନିଆରା ଗାଁ ପାଲଟିଛି । ଦୀର୍ଘବର୍ଷ ହେଲା ଏହି ଗାଁରେ ଗ୍ରାମର ସମସ୍ତେ ମିଳିତ ଭାବରେ ପୁଷପୁନି ତିହାରକୁ ପାଳନ କରିଆସୁଛନ୍ତି । ଆଜି “ଛେରଛେର ବୁଢୀ ଛେରଛେରା” ଡାକରେ ଗାଁ କମ୍ପିଉଠୁଥିଲା । ବାଦ୍ୟର ତାଳେ ତାଳେ ନାଚଗୀତ, ଭୋଜିଭାତର ଆସର ଜମିଥିଲା । ଗାଁର ଗଉଁତିଆ ପରିବାର ଗ୍ରାମବାସୀଙ୍କୁ ନେଇ ପୁଷପୁନିକୁ ଧୁମଧାମରେ ପାଳନ କରିଛନ୍ତି । ଗାଁରେ ମୋଟ ୮୦ଟି ପରିବାର ରହୁଥିବା ବେଳେ ସମସ୍ତେ ଏହି ତିହାରକୁ ମିଳିତ ଭାବରେ ଆବାଳ ବୃଦ୍ଧବନିତା ପାଳନ କରୁଛନ୍ତି । ପୁଷପୁନି ଏକ କୃଷିଭିତ୍ତିକ ପର୍ବ । ଗ୍ରାମର ପ୍ରାୟଲୋକ କୃଷିଜୀବୀ ଅଛନ୍ତି । ଏହି ଗାଁରେ ପୂର୍ବରୁ କୃଷକନେତା ସ୍ୱର୍ଗତ ଡ.ସୁଧିରକୁମାର ପରିଛା ଗ୍ରାମବାସୀଙ୍କୁ ସମ୍ମିଳିତ କରି ପୁଷପୁନିକୁ ଧୂମଧାମରେ ପାଳନ କରୁଥିଲେ । ଗତବର୍ଷ ତାଙ୍କର ଦେହାନ୍ତ ହୋଇଗଲା ପରେ ତାଙ୍କ ସାନଭାଇ ସୌମେନ୍ଦ୍ର ପରିଛା(ଚଗଲା)ଙ୍କ ନେତୃତ୍ୱରେ ଏବର୍ଷ ପୁଷପୁନି ପାଳିତ ହୋଇଛି । ପୁଷପୁନି ଦିନ ପଶ୍ଚିମଓଡିଶାର ଘରେ ଘରେ ପିଠାମଣ୍ଡା କରାଯାଇ ଏହି ପର୍ବକୁ ପାଳନ କରାଯାଇଥାଏ । କିନ୍ତୁ ଜନକପୁର ଗାଁରେ ଗାଁର ମହିଳାମାନେ ଗତକାଲିଠୁ ମିଳିତ ଭାବରେ ଚାଉଳରେ ଚୁନାକରି ତାକୁ ପୁରଦେଇ ମଣ୍ଡା ତିଆରି କରିଥିଲେ । ଆଜି ଠିକ ୧୧ଟା ବେଳେ ଗ୍ରାମର କଳାକାରମାନେ ଢୋଲ, ନିସାନ, ତାସା ଧରି ବାଦ୍ୟବଜାଇ ଛେରଛେରା ମାଗିଥିଲେ । ସେମାନେ ଗ୍ରାମର ପ୍ରତ୍ୟେକଘରକୁ ପହଞ୍ଚି ଛେରଛେରା ମାଗିଥିଲେ । ଗ୍ରାମବାସୀ ଖୁସିରେ ତାଙ୍କୁ ମଣ୍ଡା, ପିଠା, ଚାଉଳ, ଟଙ୍କା ଦେଉଥିଲେ । ଗ୍ରାମୀଣ ସଂସ୍କୃତିକୁ ଆଜି ମଧ୍ୟ ଏହି ଗାଁ ବଞ୍ଚାଇ ରଖିଛି । ଏହି ତିହାର ଆମକୁ ଏକତ୍ରୀତ କରୁଛି ଓ ସମସ୍ତେ ସମସ୍ତଙ୍କ ସୁଖଦୁଃଖରେ ସହଭାଗୀ ହୋଇପାରୁଛୁ ବୋଲି ଆୟୋଜକ ସୌମେନ୍ଦ୍ର ପରିଛା(ଚଗଲା) କହିଛନ୍ତି । କେବଳ ପୁଷପୁନି ନୁହେଁ ଗାଁରେ ନୁଆଖାଇ, ଛାଡଖାଇ, କାଦୋଯାତ୍ରା ଇତ୍ୟାଦିରେ ମଧ ଗ୍ରାମବାସୀ ମିଳିତ ଭାବରେ ପାଳନ କରୁଛନ୍ତି । ଆଜି ଗ୍ରାମର ମହିଳାମାନେ ପର୍ଲାରେ ମଣ୍ଡାପିଠା ବୋହି ଭୋଜିସ୍ଥଳକୁ ଆଣିଥିଲେ । ପ୍ରଥମେ ମହିଳା ଓ ଶିଶୁମାନେ ଭୋଜିରେ ବସିଥିଲେ । ସେମାନେ ଖାଇସାରିଲା ପରେ ପୁରୁଷମାନେ ଖାଇଥିଲେ । ମୋଟ ୪୦୦ ଲୋକରୁ ଅଧିକ ଏଠାରେ ସମ୍ମିଳିତ ହୋଇଥିଲେ ।

## ଇନ୍ଦୁପୁରରେ ଖୋଲିଲା ଧାନ ମଣ୍ଡି

କେନ୍ଦ୍ରାପଡ଼ା, ୦୭/୦୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଠାରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡିକୁ ଆନୁଷ୍ଠାନିକ ଭାବେ ସମିତିର ସଭାପତି ରୁଦ୍ର ପ୍ରସାଦ ଦାଶ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି, ଉପ ସଭାପତି ସୁଷମା ସେଠୀ, ଚାଷୀ ଦୁହ୍ଲନ୍ତ ପରିଡା, ଚନ୍ଦ୍ର ଶେଖର ସିଂହ, କଳାକାର ମଲିକ, ମଦନ ମୋହନ ରାଉତ, ଲିଙ୍ଗରାଜ ଜେନାଙ୍କ ସମେତ ଶତାଧିକ ଚାଷୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମଣ୍ଡିକୁ ଧାନବିକ୍ରି କରିବା ପାଇଁ ଆସୁଥିବା ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ଏହି ଉତ୍ସବରେ ଆଲୋଚନା କରାଯଇ ଥିବା ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ପ୍ରକାଶ କରିଛନ୍ତି ।

# ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନ, ୦୭/୦୧ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ୪୫ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୧୦୦ ମିଟର ଦୌଡ , ଲମ୍ବ ଡିଆଁ , ଉଚ୍ଚ ଡିଆଁ , ଡିସକସ ଥ୍ରୋ, ଜାଭେଲିନ ଥ୍ରୋ ,ମ୍ୟୁଜିକ ଚେୟାର ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା । ଯୁକ୍ତ ଦୁଇ ବାଳିକା ବିଭାଗରେ ଝିଲ୍ଲୀ ବାରିକ, ଯୁକ୍ତ ଦୁଇ ବାଳକ ବିଭାଗରେ ଜ୍ଞାନଜ୍ୟୋତି ମଲ୍ଲିକ, ଯୁକ୍ତ ତିନି ବାଳିକା ବିଭାଗରେ ସୋନାଲି ପଣ୍ଡା ଓ ଯୁକ୍ତ ତିନି ବାଳକ ବିଭାଗରେ ପ୍ରଭାତ ସାହୁ ଚାମ୍ପିଅନ ହୋଇଥିଲେ । ଅଧକ୍ଷ ଅଜିତ କୁମାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଓ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିବା ସହ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର ଙ୍କ ସମେତ କ୍ରୀଡା ଉପସଭାପତି ଅଧ୍ୟାପକ ପ୍ରଭାତ କୁମାର ଜେନା, ଅଲେଖ ପାତ୍ର, ଦୁର୍ଯ୍ୟୋଧନ ଜେନା, ସଂଜୟ କୁମାର ସାହୁ, କଳ୍ପତରୁ ସାହୁ, ଧନି ମୁର୍ମୁ , ହେମନ୍ତ କୁମାର ରାଉତ, ଅଧ୍ୟାପିକା ସଂଘମିତ୍ରା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ କୈଳାସ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦୁର୍ଘଟଣାଗସ୍ତ ରୋଗୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

କେନ୍ଦ୍ରାପଡ଼ା, ୦୭/୦୧ (ନି.ପ୍ର): କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଦୁର୍ଘଟଣା ଗସ୍ତ ରୋଗୀଙ୍କୁ ଭେଟି ସହଯୋଗର ହାତ ବଢାଇଥିବା ଜଣାପଡିଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଢିଅପଡା ପଂଚାୟତର ସମାଜସେବୀ ଗୌତମ ପରିଡା ଏକ ସଡକ ଦୁର୍ଘଟଣାରେ ଗୁରୁତର ଭାବରେ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ପୂର୍ବତନ ବିଧାୟକ ଶ୍ରୀ ତରାଇ ମୁଖ୍ୟ ଚିକିତ୍ସାଳୟରେ ପହଁଚି ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ଜାନୁଆରୀ, ୨୦୨୩
email : rabibarachayan2015@gmail.com

# ର ବି ବା ର ଚ





......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୦୫**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏଥିରେ ବରର ଦାମ୍ ବଢ଼ିଯାଉଅଛି। ଜଣେ ସରକାରୀ ଚାକିରିଆ ବରକୁ ସମସ୍ତେ କନ୍ୟା ଯାଚୁଛନ୍ତି। ପାଠଶେଷ ନ ହେଉଣୁ ବରମାନେ ଲୋଲୁପଦୃଷ୍ଟିରେ କନ୍ୟା ଦାୟଗ୍ରସ୍ତ ପିତାକୁ ବିବ୍ରତ କରୁଅଛନ୍ତି। ପଣ ପ୍ରଥା ଅତର୍କିତ ଭାବରେ ସମାଜରେ ପ୍ରବେଶ କରିବାକୁ ଚେଷ୍ଟା କରୁଅଛି। ଯେଉଁ ପ୍ରଥାରେ ବଙ୍ଗଦେଶ ଜର୍ଜରିତ, ଯେଉଁ ପ୍ରଥାଯୋଗୁଁ କେତେକ କନ୍ୟାପିତାଙ୍କୁ ଦାୟରୁ ମୁକ୍ତ କରିବା ସକାଶେ କେତେକ ବଙ୍ଗ ଯୁବତୀ ଆତ୍ମହତ୍ୟା କରି ବଙ୍ଗ ଯୁବକ ଓ ଅଭିଭାବକମାନଙ୍କ କଳଙ୍କ ପ୍ରଚାର କରୁଅଛନ୍ତି; ଯେଉଁ ପୈଶାଚିକ ପ୍ରଥାକୁ ସମୂଳେ ଉତ୍ପାଟନ କରିବାକୁ ସର୍ବତ୍ର ଉଦ୍ୟମ ଚାଲିଅଛି, ଆଜି ଆମଜୀବନ ଦରିଦ୍ର ସମାଜରେ ଏହାର ଅଙ୍କୁରାରୋପଣ ହେବାକୁ ଯାଉଅଛି। ଆଜି ଆମମାନଙ୍କ ଦରିଦ୍ର ସମାଜରେ ଏହାର ଅଙ୍କୁରାରୋପଣ ହେବାକୁ ଯାଉଅଛି। ଏହି ବିଷୟ ଜୀବନକୁ ଏକାବେଳକେ ବିନଷ୍ଟ କରିବା ସମସ୍ତଙ୍କ କର୍ତ୍ତବ୍ୟ।

ସମ୍ବଲପୁରରେ ସାରଦା ଆଇନ ଆଉ ଗୋଟିଏ କୁଫଳ ଦୃଷ୍ଟି ହେଉଅଛି। ଏହା କେତେକ ସ୍ଥଳରେ ପରସ୍ପର ମଧ୍ୟରେ ବିବାଦ ବିସମ୍ବାଦ ସୃଷ୍ଟି କରୁଅଛି। କେହି ଜଣେ ଗୋଟିଏ ଉପଯୁକ୍ତ ପାତ୍ର ନିଜ କନ୍ୟା ସକାଶେ ଅନ୍ୱେଷଣ କଲାବେଳକୁ ଆଉ ଜଣେ କନ୍ୟାଦାୟଗ୍ରସ୍ତ ବ୍ୟକ୍ତି ତାକୁ ଛଡ଼େଇ ନେବାପାଇଁ ଚେଷ୍ଟା କରୁଅଛନ୍ତି। ଏହାଯୋଗୁଁ ପ୍ରକାଶ୍ୟରେ ନହେଲେ ହେଁ ପରୋକ୍ଷରେ ଚାଲିଲା ଫନ୍ଦି, ଫିସାଦ ଓ ଅନନ୍ୟୋପାୟ ହୋଇ ନିଲାମ ଡାକ। ଏହାର ସଂଖ୍ୟା କମ୍ ନୁହେଁ। କେତେକ ସ୍ଥଳରେ ସାରଦା ଆଇନ ଜାରିହେବା ପୂର୍ବରୁ ଯେଉଁ ପାତ୍ର ସ୍ଥିରହୋଇ ରହିଥିଲା, ତାହାକୁ ସୁଦ୍ଧା ଭଙ୍ଗାଇ ଦେବା ଦୃଷ୍ଟାନ୍ତ ବିରଳ ନୁହେଁ। ଏଥିରେ କୌଣସି ଯୋଗାଡ଼ିଆ ଅଭିଭାବକ ନିଜ କନ୍ୟା ସକାଶେ କୃତକାର୍ଯ୍ୟ ହୋଇପାରିଲା ତ ପିଲାଦିନରୁ ଯେଉଁ କନ୍ୟାର ବିବାହ ସ୍ଥିର ହୋଇ ରହିଥିଲା ସେ ଅବିବାହିତ ରହିଲା। ବୟଃପ୍ରାପ୍ତ ହୋଇ ଯାଇଥିବା ଯୋଗୁଁ ତାହାର ଅନୁରୂପ ପାତ୍ର ସମାଜରେ ଖୋଜିଲେ ଆଉ ମିଳିଲା ନାହିଁ। ଏ ସମସ୍ତ ସମବେତ କାରଣରୁ ଆଜି ସମ୍ବଲପୁରରେ ପ୍ରାପ୍ତବୟସ୍କା ଅବିବାହିତା କନ୍ୟାଙ୍କ ସଂଖ୍ୟା ଅଳ୍ପ ନୁହେଁ। କେହି ବିପତ୍ନୀକ ହେଲେ ଗୋଟିଏ ଯୋଡ଼ିଏ ବିବାହ ହୋଇ ଯାଉଅଛନ୍ତି । କାହାରି ଘରେ ବହୁ ପୀଡ଼ିତା ହେବା ମାତ୍ରକେ ଉଦ୍‌ଗ୍ରୀବ ନେତ୍ରରେ କେହି କେହି ଚାହିଁ ବସିଛନ୍ତି ସେ ବଂଚିବ କି ମରିବ । ମଲେ ତାହା ଝିଅକୁ ସେ ତତ୍‌କ୍ଷଣାତ୍ ଦେଇଦେବେ । କୌଣସି କୌଣସି ଗଣ୍ୟମାନ୍ୟ ଧନାଢ୍ୟ ବ୍ୟକ୍ତି ସ୍ୱାମୀ ସ୍ତ୍ରୀ ମଧ୍ୟରେ ସାମୟିକ ମନମାଳିନ୍ୟର ସୁଯୋଗ ନେଇ ନିଜ ପ୍ରତିପତ୍ତି ଓ ବିଭବ ଦ୍ୱାରା ସ୍ୱାମୀକୁ ବଶିଭୂତ କରି ତାହାକୁ ନିଜ କନ୍ୟା ଦେଇ ପୂର୍ବ ସ୍ତ୍ରୀର ଜୀବନକୁ ବିପନ୍ନ କରିଥିବା କଳଙ୍କମୟ ଦୃଷ୍ଟାନ୍ତର ମଧ ଅଭାବ ନାହିଁ ।

ଏଥିରେ ଉପାୟ କଣ? ଏ ସମ୍ବନ୍ଧରେ ସର୍ବଦା ଚିନ୍ତା କରିବାକୁ ହେଲା । ସମାଜ ନେତାମାନଙ୍କ ମଧ୍ୟରେ ଏ ବିଷୟ ପ୍ରଣିଧାନ ଯୋଗ୍ୟ ବିବେଚିତ ହେଲା । ଆଜି ସୁଦ୍ଧା ସମ୍ବଲପୁର ବ୍ରାହ୍ମଣସମାଜ ଏ ବିଷୟରେ ଚିନ୍ତାନ୍ୱିତ ଦେଖାଯାଉଅଛି । ସମ୍ବଲପୁରରେ ପୁଅ ଅପେକ୍ଷା ଝିଅ ସଂଖ୍ୟା ଅଧିକ । ଏହାମଧ ଉପଯୁକ୍ତ ଅବସ୍ଥାର ଅନ୍ୟତମ କାରଣ । ଏତେଗୁଡ଼ିଏ ଝିଅ ଯେ ଅନେକ ପରିବାରରେ ରହିଯାଉଅଛନ୍ତି । ନିକଟ ଭବିଷ୍ୟତରେ ସେମାନଙ୍କ ପାତ୍ରସ୍ଥ କରିବା ସମ୍ଭାବନା ଦିଶୁନାହିଁ । ସେମାନଙ୍କ ସକାଶେ କି ବ୍ୟବସ୍ଥା କରିବାକୁ ହେବ? ଏ ବିଷୟରେ ସମସ୍ତେ ସଫଳ ଚିନ୍ତା କରିବା ସକାଶେ ମୁଁ ବନ୍ଧୁମାନଙ୍କୁ ପରାମର୍ଶ ଦେଉଥିଲି ଓ ଏବେ ସୁଦ୍ଧା ଦେଇଥାଏ । ମୁଁ ଯେତେଦୂର ଭାବୁଥିଲି ଓ ଅନୁଭୂତି ଅର୍ଜନ କରୁଥିଲି ତହିଁରୁ ନିଜ ନିଜ ଝିଅମାନଙ୍କୁ ପିଲାଦିନରୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଉଥିଲି । ଶିକ୍ଷାପ୍ରାପ୍ତିର ଫଳ ସର୍ବତ ଭାବେ ମଙ୍ଗଳମୟ । ଶିକ୍ଷାପ୍ରାପ୍ତ କନ୍ୟା ପକ୍ଷରେ ବୈଷୟିକ ଜୀବନ ନିଶ୍ଚୟ ଶୁଭଙ୍କର । କୌଣସି କାରଣରୁ କନ୍ୟାକୁ ପାତ୍ରସ୍ଥ କରାଯାଇ ନପାରିଲେ ସୁଦ୍ଧା ସେ ତାହାର ଶିକ୍ଷାର ସଦ୍‌ବ୍ୟବହାର କରି ଜୀବନ ଯାପନ କରିପାରିବ । ଏ ଦିଗରେ ମୁଁ ମୋର ଜୀବନରେ ବହୁ ପରିମାଣରେ ସାଫଲ୍ୟ ଅର୍ଜନ କରିଅଛି ।

ନାରୀ ବୈଧବ୍ୟ, ବିତାଡ଼ନା ଓ ବିବାହିତାର ଅପୂର୍ବାବସ୍ଥା (ଅବିବାହିତାବସ୍ଥା) ଏହି ବିପତ୍ରୟର ଅଧୀନ । ଭାଗ କାହାରି ଆୟତ୍ତାଧିନ ନୁହେଁ । ପ୍ରଥମ ବିପଦ ଅର୍ଥାତ୍ ବୈଧବ୍ୟ ଅନିର୍ବାଯ୍ୟ । ଦ୍ୱିତୀୟ ଓ ତୃତୀୟ ବିପଦର ନିରାକରଣ ଶ୍ରମ ଓ ମନୋବୃତ୍ତି ସାପେକ୍ଷ । ସର୍ବାପେକ୍ଷା ବୈଧବ୍ୟ ପ୍ରପୀଡ଼ିତା ନାରୀ ଯୁବତୀ ଓ ସନ୍ତାନହୀନା ହୋଇଥିଲେ ଶ୍ୱଶୁରାଳୟରେ ତାହାର ସ୍ଥାନ ଅତ୍ୟନ୍ତ ଅନିଶ୍ଚିତ । ଏହାର ପ୍ରମାଣ ଦେୱାନୀ ଓ ଫୌଜଦାରୀ ଅଦାଲତରେ ଭରଣ ପୋଷଣ ସକାଶେ ଏକାଧିକ ମକର୍ଦ୍ଦମା । ଅନେକ ସମ୍ଭ୍ରାନ୍ତ ପରିବାରର ବିଧବା ବହୁ ସୁଦ୍ଧା ବୈଧବ୍ୟର ଅଳ୍ପଦିନ ମଧ୍ୟରେ ବିତାଡ଼ିତା ହୋଇଅଛନ୍ତି । କେତେକ ସ୍ଥଳରେ ସ୍ୱାମୀ ଓ ଶ୍ୱଶୁରଙ୍କ ସହିତ କୌଣସି କାରଣରୁ ମନମାଳିନ୍ୟ ଯୋଗୁଁ ବଧୂ ଶ୍ୱଶୁରାଳୟରୁ ବିତାଡ଼ିତା ହୋଇ ଦୁଃଖମୟ ଜୀବନ ଯାପନ କରୁଥିବା ଦେଖାଯାଇଅଛି । ପୁଣି ସମାଜର ବର୍ତ୍ତମାନ ରକ୍ଷଣଶୀଳ ପରିସ୍ଥିତିରେ ଅନେକ ଝିଅଙ୍କ ବିବାହ ହୋଇପାରୁନାହିଁ । ବିଧବା ବିତାଡ଼ିତା ଓ ଅବିବାହିତା କନ୍ୟା ଅନେକ ସ୍ଥାନରେ ପିତ୍ରାଳୟରେ ଆଶ୍ରିତା ହୋଇ ରହିଅଛନ୍ତି । ଏମାନେ ଚିର ଜୀବନ କଣ ପିତା, ଭ୍ରାତା ଗଳଗ୍ରହ ହୋଇ ରହିବା ଉଚିତ ହେବ? ଏମାନଙ୍କ ଭାବୀ ଜୀବନ ସକାଶେ ପିତାମାତା ଓ ସମାଜ କି କେବେ ଚିନ୍ତା କରୁଅଛନ୍ତି? ଦୁଃଖର ବିଷୟ ସମାଜ ନେତାମାନଙ୍କ ଏ ଦିଗରେ ମନୋଯୋଗ ନାହିଁ । ଏମାନଙ୍କ ମଧ୍ୟରୁ ଅନେକ ଅନ୍ୟ ଅସରା କାର୍ଯ୍ୟରେ ବ୍ୟସ୍ତ । ମୁଁ କହେ ଏମାନଙ୍କ ଭବିଷ୍ୟତ ଜୀବନ ସକାଶେ କେବଳ ବିଦ୍ୟାଶିକ୍ଷା ଏକମାତ୍ର ଅବଲମ୍ବନ। ଶିକ୍ଷାପ୍ରାପ୍ତା ନାରୀ ଶିକ୍ଷାବଳରେ ହିଁ ସାଧୁ ଜୀବନ ଯାପନ କରିପାରିବ । ସତ୍‌କାର୍ଯ୍ୟରେ ତାହାର ସମୟ ଅତିବାହିତ ହୋଇପାରିବ । ଉଦର ପୂରଣ ସକାଶେ କେବେହେଲେ କାହାରି ମୁଖାପେକ୍ଷୀ ହେବାକୁ ହେବନାହିଁ । ଶିକ୍ଷିତା ନାରୀ ହସ୍ତରେ ଦଶର ଓ ଦେଶର ବହୁମୁଖୀ ଉପକାର ସାଧିତ ହୋଇପାରିବ । ପୃଥିବୀରେ ଏଇ ପ୍ରଗତୀଶୀଳ ଯୁଗରେ ସର୍ବତ୍ର ନାରୀଶିକ୍ଷାରେ ଯେଉଁ ମହାମନ୍ତ୍ର ଘୋଷିତ ହେଉଅଛି ଆମ୍ଭମାନଙ୍କ ଏହି କ୍ଷୁଦ୍ର ସମାଜ ଯେତେ ଅନୁନ୍ନତ ଓ ପଶ୍ଚାଦ୍‌ପଦ ହେଇଥାଉନା କାହିଁକି ତହିଁର ମଙ୍ଗଳମୟ ପ୍ରଭାବରୁ କଣ ବଂଚିତ ହୋଇରହିବ? ଏହି ମହାମନ୍ତ୍ରରେ ଆଜି ସମସ୍ତେ ଅନୁପ୍ରାଣିତ । ଏହି ମନ୍ତ୍ରଦ୍ୱାରା ଆଜି ସମାଜ ସ୍ପନ୍ଦିତ ହେବାକୁ ବସିଲାଣି । ଉତ୍କଳରେ ସ୍ତ୍ରୀ ଶିକ୍ଷା ଯେପରି କ୍ଷିପ୍ରଗତିରେ ଚାଲିଅଛି ତାହା ଦେଖିଲେ ମନେହୁଏ, ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ପ୍ରତିଯୋଗିତାରେ ଆମ୍ଭମାନଙ୍କ ଏହି କ୍ଷୁଦ୍ର ଉତ୍କଳ ପଶ୍ଚାତ୍ପଦ ହେବନାହିଁ । କେତେକ ରକ୍ଷଣଶୀଳ ପିତା ଓ ଅଭିଭାବକମାନଙ୍କ ନିଷେଧ ସତ୍ତ୍ୱେ କେତେକ ଉଚ୍ଚ ପରିବାରର ବୟଃପ୍ରାପ୍ତା କନ୍ୟା ସୁଦ୍ଧା ଅସଙ୍କୋଚରେ ସ୍ଥାନୀୟ ବାଳିକାସ୍କୁଲମାନ ପୂର୍ଣ୍ଣ କରିଦେଲେଣି । କଲେଜରେ ସୁଦ୍ଧା ଆଜି ବାଳିକାମାନଙ୍କ ସଂଖ୍ୟା କମ୍ ନୁହେଁ । ସମ୍ବଲପୁର ଓ ତନ୍ନିକଟବର୍ତ୍ତୀ କେତେକ ସ୍ଥାନରେ ମହିଳା କଲେଜ ସ୍ଥାପିତ ହେଲାଣି ଓ ଏହି ପ୍ରକାର ଅନୁଷ୍ଠାନ ଉତ୍କଳର ସର୍ବତ୍ର ବ୍ୟାପ୍ତ ହେବାକୁ ବସିଲାଣି । ମୁଁ କହୁନାହିଁ ଯେ କେବଳ ଆଧୁନିକ ସ୍କୁଲ କଲେଜ ଶିକ୍ଷା ନାରୀମାନଙ୍କ ପକ୍ଷରେ ପ୍ରଧାନ ସମ୍ବଳ । ବାସ୍ତବରେ ବୁଝିବାକୁ ଗଲେ, ନାରୀଶିକ୍ଷାର ପ୍ରକୃଷ୍ଟ ସ୍ଥାନ ଗୃହ । ପିତା, ମାତା, ଭାଇ, ଭଉଣୀ, ଜ୍ଞାତି, ବାନ୍ଧବ, ପରିଜନ ମଧ୍ୟରେ ଥାଇ ଝିଅମାନେ ଯେପରି ନିର୍ବିଘ୍ନରେ ଶିକ୍ଷା ପାଇପାରିବେ ଘର ବାହାରେ ତାହାର ସମ୍ଭାବନା ଅଳ୍ପ । ତେବେ ଘରେ ଅନେକ ବିଷୟରେ ଶିକ୍ଷାର ସୁବିଧା ନାହିଁ । ସ୍କୁଲ ଛଡ଼ା ଅନ୍ୟ ସ୍ଥାନରେ ଅନେକ ବିଷୟରେ ଶିକ୍ଷାଲାଭର ବ୍ୟବସ୍ଥା ନାହିଁ ବୋଲି ବାଧହୋଇ ଦେଶର ବର୍ତ୍ତମାନ ପରିସ୍ଥିତିରେ ଉପଯୁକ୍ତ ନାରୀ ଶିକ୍ଷାଶ୍ରମକୁ ଝିଅକୁ ପଠାଇଲେ କ୍ଷତି ନାହିଁ ।

(କ୍ରମଶଃ )

## ଅ ନ୍ୱେ ଷ ଣ

# ଅମୃତଂ ତୁ ବିଦ୍ୟା



■ ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଫକୀରମୋହନ ବିଶ୍ୱବିଦ୍ୟାଳୟର ମୂଳ ଆଭିମୁଖ୍ୟ ତାହାର ଚିତ୍ରିତ ପ୍ରତୀକରେ ଉଦ୍ଧୃତ ହୋଇଛି । ଆମ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତୀକ ନିର୍ମାଣ ସମୟରେ ବେଦ-ଉପନିଷଦର ଶ୍ଳୋକାଂଶକୁ ଏଥିପାଇଁ ଉଦ୍ଧାର କରାଯାଏ ଯେ, ସେଥିରେ ଅନ୍ତର୍ନିହିତ ପ୍ରେରଣା ହେଉଛି ନିରନ୍ତନ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତୀକ ମଧ୍ୟରେ ଯେଉଁ ତିନୋଟି ସଂସ୍କୃତ ଶବ୍ଦ ଲିପିବଦ୍ଧ ହୋଇଛି ତାହା ହେଲା 'ଅମୃତଂ ତୁ ବିଦ୍ୟା' । ଏହି ପବିତ୍ର ମନ୍ତ୍ର ଶ୍ୱେତାସ୍ୱେତର ଉପନିଷଦରୁ ଗୃହୀତ ହୋଇଛି ନିଶ୍ଚିତ ଭାବରେ । ଏହାର ଅସମାନ୍ୟ ଅର୍ଥ ହେଲା 'ବିଦ୍ୟା ହିଁ ହେଉଛି ଅମୃତ' । **'knowledge is nector'** । ବାସ୍ତବିକ ସଂସ୍କୃତରେ କୁହାଯାଇଛି କ୍ଷରମଂତୁ ଅବିଦ୍ୟା । ଅର୍ଥାତ୍ ଓ **ignorance leads to decay.** ଅବିଦ୍ୟା ମଣିଷକୁ ଅବକ୍ଷୟ ଅଭିମୁଖୀ କରିଦେବା ବେଳେ ଜ୍ଞାନ ତାକୁ ନେଇଯାଏ ଶାଶ୍ୱତ ସୋପାନକୁ । ସେଥିପାଇଁ ସଂପୂର୍ଣ୍ଣ ବାକ୍ୟଟିକୁ ଏଭଳି ରୂପାୟିତ କରାଯାଇଛି । ଓ **ignorance leads to decay and knowled to immorality.**

ଋଷି କଣ୍ଠରୁ ଏକଦା ଝଙ୍କୃତ ହୋଇ ଉଠିଥିଲା ଯେ 'ଅମୃତସ୍ୟଃ ପୁତ୍ରାଃ' । ଅର୍ଥାତ୍ ମଣିଷକୁ ସମ୍ବୋଧନ କରାଯାଇଛି ଅମୃତର ସନ୍ତାନ ଭାବରେ । ଏ ପୃଥିବୀକୁ ମାନବ-ସତ୍ତାର ଅବତରଣ କଦାପି ଅର୍ଥହୀନ ହୋଇପାରେ ନାହିଁ । ଏକ ମହାନ୍ ଲକ୍ଷ୍ୟ ସାଧନ ନିମିତ୍ତ ତାହାର ଯେ ଆବିର୍ଭାବ ହୋଇଛି ପୃଥିବୀ ପୃଷ୍ଠରେ-ଏହାକୁ ଅସ୍ୱୀକାର କରିବାର କୌଣସି କାରଣ ନାହିଁ । ଶ୍ୱେତାସ୍ୱେତର ଉପନିଷଦରେ ସ୍ଥାନିତ ଯେଉଁ ତିନୋଟି ଅର୍ଥଦ୍ୟୋତକ ଶବ୍ଦ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତୀକରେ ଉତ୍‌କୀର୍ଣ୍ଣ ହୋଇଛି ତାହା ସମସ୍ତଙ୍କ ସକାଶେ ଏକାନ୍ତ ପ୍ରେରଣା-ଦାୟକ ।

ବିଶ୍ୱବିଦ୍ୟାଳୟରେ ଯେଉଁ ଛାତ୍ରଛାତ୍ରୀ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରବେଶ କରିଥାନ୍ତି ସେମାନଙ୍କ ଜୀବନର ପ୍ରକୃତ ଆଭିମୁଖ୍ୟ ହେଉଛି ଏକ ବା ଅନେକ ଉଚ୍ଚତର ସୋପାନକୁ ଅସୀମ ଧୈର୍ଯ୍ୟ ଓ ନିଷ୍ଠା ସହକାରେ ଉପନୀତ ହେବା । ଏ ପୃଥିବୀରେ ରହିଛି ବହୁ ବିଷାକ୍ତ ଉପାଦାନ । ସେହି ଅନିଷ୍ଟକାରୀ କୁ-ଶକ୍ତି ପ୍ରତି ଯେଉଁମାନେ ଆକର୍ଷଣ ଅନୁଭବ କରନ୍ତି ସେମାନଙ୍କ ଅଧୋପତନ ସୁନିଶ୍ଚିତ । ଅପରପକ୍ଷରେ ଯେଉଁମାନଙ୍କର ଆତ୍ମିକ ସତ୍ତାଟି ଅମୃତ-ଅନ୍ୱେଷା ପାଇଁ ଉଦ୍ଦିଷ୍ଟ ସେମାନଙ୍କୁ ପ୍ରାପ୍ତ ହୋଇଥାଏ ପ୍ରକୃତ ଜ୍ଞାନାମୃତ । ଏହି ମହତ୍ ଲକ୍ଷ୍ୟସାଧନ ନିମିତ୍ତ ବିଦ୍ୟାର୍ଥୀମାନଙ୍କୁ ହେବାକୁ ପଡ଼ିଥାଏ ଅନ୍ତର୍ମୁଖୀ । ବାହାରର ଚାକଚକ୍ୟ ପରିବେଶଠାରୁ ନିଜସ୍ୱ ଦୃଷ୍ଟିକୁ ପ୍ରତ୍ୟାହାର କରି ଆଣି ଆତ୍ମାର ପ୍ରକୃତ ଅଭିପ୍ସା ନିକଟରେ ଉପସ୍ଥିତ ହେବାକୁ ପଡ଼ିଥାଏ । ଏହା ନିଶ୍ଚିତ ଭାବରେ ଯେ ମହାନ ତପସ୍ୟା ଭାବରେ ବନ୍ଦୀତ, ଏଥିରେ ସନ୍ଦେହର ଅବକାଶ ନାହିଁ । ଯେଉଁ ବିଦ୍ୟାର୍ଥୀ ବୃନ୍ଦ ପ୍ରାଚୀନ କାଳରେ ସଦ୍‌ଗୁରୁଙ୍କ ଆଶ୍ରମରେ ଓ ଆଶ୍ରୟରେ ଅବସ୍ଥାନ କରି ଅହୋରଣ କରୁଥିଲେ ବିଦ୍ୟା-ବାରିଧିର ବିନ୍ଦୁ ବିନ୍ଦୁ ଅମୃତ ଆଜି ଆଉ ସେହି ଯୁଗ ବା ସେହି ସମୟ ନାହିଁ ବୋଲି ମନେ କରିବା ହେଲା ଏକ ନିରୁତ୍ସହ-ଜନକ ଭ୍ରାନ୍ତି । ଯୁଗକୁ ଯୁଗ ଶିକ୍ଷାରୁ ଯାହା ସର୍ବୋଚ୍ଚ ଲକ୍ଷ୍ୟ ତାହା କଦାପି ପରିବର୍ତ୍ତିତ ହୋଇଯାଏ ନାହିଁ ।

ଗୋଟିଏ ପାଖରେ ବିଶ୍ୱବିଦ୍ୟାଳୟର ପ୍ରତୀକ ମଧ୍ୟରେ ଉପନିଷଦୀୟ ବାଣୀକୁ ସଂସ୍ଥାପିତ କରି ଅନ୍ୟ ଦିଗରେ ତାହାର ବିପରୀତମୁଖୀ ହେବା ଆମର ଦୁର୍ବଳତାର ହିଁ ନିଦର୍ଶନ । ଆମେ ଯୁଗପୋଯୋଗୀ ହେବା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ପରୀକ୍ଷାରେ ବିଜୟ ଲାଭକରି ଆକର୍ଷଣୀୟ ପଦପଦବୀ ଲାଭ କରିବା ସକାଶେ ଅଧିକ ତତ୍ପରତା, ବ୍ୟଗ୍ରତା ଓ ଉଦ୍‌ବିଗ୍ନତା ମଧ ଦେଇ କାଳ ଅତିବାହିତ କରିବା ଏକ ନିଷ୍ଠୁର ବାସ୍ତବତା । ଜୀବିକାର୍ଜନ ସକାଶେ ନିଶ୍ଚିତ ଭାବରେ ଆମ ନିର୍ଦ୍ଧାରିତ ପାଠ୍ୟକ୍ରମ ଯଥାସ୍ଥାନରେ ଆମକୁ ପହଞ୍ଚାଇଦେବ, ଯଦି ଏକଗ୍ରତା ଆଉ ନିଷ୍ଠାର ସହିତ ଆମେ ଅଧ୍ୟୟନରେ ନିଜକୁ ସର୍ବଦା ସଚେତନ ଭାବରେ ସଂଶ୍ଳିଷ୍ଟ କରି ରଖିବା । କିନ୍ତୁ ଏ କଥା ମନେ ରଖିବାକୁ ପଡ଼ିବ ଯେ କେବଳ ଏହି ସାମାନ୍ୟ ସଫଳତାରେ ସନ୍ତୁଷ୍ଟ ହୋଇ ରହିବାକୁ ଛାତ୍ରଛାତ୍ରୀଙ୍କର ଆଗମନ ହୋଇନାହିଁ । ସେମାନେ ଯେଉଁ ଶକ୍ତି ଓ ସୌନ୍ଦର୍ଯ୍ୟକୁ ନିଜ ଭିତରେ ଧାରଣ କରି ରଖିଛନ୍ତି ତାହା ସେତିକିରେ ମାତ୍ର ସୀମିତ ହୋଇ ରହିବା ପାଇଁ ଉଦ୍ଦିଷ୍ଟ ନୁହେଁ । ପ୍ରତିଟି ତରୁଣ-ତରୁଣୀଙ୍କ ସର୍ବୋତ୍ତମ ପ୍ରତ୍ୟାଶା ଓ ଅଭୀପ୍ସା ହେଉଛି ଯାହା କିଛି କ୍ଷଣିକ ସୁଖ ପ୍ରଦାନ ପାଇଁ ଅଭିପ୍ରେତ ସେହି ଗତାନୁଗତିକ ମାର୍ଗକୁ ସେମାନେ ପରିହାର କରିବେ ଆଉ ଯାହାକିଛି ଅକ୍ଷୟ, ଅନନ୍ତ ତାହାରି ଉଦ୍ଦେଶ୍ୟରେ ନିଜସ୍ୱ ସଂପ୍ରୀତିକୁ ଉଜ୍ଜୀବିତ କରି ରଖିବେ। ଏହି ମହନୀୟ ଆଭିମୁଖ୍ୟକୁ ଯେଉଁମାନେ ବିସ୍ମୃତ ହୋଇ ଯାଆନ୍ତି ସେମାନେ ଯେତେବଡ଼ ବାହ୍ୟ ସଫଳତା ଅର୍ଜନ କରିଥିଲେ ମଧ ତାହା ଜୀବନରେ ତାକୁ ପ୍ରକୃତ ପ୍ରଶାନ୍ତି ଦେଇପାରିବ ନାହିଁ । ଏ ଜୀବନ ଅଶାନ୍ତିର ଝଡ଼ ପ୍ରତି ଉନ୍ମୁଖ ହେବା ପାଇଁ ପ୍ରାପ୍ତି ହୋଇ ନାହିଁ । ସେଥିପାଇଁ ତ ଆମେ ପ୍ରତ୍ୟେକ କାର୍ଯ୍ୟର ପରିସାମାପ୍ତିରେ ଉଚ୍ଚାରଣ କରୁ 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ।

ଯେଉଁଠି ଅମୃତମୟ ଅନୁଭବର ଅବସ୍ଥିତି, ସେଇଠି ହିଁ ବିଦ୍ୟମାନ ଶାନ୍ତିର ଗଭୀରତା । ଆଜି ବିଶ୍ୱବିଦ୍ୟାଳୟର ସକଳ ଉଚ୍ଚତର ଡିଗ୍ରୀପ୍ରାପ୍ତ କଲା ପରେ ମଧ ମଣିଷ ମନରେ ଯେଉଁ ଅତୃପ୍ତି, ଅଶାନ୍ତି ରହିଛି ତାହାହିଁ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ସୃଷ୍ଟି କରୁଛି ନାନା ପ୍ରକାରର ଅସଙ୍ଗତି । ଏହି ବିଶୃଙ୍ଖଳିତ ବାତାବରଣକୁ ଶାନ୍ତି, ସଂହତ ତଥା ସୌନ୍ଦର୍ଯ୍ୟ ବିମଣ୍ଡିତ କରିବା ସକାଶେ ଆବଶ୍ୟକ ନିଶ୍ୱାର୍ଥପର ସେବା ମନୋବୃତ୍ତି । ଦରିଦ୍ର, ଉପେକ୍ଷିତ, ଅସହାୟ ମଣିଷ ଆଡ଼କୁ ପ୍ରୀତି ଓ ପ୍ରତ୍ୟୟର ହାତ ଯିଏ ଅକୁଣ୍ଠିତ ଭାବରେ ବଢ଼ାଇ ଦେଇପାରେ ସିଏ ହିଁ ହେଉଛି ବିଶ୍ୱବିଦ୍ୟାଳୟ- ପ୍ରଦତ୍ତ ଶିକ୍ଷାଲୋକରେ ଆଲୋକିତ ବ୍ୟକ୍ତିତ୍ୱ । ସଂକୀର୍ଣ୍ଣତା ହେଲା ଅବିଦ୍ୟା । ପ୍ରସାରଣଶୀଳତା ହେଲା ଯଥାର୍ଥ ବିଦ୍ୟା । ନିଷ୍ଠୁରତା ଆଉ ଆକ୍ରୋଶ ମନୋଭାବ ସେହିପରି ଅଜ୍ଞାନ-ସମ୍ଭୂତ । ଆଉ ଉଦାରତା ତଥା ସମ୍ବେଦନଶୀଳତା ହେଉଛି ଉଚ୍ଚକୋଟୀର ବିଦ୍ୟାର୍ଜନର ଶ୍ରେଷ୍ଠ ସଂକେତ ।

ସଂପ୍ରତି ଆମମାନଙ୍କର ଶିକ୍ଷାନୁଷ୍ଠାନ ବା ଛାତ୍ରଛାତ୍ରୀଙ୍କ ଇତସ୍ତତଃ ଅସ୍ଥିର ମନ ଯେତିକି ସଙ୍କଟ ସୃଷ୍ଟି କରୁନା କାହିଁକି, ତାହାକୁ ମାନିନେବା ପ୍ରକୃତ ବିଦ୍ୟାର୍ଥୀର ଆଭୂଷଣ ହୋଇ ନପାରେ। ଯୁଗ ଅନୁସାରେ ପାଦକୁ ପାଦ ମିଳାଇ ଚାଲିବା ଛାତ୍ରଛାତ୍ରୀଙ୍କ ଅସଲ ଲକ୍ଷ୍ୟ କଦାପି ନୁହେଁ । ବିଶ୍ୱବିଦ୍ୟାଳୟ ଗଠିତ ହୁଏ ଯୁଗକୁ ସ୍ୱୀକାର କରିବା ଲାଗି ନୁହେଁ, ବରଂ ଯୁଗାନ୍ତର ସୃଷ୍ଟି କରିବା ପାଇଁ । ଯେତେବେଳେ ବିଦ୍ୟାଧ୍ୟୟନରୁ ମହୁମାଛି ପରି ଜଣେ ସଂଗ୍ରହ ଓ ସଂଚିତ କରିପାରେ ଅମୃତ ସେତେବେଳେ ହିଁ ସେହି ଅମୃତ ଉପଲବ୍ଧି ବିତରଣ କରିଦେବାରେ ସେ ହୁଏ ସାମର୍ଥ୍ୟଯୁକ୍ତ ।

ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାପାଇଁ ଓ ଶେଷରେ ସାଂସାରିକ ଜୀବନଟିକୁ ସୁରକ୍ଷିତ ଭାବରେ ଅତିବାହିତ କରିବା ପାଇଁ କୌଣସି ବିଶ୍ୱବିଦ୍ୟାଳୟ କୌଣସି କାଳରେ ମଧ ବାର୍ତ୍ତା ପ୍ରଦାନ କରେ ନାହିଁ । ଅସୀମର ଆହ୍ୱାନ ଗ୍ରହଣ କରିବା ନିମନ୍ତେ ଯଦି କାହା ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ବିପୁଳ ଶକ୍ତି ତାହାଲେ ସେମାନେ ହେଉଛନ୍ତି ଦେଶର ଯୁବସମାଜ । ଏହି ତରୁଣବର୍ଗ ଯେତେବେଳେ ଅନୁଭବ କରିପାରିବେ ଯେ, ବିଦ୍ୟାର୍ଥୀ ଜୀବନର ଅସଲ ଉଦ୍ଦେଶ୍ୟ ହେଉଛନ୍ତି ଅମୃତ ଆହୋରଣ ଆଉ ନିଃସ୍ୱାର୍ଥପର ଭାବରେ ଏହାର ବିତରଣ ତାହା ହିଁ ଜୀବନକୁ କରିବ ସବୁ ଦୃଷ୍ଟିରୁ ଅର୍ଥପୂର୍ଣ୍ଣ ।

ଭାରତୀୟ ଋଷିକଣ୍ଠରୁ ନିଃସୃତ ହୋଇଛି : 'ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ / ମୃତ୍ୟର୍ମାଂ ଅମୃତଂ ଗମୟ ।'

ଅର୍ଥାତ୍ ଆମକୁ ଅସତ୍ ପଥରୁ ସତ୍ ପଥକୁ ନେଇଯାଅ । ଅନ୍ଧକାରରୁ ଆଲୋକ ଆଡ଼କୁ ଉନ୍ମୁଖ କରିଦିଅ ଆଉ ମୃତ୍ୟୁରୁ ଅମୃତର ସୋପାନକୁ ଆମକୁ ଉତ୍ତୀର୍ଣ୍ଣ କରିନିଅ । 'ଅମୃତଂ ତୁ ବିଦ୍ୟା' ବାସ୍ତବିକ ସେହି ପ୍ରାର୍ଥନାକୁ ହିଁ ନିଜ ଭିତରେ ସମାହିତ କରି ରଖନ୍ତି । ବିଦ୍ୟାମୃତ ସକଳ ଅବିଦ୍ୟାରୁ ମଣିଷକୁ ମୁକ୍ତିକରି ଏହାହିଁ ହେଉଛି ଫକୀରମୋହନ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସନ୍ଦେଶ।

♥ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

## ଆମ ସମୟର କବିତା.....

### ॥ ନୀଳ କାଚ କାଂଥ ॥

ନକୁଳ ଚଂଦ୍ର ସାହୁ



ଅଦେଖା ସୁଂଦର
ମାତ୍ର ଖେଦ ତ ରକ୍ତାକ୍ତ ଶର
ଚିରିଚି ମନର ସୁଉଚ୍ଚ ସ୍ତର
ଯେମିତି ଧଳା କାଗଜରେ ପଡ଼ିଚି
ଧାର ଧାର ଗାର
'ଅଜ୍ଞାତ' ବିଶ୍ୱ ଚେତନାକୁ ହିଁ କହୁଛି ପ୍ରାଣ !

ତନ୍ତ୍ୟଷ ଖେଳୁଛି ସଂଭାବନାର ବଲ୍
ବାଲାନ୍ସ କରିଛି ଜୀବନର ଟେକ୍‌ନିକ୍
ସୀମିତ ସିଲୋଜିସମ୍ବର ମେଜିକ୍
ଭଲ ଲାଗୁଛି
ଅଗଣିତ ଗଣିତ ଦ୍ୱନ୍ଦ୍ୱରେ ଜଡ଼ିତ !

ନାଟକର ନାମ 'ଦୁଃଖ', ଆଜିର ସମାଜ
ହୁଏ ଅଭିନୀତ 'ଲୁହ',
ସଂସାରରେ ଅଦ୍ୱିତୀୟ
ଏହାକୁ ଲେଖିଚି ମୋ ଭାଗ୍ୟ
ଦୁଃଖ: ଏ ୱାର୍ଡ
ସେଲ୍‌ଫ୍ ବର୍ନ ?

ହେ' ନା
ଦୁଃଖ ଏକ ରୋଡ୍ ଆକ୍ସିଡେଣ୍ଟ୍
ଉଚ୍ଚତମ ସତ୍ୟ
ଚାରିଆଡ଼ ପରିବ୍ୟାପ୍ତ ନୀଳକାଚ କାଂଥ

ମଝିରେ ମୁଁ, ମଝିରେ ମୁଁ
ଜଣେ ଦରମଲା ମଣିଷ, ଅସୀମର ଅଂଶ !

♥ ଶବ୍ଦଘର, ଗୋଡ଼ିସାହି
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୬୪

### ॥ ଭଲରେ ଥା' ॥



ଡ. ରଜନୀ ରଂଜନ

ଯୋଉଠି ଅଛୁ ସେଇଠି ଥା'
ଫୁଲଟିଏ ହୋଇ ଫୁଟିଥା'
ମେଘ ଉହାଡରେ
ଜହ୍ନଟିଏ ହୋଇ ଲୁଚିଥା'
ଝରକା ଫାଙ୍କରେ
ବାଉଳା ପବନଟେ ପରି ଝୁଲୁଥା'
ଏମିତି ଆସୁଥା'... ଯାଉଥା'
ଯୋଉଠି ଅଛୁ ସେଇଠି ଥା'...
ଭଲରେ ଥା' ।

♥ ବାଲକାଟୀ
ଖୋର୍ଦ୍ଧା- ୭୫୨୧୦୦
(ମୋ) ୯୩୩୭୨୬୧୦୭୫

### ॥ ଦୁଇଟି ଗୀତ ॥

ରାଜେଶ ପୂଜାରୀ



(୧)

ଯାଅ ଚାଲିଯାଅ ତୁମ ବାଟେ ତୁମେ
ମୁଁ ଯାଉଛି ମୋ ବାଟରେ
ଦୁହିଁଙ୍କ ଭାଗ୍ୟରେ ଏତକ ସମୟ
ଲେଖାଥିଲା ଏଇ ନାଟରେ (୦)

ଦୂରତା ବିନା ପ୍ରେମ ଯେ ନୁହଁଇ ସାର୍ଥକ
ସମୀପେ ପୂଣ୍ୟ ଲାଗଇ ପାତକ ପାତକ
ସବୁ କାହାଣୀ ତ ହୁଏନା ପୂରଣ
ଛଳନାର ଏଇ ହାଟରେ (୧)

ଖୋଜିନାହୁଁ ଯେତେ ଆମେ
ପାଇଛେ ଅଧିକା
ତଥାପି ଗଙ୍ଗଶିଉଳି ଲାଗେ ଫିକା ଫିକା
ନାହିଁ ତୁମ ଦୋଷ ନାହିଁ ମୋର ଦୋଷ
ଦୁନିଆ କରୁଛି ଫାଟରେ (୨)

(୨)

ଜୀବନ ସାରାର ପ୍ରେମ ବଦଳରେ
ମାଗୁଛି ଗୋଟିଏ କଥା
ଯେଦିନ ଛାଡ଼ିବି ଏ ଦୁନିଆ ମୁହିଁ
ନଘେନିବ ମନେ ବ୍ୟଥା (୦)

ଶବଧାରେ ମୋର ଆସିବ ଏମିତି
ସାତରଙ୍ଗ ସଜ ହେଇ
ସରଗ ରୂପସୀ ହେବେ ଈର୍ଷାନ୍ୱିତ
ସେ ଲାବଣ୍ୟ ଦେଖି ସହି
ଜଗତେ ଜାଣିବେ ପୀରତି ଗୌରବ
ରଚିବେ ଅମୃତଗାଥା (୧)

ହସ ଫୁଲେ ଫୁଲେ ଦେବ ଗୋ ବିଦାୟ
ଲୁହ ନଝାରିବ ଜମା

ଜଳୁଥିବ ଯେବେ ଚିତା ନିଆଁ ମୋର
ଫିଙ୍ଗିବ ଉଡ଼ନ୍ତା ଚୁମା
ଭସ୍ମ ଚାରିପାଖେ ପରିକ୍ରମା ସାରି
ରଖିଦେବ ଟିକେ ମଥା (୨)

♥ କୁଶମେଲ, କପିଳାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ॥ ଇନ୍ଦ୍ରଧନୁର ଆକାଶ ॥

ସୁଶୀଲ କୁମାର ପାଣିଗ୍ରାହୀ



ଦୂର ଆକାଶର ଇନ୍ଦ୍ରଧନୁ
ଗୋଟେ ଭୁଲିଯାଇଥିବା ଗୀତ
ଝରି ଆସେନା ବର୍ଷା ସହ
ଛୁଏଁନା ମାଟି

ଦୂର ସଂପର୍କୀୟ ବି ନୁହେଁ
ସବୁଜିମାର, ଆଶାରେ
ସମ୍ଭାବନାର

ସେ କି ହେବ
ଜୀବନ ଗୀତ ?

ଅସଲ ଇନ୍ଦ୍ରଧନୁର ଆକାଶ
ବୁନ୍ଦାଏ ଝାଳରେ ଚମକୁଥାଏ

ଝାଳରୁ ଛିଟିକି ଯାଏ
ଇନ୍ଦ୍ରଧନୁର ସାତରଂଗ
ବୀଜ ହେଇ ମାଟିରେ
ଏବଂ ଅଙ୍କୁରିତ ହୁଏ
ଦିଶେ ଯେମିତି
ସ୍ୱପ୍ନ ଠିଆ ହେଇଛି
ସ୍ପନ୍ଦିତ ଠାଣିରେ
ତା'ଠି ଜୀବନର ଗୀତ
ସୁମଧୁର ହୋଇଉଠେ
ମୁଖରିତ ହୁଏ ଦଶ ଦିଗେ
ଚାରିଆଡ଼େ...

ଆତ୍ମା
ଇନ୍ଦ୍ରଧନୁମୟ ହେଇଯିବାର
ଅନୁଭବ କରେ ।

♥ କଲ୍ୟାଣୀ ରେସିଡେନ୍ସି
୨୦୩ ବ୍ଲକ୍-ସି
ଫାର୍ମରୋଡ, ସମ୍ବଲପୁର-୨
ଫୋ: ୮୧୪୪୨୨୮୨୦୨

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୮ ଜାନୁଆରୀ, ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୭୫)



### ॥ ଯା'ରେ ରଜଦୋଳି ଉଡ଼ି ଯା' ॥

ଯା'ରେ ରଜ ଦୋଳି ଉଡ଼ି ଯା'
ଯା'ରେ ମନ ଦୋଳି ଉଡ଼ିଯା'
ନଈ ସେପାରିରେ ମୋ' ପ୍ରିୟାର ଘର
ଥରେ ତାକୁ ଦେଖି ଆ ।

ଦୋଳି ଖେଳୁଥିବ ଷୋଅଳ ଫଗୁଣ
ମୋ' ପ୍ରିୟା ଦେହରେ ଆସି,
ରଜ ପାଗ ପରି ଉଦାସ ଉଦାସ
ଥିବ ମୋ' ପ୍ରିୟାର ଖୁସି,
ଖୋଜୁ ଥିବ ସିଏ ମନେ ମନେ ମୋତେ
କାହାକୁ କହିବ ତାହା ।

ଭାଙ୍ଗୁଥିବ ପ୍ରିୟା ରଜ ଖିଲିପାନ
ମନର ଲବଙ୍ଗ ଖୋସି,
ହାତର ମେହେନ୍ଦୀ ଦେଖି ତା ବଉଳ
ଥଟ୍ଟା କରୁଥିବ ହସି,
ପାନ ପତରରେ ତା' ଓଠ ଚିହ୍ନରେ
ଲେଖୁଥିବ ମୋର ନାଆ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୯୯୧




## ଆଲୋଚନା

## ଖଣ୍ଟ ଅଣ୍ଟାରେ ଚାବିକାଠି

ସୁବ୍ରତ ପଟ୍ଟନାୟକ
ଓରାଳି, କେନ୍ଦୁଝର
ମୋ:୯୯୩୭୭୯୧୨୪୪



ନିର୍ବାଚନରେ ଅଣାଯିବ ଆର୍ଥିକ ସଂସ୍କାର। ସେଥିଲାଗି ଦିଆଯାଇଛି ମୂଲ୍ୟବାନ ପରାମର୍ଶ। ମୁଖ୍ୟ ନିର୍ବଚନ କମିସନର ରାଜୀବ କୁମାର ଚିଠି ମାଧ୍ୟମରେ ଆଇନ ମନ୍ତ୍ରାଳୟ ଓ କେନ୍ଦ୍ର ଆଇନମନ୍ତ୍ରୀ କିରଣ ରିଜିଜୁଙ୍କୁ ଏ ସମ୍ପର୍କରେ ଚିକିନିଖି ଜଣାଇଛନ୍ତି। ନିର୍ବାଚନରେ ସ୍ୱଚ୍ଛତା ଅଣାଯିବାକୁ ସେ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ।

ରାଜୀବ କୁମାରଙ୍କ ମୁଖ୍ୟ ପ୍ରସ୍ତାବଗୁଡ଼ିକ କଣ? ତାହା ଆମେ ବଖାଣୁଛେ। ତେବେ, ତା ପୂର୍ବରୁ ଆମ ଦେଶରେ ପ୍ରଚଳିତ ଥିବା ନିୟମ ବାବଦରେ ଟିକେ ସୂଚନା ଦେବା। ଦେଶରେ ଥିବା ରାଜନୈତିକ ଦଳ ଗୁଡ଼ିକ ନିଜ ଦଳ ପାଇଁ ପାଣ୍ଠି ବା ଚାନ୍ଦା ସଂଗ୍ରହ କରନ୍ତି। ଯେଉଁମାନେ ଚାନ୍ଦା ଦିଅନ୍ତି, ସେମାନେ କେଉଁ ସୂତ୍ରରୁ ଏହି ଅର୍ଥ ହାସଲ କରିଛନ୍ତି, ତାର କୈଫିୟତ ଦେବାକୁ ପଡ଼େନାହିଁ। ଯେଉଁ ଚାନ୍ଦା ଦିଆଯାଏ, ତାର ଟାକ୍ସ ବା କର ଦେବାକୁ ପଡ଼େନାହିଁ। କଳାଧନ ଠୁଳ କରିଥିବା ବ୍ୟକ୍ତି ରାଜନୈତିକ ଦଳକୁ ଚାନ୍ଦା ଦେବାକୁ ଆଗ୍ରହୀ ହୁଅନ୍ତି। ଯେଉଁ ବ୍ୟକ୍ତି ରାଜ୍ୟ ମଧ୍ୟରେ ବ୍ୟବସାୟ କରୁଥାନ୍ତି, ସେମାନେ ରାଜ୍ୟ ସରକାରଙ୍କୁ ଓ ଯେଉଁମାନେ ରାଜ୍ୟ ବାହାରେ ବ୍ୟବସାୟ କରୁଥାନ୍ତି ସେମାନେ କେନ୍ଦ୍ର ସରକାରଙ୍କୁ ଚାନ୍ଦା ଅଜାଡ଼ି ଦିଅନ୍ତି। ଏହାବାଦ ନିଜକୁ ଓ ନିଜ ବ୍ୟବସାୟକୁ ସୁରକ୍ଷିତ ରଖିବା ଲାଗି ବିରୋଧୀ ଓ ଅନ୍ୟ ରାଜନୈତିକ ଦଳକୁ ବି ଭାଗମାପ ଅନୁଯାୟୀ ଚାନ୍ଦା ଦିଆଯାଏ। ତେଣୁ, ଯେଉଁମାନେ ଚାନ୍ଦା ଦିଅନ୍ତି, ନିର୍ବାଚନ ପରେ ସେମାନେ ଶାସନରେ ଥିବା ଦଳଠୁ ଫାଇଦା ହାତେଇବାରେ ଲାଗନ୍ତି। ମାଗଣାରେ ବା ବିନା ସ୍ୱାର୍ଥରେ କୌଣସି ବ୍ୟକ୍ତି ରାଜନୈତିକ ଦଳକୁ କୋଟିକୋଟି ଟଙ୍କା ଚାନ୍ଦା ଦିଅନ୍ତି ନାହିଁ। ଏହା ଧ୍ରୁବ ସତ୍ୟ।

ରାଜୀବ କୁମାର ମତ ଦେଇଛନ୍ତି- ରାଜନୈତିକ ଦଳ ପାଣ୍ଠି ସଂଗ୍ରହ ବାବଦରେ ଦୁଇଟି ନିୟମ ରହିଛି। ମାତ୍ର ଏହି ଦୁଇଟି ନିୟମ ମଧ୍ୟରୁ କେଉଁଟି ଠିକ୍ ତାହା ବାରିବା ମୁସ୍କିଲ ହେଉଛି। ୨୦୧୭ ମସିହାରେ ସଂଶୋଧିତ ହୋଇଥିବା ଆୟକର ଆକ୍ଟ (୧୩-ଏ) ରେ ଘୋଷଣା ହୋଇଛି- ରାଜନୈତିକ ଦଳଗୁଡ଼ିକ କୌଣସି ବ୍ୟକ୍ତି କିମ୍ବା ସଂସ୍ଥାଠୁ ଦୁଇ ହଜାର ଟଙ୍କାଠୁ ଅଧିକ ନଗଦ ଅର୍ଥ ଚାନ୍ଦା ଆଣିପାରିବେ ନାହିଁ। ଦୁଇ ହଜାରରୁ ଅଧିକ ଟଙ୍କା ଆଣିଲେ, ତାହା ବ୍ୟାଙ୍କ ଚେକ୍ ବା ଅନ୍ୟ ଟ୍ରାନ୍‌ଜେକ୍ସନ୍ ଜରିଆରେ ହେବ। କେଉଁ ବ୍ୟକ୍ତି କେଉଁ ଦଳକୁ କେଉଁ ବ୍ୟାଙ୍କ ଜରିଆରେ କେତେ ଟଙ୍କା ଦେଇଛନ୍ତି, ତାର ପ୍ରମାଣ ଓ ଦସ୍ତାବିଜ ରାଜନୈତିକ ଦଳ ଦେବାକୁ ବାଧ୍ୟ। ବ୍ୟାଙ୍କ ଦେଣନେଣର ସବିଶେଷ ବିବରଣୀ ଆୟକର ବିଭାଗକୁ ପଠାଯିବ। ଯେ ଗଲା ଗୋଟେ ନିୟମ।

ଏହି ବ୍ୟବସ୍ଥାରେ ଆଉ ଗୋଟେ ନିୟମ ରହିଛି। ତାହା ହେଲା- ରିପ୍ରେଜେଣ୍ଟେସନ ଅଫ୍ ପିପୁଲ ଆକ୍ଟ-୧୯୫୧। ଆରପି ଆକ୍ଟ (୨୯-ସି) ରେ କୁହାଯାଇଛି- ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଆକାରରେ ୨୦ ହଜାର ଟଙ୍କାରୁ କମ୍ ଅର୍ଥ ନଗଦ ଆକାରରେ ସଂଗ୍ରହ କରିପାରିବେ। ୨୦ ହଜାର ଟଙ୍କାରୁ ଅଧିକ ଅର୍ଥ ଚାନ୍ଦା ନେଉଥିଲେ, ବ୍ୟାଙ୍କ ଜରିଆରେ ଦେଣନେଣ ହେବ। ରାଜୀବ କୁମାର କହିଛନ୍ତି- ଏ ଦୁଇଟି ନିୟମ ମଧ୍ୟରୁ କେଉଁଠି ଗ୍ରହଣୀୟ ତାହା ଆଇନ ମନ୍ତ୍ରାଳୟ ସ୍ଥିର କରିବା ଉଚିତ୍। ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ, ସ୍ୱୀକୃତିପ୍ରାପ୍ତ ଆଂଚଳିକ ଦଳ, ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଅଣସ୍ୱୀକୃତି ଦଳ ଗୁଡ଼ିକ ଏହାର ଭରପୁର ଫାଇଦା ଉଠାଉଛନ୍ତି। କୋଟି କୋଟି ଟଙ୍କାର ଚାନ୍ଦା ଆଦାୟ ହେଉଥିଲେ ହେଁ ସେସବୁକୁ ଚେକ୍ ଆକାରରେ ଦିଆଯାଉନାହିଁ। ଦେଶରେ ଥିବା ଦୁଇ ତିନୋଟି ବଡ଼ ରାଜନୈତିକ ଦଳରେ ଖଣ୍ଡିଏ ବି ଲକ୍ଷେ ଟଙ୍କିଆ ଚେକ୍ ମିଳୁନାହିଁ। ସବୁ ଚାନ୍ଦା ୨୦ ହଜାର ଟଙ୍କାରୁ କମ୍ ରହିଛି ବୋଲି ସେମାନେ ଦର୍ଶାଇଛନ୍ତି। ବ୍ୟାଙ୍କ ଜରିଆରେ ଦେଣନେଣ ହେଲେ ସିନା, କିଏ କେତେ ଟଙ୍କା ଦେଲା ନଦେଲା ଜଣା ପଡ଼ିବ। ତାହା ଜଣା ନପଡ଼ିବା ପାଇଁ ଏମିତି ଗଳାବାଟ ଖୋଲାଯାଇଛି। କେତେକ ରାଜନୈତିକ ଦଳ ନିଜର ପୃଷ୍ଠ ପୋଷକତାରେ ଏକାଧିକ ଏନ୍‌ଜିଓ ସଂସ୍ଥା ଗଢ଼ିଛନ୍ତତି। ଏହି ସଂସ୍ଥା ମାଧ୍ୟମରେ ମଧ୍ୟ ବିଦେଶରୁ ବିପୁଳ ଅର୍ଥ ସଂଗ୍ରହ ଚାଲିଛି। ପ୍ରବାସୀ ଭାରତୀୟ ଓ ବିଦେଶୀ କମ୍ପାନୀ ବା ସଂସ୍ଥା ରିଜର୍ଭ ବ୍ୟାଙ୍କ ବଦଳରେ ହାୱାଲା ଜରିଆରେ ଚାନ୍ଦା ଦେଉଥିବା ଜଣାଯାଇଛି।

ସେଭଳି ଉପାୟରେ ଆୟ ହେଉଥିବା କୋଟି କୋଟି ଟଙ୍କାର ହିସାବ ପାଇବା ମୁସ୍କିଲ। ରାଜନୈତିକ ଦଳଗୁଡ଼ିକ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି। ଟଙ୍କା ବଳରେ ନିର୍ବାଚନ ଜିତିବା ହିଁ ମୂଳ ଲକ୍ଷ୍ୟ। ସେଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାର ମାଗଣା ସ୍କିମ୍ ବା ଯୋଜନା ତିଆରି କରିଛନ୍ତି। ନିର୍ବାଚନ ପୂର୍ବରୁ ହଜାର ହଜାର କୋଟି ଟଙ୍କା ମାଗଣା ବଣ୍ଟାଯାଉଛି। ଓଡ଼ିଶାରେ ନବୀନ ସରକାର 'ବିଜୁ କୃଷକ ଯୋଜନା' ପ୍ରଣୟନ କରିଛନ୍ତି। କେନ୍ଦ୍ରରେ ବିଜେପି ସରକାର 'ପ୍ରଧାନମନ୍ତ୍ରୀ କୃଷକ ଯୋଜନା' କରିଛନ୍ତି। ଏହି ଦୁଇଟିଯାକ ଦଳ ଯେତେ ଜଣ କୃଷକଙ୍କୁ ଟଙ୍କା ବାଣ୍ଟିଛନ୍ତି, ତାହା ରାଜ୍ୟର ଜନସଂଖ୍ୟା ସହିତ ପ୍ରାୟ ସମାନ ହେଲାଣି। ତାହେଲେ ଆମକୁ ବୁଝିବାକୁ ହେବ ଯେ, ରାଜ୍ୟର ସବୁ ଲୋକ କୃଷକ। ଶିଶୁ, ମହିଳା, ସରକାରୀ, ବେସରକାରୀ, କର୍ମଚାରୀ ସମସ୍ତେ ଚାଷୀରେ ଗଣା। ଏହାଠୁ ବଳି କୌତୁହଳ ଆଉ କଣ ଥାଇପାରେ?

ସାଂସଦ ଓ ବିଧାୟକ ପ୍ରାର୍ଥୀଗଣ ନିର୍ବାଚନରେ ପ୍ରତ୍ୟେକ କେତେ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ତାର ସିଲିଂ ଧାର୍ଯ୍ୟ ହୋଇଛି। ମାତ୍ର ପ୍ରାର୍ଥୀଗଣ ନାମାଙ୍କନ ପତ୍ର ଦାଖଲ ସମୟରେ ଗାଡ଼ିଘୋଡ଼ା, ଡିଜେ, ବାଜା ବାଣ, ଭୋଜିଭାତ, ମଦ ମାଂସରେ ଲକ୍ଷ ଲକ୍ଷ ଟଙ୍କା ଉଡ଼ାଉଛନ୍ତି। ଦଳୀୟ ଟିକେଟ ଖଣ୍ଡେ ହାତେଇବା ପାଇଁ କୋଟି କୋଟି ଟଙ୍କାର କାରବାର ହେଉଛି। ଧର୍ମକୁ ଆଖିଠାର ମରାଯାଉଛି। ନିର୍ବାଚନରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ଯାହା ଖର୍ଚ୍ଚ କରିବେ, ତାର ଦେଣନେଣ ବ୍ୟାଙ୍କ ଜରିଆରେ କରାଯାଉ। ସେଥିପାଇଁ ପ୍ରାର୍ଥୀଗଣ ବ୍ୟାଙ୍କରେ ନିର୍ବାଚନୀ ଖର୍ଚ୍ଚ ବାବଦ ପାସବୁକ୍ ଖୋଲନ୍ତୁ।

ସାଂସଦ ଓ ବିଧାୟକଙ୍କ ସଂଖ୍ୟା ଅନୁଯାୟୀ ପ୍ରତୀୟ ଦଳ ଓ ଆଂଚଳିକ ଦଳ ସର୍ବାଧିକ କେତେ ଟଙ୍କା ଚାନ୍ଦା ଆଦାୟ କରିପାରିବେ, ତାହା ସ୍ଥିର ହେଉ। ଠିକ୍ ସେହିଭଳି ଜଣେ ବ୍ୟକ୍ତି ବା ସଂସ୍ଥା ସର୍ବାଧିକ କେତେ ଅର୍ଥ ଦାନ କରିବ, ତାହା ଧାର୍ଯ୍ୟ କରାଯାଉ। ନିର୍ବାଚନକୁ ନିରପେକ୍ଷ ଓ ସ୍ୱଚ୍ଛ କରିବାକୁ ହେଲେ, ଟଙ୍କା କାରବାରକୁ ରୋକ୍ ଲଗାଇବାକୁ ହେବ। ସେଥିଲାଗି ଜନ ପ୍ରତିନିଧିଗଣ ଶତ ପ୍ରତିଶତ ଆନ୍ତରିକତା ପ୍ରଦର୍ଶନ କରିବା ଦରକାର। ତାନହେଲେ, ନିର୍ବାଚନରେ କେବଳ ଟଙ୍କାର ଜୁଆଖେଳ ଚାଲିଥିବ।

ଓରାଳି, କେଉଁଝର
(ମୋ) ୯୯୩୭୭୯୧୨୪୪

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ
♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଭାଗ-୨୦

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଧ୍ୱଂସର ସେଇ ନିଆଁହୁଳା ଆସି ପଡ଼ିଲା ଓଡ଼ିଶାର ସବୁଜ ରଙ୍ଗର ପଣତରେ ।

ସମ୍ବାଦପତ୍ରରେ ଘୋଷିତ ହେଲା, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭାରତ ସରକାର ଓଡ଼ିଶାର ବାଲିଆପାଳଠାରେ ଏକ କ୍ଷେପଣାସ୍ତ୍ର ଘାଟୀ ସ୍ଥାପନର ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକଳ୍ପ ଏସିଆର ବୃହତ୍ତମ ଏବଂ ପୃଥିବୀର ବୃହତ୍ତମ କ୍ଷେପଣାସ୍ତ୍ର ଘାଟୀମାନଙ୍କ ମଧ୍ୟରେ ଅନ୍ୟତମ ହେବ। ଏଥିଲାଗି ସର୍ବମୋଟ ୧୩୦ଟି ଗ୍ରାମ ଆବଶ୍ୟକ ହେବ । କୋଷ୍ଟକେନାଲ ଆଡ଼ିରୁ ଭୋଗରାଇ କଷାଫଳ ଯାଏଁ ଥିବା ଜମି ଏଥିପାଇଁ ସରକାର ଦଖଲ କରିବେ । ବଡ଼ଶ, ତାହାଲିଆ, ଆମ୍ବଚୁଆ, ନଦୀଘାଟୀ, ପ୍ରତାପପୁର, ରାଉତରା, ଚାନ୍ଦମଣି ଆଦି ୧୩୦ଟି ଗ୍ରାମରେ ଗଢ଼ିଉଠିବ ଏଇ ବିରାଟ ପ୍ରକଳ୍ପ । ଦେଶରକ୍ଷାର, ବୃହତ୍ତର ସ୍ୱାର୍ଥ ଲାଗି ଯେଉଁ ଏକ ଲକ୍ଷ ପଚିଶ ହଜାର ଗ୍ରାମବାସୀ ବାସଚ୍ୟୁତ ହେବେ, ସେମାନଙ୍କୁ ନୂଆ କରି ଖୋଲାଯାଇଥିବା ଜୋତା କାରଖାନା ଅବା ଝୋଟକଳ ଆଦିରେ ଶ୍ରମିକ ହିସାବରେ ନିଯୁକ୍ତି ଦିଆଯିବ । ଏହି ବିରାଟ ପ୍ରକଳ୍ପର ଅନ୍ୟତମ ଅଂଶ ଭାବରେ ନୀଳଗିରିରେ ରାଡ଼ାର ଷ୍ଟେସନ ଓ ଚାନ୍ଦିପୁରରେ ମଧ୍ୟବର୍ତ୍ତୀକାଳିନ ପରୀକ୍ଷା ଘାଟୀ ମଧ ଗଢ଼ିଉଠିବ । ବାଲିଆପାଳବାସୀ ଜାଣିଲେ ଦେଶରକ୍ଷା ନାମରେ ସେମାନଙ୍କୁ ମରଣ ମୁହଁକୁ ଠେଲି ଦିଆଯାଇଛି । କେବଳ ସେମାନଙ୍କର ସୁଖ କିମ୍ବା ସମୃଦ୍ଧି ନୁହେଁ, ସେମାନଙ୍କର ଜୀବନକୁ ମଧ କ୍ଷମତା-ରାଜନୀତିର ସେଇ ପଶାପାଲିରେ ସରକାର ବାଜି ରଖିଛନ୍ତି ।

ପ୍ରତିବାଦର ସ୍ୱର ଗୁଞ୍ଜରି ଉଠିଲା ସେଇ ନୀରିହ, ଶାନ୍ତ ଜନସାଧାରଣଙ୍କ ମଧ୍ୟରେ ।

ପ୍ରତିବାଦ ଦିନେ ଦୃଢ଼ ପ୍ରତିରୋଧର ରୂପ ନେଲା । ଗଢ଼ିଉଠିଲା ମାଟିକୁ ରକ୍ଷା କରିବାର ଘାଟୀ ବିରୋଧୀ ଆନ୍ଦୋଳନ । ସେ ଆନ୍ଦୋଳନ ବୈଶାଖମାସର ନିଆଁହୁଳା ଭଳି ଗ୍ରାମକୁ ଗ୍ରାମରୁ ବ୍ୟାପିଗଲା । ବାଲିଆପାଳ, ଜାମ୍ବୁକୁଣ୍ଡା, ପ୍ରତାପପୁର ଆଉ ଭୋଗରାଇରେ ଘାଟୀ-ବିରୋଧୀ ଜନ-ଜାଗରଣ ସୃଷ୍ଟି ହେଲା । କୃଷକ, ଧୀବର, ଚାକିରିଜୀବି, ପାନବ୍ୟବସାୟୀ, ସ୍କୁଲକଲେଜର ଛାତ୍ର ଆଉ ସେ ଅଞ୍ଚଳର ଝିଅବୋହୂ ଏ ଆନ୍ଦୋଳନ ସହିତ ସାମିଲ ହୋଇଗଲେ ।

ଆନ୍ଦୋଳନକୁ ଆଗେଇନେଲେ ସେ ଅଞ୍ଚଳର ନେତା ସୁଧାକର ଗିରି ।

ପ୍ରଥମେ ଯେଉଁ ଲୋକମତ ପ୍ରଜାପତିର ଗୁଞ୍ଜନ ଭଳି ମୃଦୁସ୍ୱରରେ ଶୁଣାଯାଉଥିଲା, ସେ ଶବ୍ଦ ଦିନେ ଶଙ୍ଖଧ୍ୱନି ଭଳି ସ୍ପଷ୍ଟ ଭାବରେ ନିନାଦିତ ହୋଇଉଠିଲା ।

ସରକାର ଅଟକିଗଲେ ।

ତାପରେ କେତେ ଆଲୋଚନା, ଗୁପ୍ତ ବୈଠକ । ଦିଲ୍ଲୀରୁ ବିଶେଷଜ୍ଞମାନଙ୍କର ଭୁବନେଶ୍ୱର ଆଗମନ । ଦଳମତ ନିର୍ବିଶେଷରେ ଦେଶର ବୁଦ୍ଧିଜୀବୀମାନଙ୍କର ସମାବେଶ । ସମସ୍ତଙ୍କର ଗୋଟାଏ କଥା, କ୍ଷେପଣାସ୍ତ୍ର ଘାଟୀ ନାମରେ ସୁବର୍ଣ୍ଣରେଖାର ଏଇ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ମାଟିକୁ ଧ୍ୱଂସ କରାନଯାଉ । ସେମାନେ ବିଭିନ୍ନ ଦେଶର ଇତିହାସରୁ ନଜିର ଦେଲେ, ପୃଥିବୀର କେଉଁ ଦେଶରେ ଏତେ ଜନସମୃଦ୍ଧ ଆଉ ଉର୍ବର ଅଞ୍ଚଳରେ ଆଣବିକ ଶକ୍ତିର ପରୀକ୍ଷାକେନ୍ଦ୍ର ହୋଇନାହିଁ । କାରଣ ତାର ଅଛି ଅବଶ୍ୟମ୍ଭାବୀ କୁପ୍ରଭାବ ।

"ଏଠାରୁ ଯେଉଁ ରକେଟ ଉତ୍‌କ୍ଷେପଣ କରାଯିବ, ତାହା ୫ହଜାରରୁ ୬ ହଜାର ମାଇଲ ଏବଂ ଉପଗ୍ରହ ମହାକାଶରେ ୨୫ ହଜାରରୁ ୩୫ ହଜାର ମାଇଲ ପର୍ଯ୍ୟନ୍ତ ଯିବ । ନିର୍ଗତ ଧୂଆଁରେ ଆକାଶ ମେଘାଚ୍ଛନ୍ନ ହୋଇଯିବ ଏବଂ ଏହା ବାୟୁ ଓ ଜଳକୁ ବିଷାକ୍ତ ତଥା ଦୂଷିତ କରିଦେବ । ଏହି ମନୁଷ୍ୟକୃତ ଆକାଶମେଘ ଯୋଗୁ ବିସ୍ତୃତ ଅଞ୍ଚଳରେ କୌଣସି ଫସଲ ହେବ ନାହିଁ । ଦୂଷିତ ବାୟୁସେବନ ଯୋଗୁଁ ହୃଦରୋଗ ଓ କର୍କଟ ରୋଗ ବ୍ୟାପିବ । ତାଛଡ଼ା ଏହା ନିକ୍ଷିପ୍ତ ହେବାବେଳେ ଯେଉଁ ପ୍ରେରକ-ଯାନ ଏହାକୁ ଉପରକୁ ଠେଲିଦେବ, ତାର ପ୍ରଚଣ୍ଡ ଧ୍ୱନିରେ ଆଖପାଖ ଅଞ୍ଚଳର ଲୋକ ବିଶେଷକରି ଶିଶୁଙ୍କର କାନ ଓ ନାକରୁ ରକ୍ତସ୍ରାବ ହେବାର ଆଶଙ୍କାକୁ ଦୂରେଇ ଦିଆଯାଇ ନପାରେ । ଏଣୁ ୫୦ରୁ ୧୦୦ ବର୍ଗମାଇଲ ଅଞ୍ଚଳ ମଧ୍ୟରେ ଲୋକେ ଜନବସତି ସ୍ଥାପନ କରିବାକୁ ସକ୍ଷମ ହେବେନାହିଁ । ତା ବ୍ୟତୀତ ଉତ୍‌କ୍ଷେପଣ ସ୍ଥାନଟି ଗୋଟିଏ ଅତି ବିପଜ୍ଜନକ ସ୍ଥାନ । ଉତ୍‌କ୍ଷେପଣରେ କୌଣସି ତୃଟି ରହିଲେ ବା ଲକ୍ଷ୍ୟଭ୍ରଷ୍ଟ ହେଲେ ଧନଜୀବନ ସହିତ ସେ ଅଞ୍ଚଳ ନଷ୍ଟ ହେବ । ଯୁଦ୍ଧ ସମୟରେ ମଧ ଏହି ସ୍ଥାନଟି ନିଶ୍ଚିତଭାବରେ ଶତ୍ରୁ ଦେଶର ଲକ୍ଷ୍ୟସ୍ଥଳ ହେବ ଏବଂ ଏହାର ଚତୁଃପାର୍ଶ୍ୱରେ ଥିବା ଦୂର ଦୂରାନ୍ତର ଅଞ୍ଚଳଗୁଡ଼ିକ ଧ୍ୱଂସବିଧ୍ୱସ୍ତ ହେବାର ସମ୍ଭାବନା ନିଶ୍ଚିତଭାବରେ ରହିଥିବ ।"

ଏସବୁ ପରିସ୍ଥିତିକୁ ବିଚାର କରି ପୃଥିବୀର ସମସ୍ତ କ୍ଷେପଣାସ୍ତ୍ର ଘାଟୀମାନ ଜନବସତିଠାରୁ ଦୂରରେ ଏବଂ ନିର୍ଜ୍ଜନ ସ୍ଥାନରେ ସ୍ଥାପନ କରାଯାଇଛି ।

ତା' ଛଡ଼ା ପ୍ରକୃତିର ଏକ ନିଜସ୍ୱ ନିୟମ ଅଛି।

ଦିନରାତିର ଛନ୍ଦ ଭଳି, ଜୁଆଭଟ୍ଟାର ଖେଳ ଭଳି ପ୍ରକୃତି ବି ନିଜସ୍ୱ ଛନ୍ଦରେ ଆବର୍ତ୍ତିତ ହୁଏ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ସେଇ ଛନ୍ଦରେ ଯତିପାତ । ଆଣବିକ ଶକ୍ତି ନାମରେ ବିଭିନ୍ନ ଦୂଷିତ ଗ୍ୟାସ କିମ୍ବା ବିସ୍ଫୋରଣରେ ପ୍ରକୃତିକୁ ଉତ୍ୟକ୍ତ କଲେ ପୃଥିବୀରେ କାଳ ଆସିବ । ଧରଣୀ ଉପରେ ନାନା ଅକାଳ ଦୁର୍ବିପାକ ମାଡ଼ି ଆସିବ । ଭୂମିକମ୍ପ, ଝଡ଼, ବନ୍ୟା ଅଥବା ମରୁଡ଼ିର ବିଭୀଷୀକା ଖାଲି ନୁହେଁ, ନାନା ଅଭାବିତ ଦୁର୍ବିପାକରେ ପ୍ରକୃତି କରାଳ ହୋଇଯିବ ।

କେବଳ ବାଲିଆପାଳର ସୁନା ଫଳାଉଥିବା ମାଟିକୁ ନୁହେଁ, ଏ ପୃଥିବୀରେ ମାନବ ସଭ୍ୟତାର ପ୍ରବହମାନ ଧାରାକୁ ସଞ୍ଜିବୀତ କରି ରଖିବା ପାଇଁ ମଧ ଏ ଭୟାନକ ଖେଳରୁ ମଣିଷ ଘୁଞ୍ଚିଆସିବା ଉଚିତ ।

ହେଲେ ସଭ୍ୟତାର ଧାରାକୁ ସଞ୍ଜିବୀତ କରି ରଖିବା କଥା କିଏ ଏଠି ଭାବୁଛି ? ଆପଣା ସ୍ୱାର୍ଥର କ୍ଷୁଦ୍ର ବୃତ୍ତ ଅତିକ୍ରମ କରି ପୃଥିବୀ ପ୍ରତି ଏକ ବୃହତ୍ତର ଦାୟିତ୍ୱ ସମ୍ବନ୍ଧରେ ଭାବି ସମୟ ନଷ୍ଟ କରିବାକୁ କାହାର ଅବା ସମୟ ଅଛି ?

ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ରାଜନୈତିକ ନେତା, ଶାସକଙ୍କ ଲାଗି ଘାଟୀ ପ୍ରତିଷ୍ଠା ସହିତ ମିଶିରହିଛି ସେମାନଙ୍କର ରାଜନୈତିକ ପ୍ରତିଷ୍ଠା, ପଦବୀ, ନିରାପଦ ଶାସନ-ଗାଦି ଓ ନିରଙ୍କୁଶ ଶାସନ-କ୍ଷମତାର ପ୍ରଲୋଭନ ।

ଭାରତ ସରକାରଙ୍କ ଲାଗି ଘାଟୀ ସ୍ଥାପନ ତୃତୀୟ ବିଶ୍ୱର ଅଭ୍ୟୁଦୟୀ ଶକ୍ତିକୁ ଟକ୍କର ଦେଇ ଶକ୍ତିଶାଳୀ ହେବାର ଏକ ଅସ୍ତ୍ର ।

ଆଉ ତୃତୀୟ ବିଶ୍ୱଯୁଦ୍ଧକୁ ଉତ୍ସାହିତ କରି ଚାଲିଥିବା ପୃଥିବୀର ଦୁଇ ବୃହଦ୍ ଶକ୍ତିଙ୍କର ଉଦ୍ଦେଶ୍ୟ ଆଉକିଛି ।

ସେମାନଙ୍କର ଯୁଦ୍ଧାସ୍ତ୍ର ଓ ଯୁଦ୍ଧସରଞ୍ଜାମ ।

ତୃତୀୟ ବିଶ୍ୱର ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ଯୁଦ୍ଧ ଅବ୍ୟାହତ ନରହିଲେ ସେମାନେ ଯୁଦ୍ଧାସ୍ତ୍ର ଓ ଯୁଦ୍ଧସରଞ୍ଜାମ ବିକ୍ରି କରି କୋଟି କୋଟି ଟଙ୍କା ଆୟ କରିବେ କିପରି ?

ଏ ଏକ ଆଶ୍ଚର୍ଯ୍ୟ ଖେଳ ।

ଯୁଦ୍ଧାସ୍ତ୍ର ଓ ଯୁଦ୍ଧସରଞ୍ଜାମ ଉତ୍ପାଦନ କରୁଥିବା ପେଣ୍ଟାଗନ, ବୋଫର୍ସ ପ୍ରଭୃତି କମ୍ପାନୀର ଅସ୍ତ୍ରଶସ୍ତ୍ର ବିକ୍ରି ହେବା ଲାଗି ପୃଥିବୀରେ ଯୁଦ୍ଧ ହେବା ଜରୁରୀ। ସେ ଯୁଦ୍ଧ କେଉଁ କେଉଁ ଦେଶ ମଧ୍ୟରେ ହେବ, କେତେ ଲୋକ ମରିବେ କିମ୍ବା କେଉଁ କାରଣରୁ ହେବ ସେ ପ୍ରଶ୍ନ ଗୌଣ ।

ଯୁଦ୍ଧାସ୍ତ୍ର ଉତ୍ପାଦନ ମଧ ସେଇ ଦୁଇ ବୃହତ୍ ଶକ୍ତିଙ୍କ ଲାଗି ଏକ ଶିଳ୍ପ । ସେ ଶିଳ୍ପ ସେମାନଙ୍କ ବର୍ହି-ବାଣିଜ୍ୟର ମୁଖ୍ୟ ଅଂଶ ।

ସେଇ ଜଟିଳ ପଶାପାଲିରେ ଭାରତ ଭଳି ତୃତୀୟ ବିଶ୍ୱର ଦେଶମାନେ ଦାନ ଛଡ଼ା କିଛି ନୁହଁନ୍ତି ।

ଖେଳର ସେଇ ପ୍ରଚଣ୍ଡ ନିଶା ଆଗରେ ପ୍ରକୃତିର ଲକ୍ଷ୍ମଣରେଖା ତୁଚ୍ଛ ହୋଇଗଲା ।

ଗାର ପଡ଼ିଗଲା ଭାରତ ସରକାରଙ୍କର ସରକାରୀ ନଥିପତ୍ରରେ ।

ଗାର ପଡ଼ିଗଲା ବାଲିଆପାଳର ସବୁଜ କ୍ଷେତମାନଙ୍କରେ । ଶହେ ତିରିଶଟି ଗ୍ରାମ ଓ ଲକ୍ଷେ ତିରିଶ ହଜାର ଲୋକଙ୍କ ଜୀବନର ପରିଧିରେ ଗାର କାଟି ଅଙ୍କା ହୋଇଗଲା ଘାଟୀର ମାନଚିତ୍ର ।

ବାଲିଆପାଳରେ ଆଜି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଡିଣ୍ଡିମ ଶୁଭୁଛି ।

ତୃତୀୟ ବିଶ୍ୱର ଅଭ୍ୟୁଦୟ ଶକ୍ତିମାନଙ୍କୁ ଟକ୍କର ଦେବା ପାଇଁ ଭାରତକୁ ଘାଟୀ ପ୍ରସ୍ତୁତ କରିବାକୁ ହିଁ ହେବ ।

ସେଥିପାଇଁ ବାଲିଆପାଳର ସୁଜଳା, ସୁଫଳା ମାଟି ଯଦି ଧ୍ୱଂସ ହୋଇଯାଏ ଅବା ଲକ୍ଷେ ତିରିଶ ହଜାର ଜୀବନ ସେଇ ଘାଟୀ ତଳେ ପୋତିଯାଏ, ସେମାନଙ୍କର ଚିନ୍ତା ନାହିଁ ।

ସେଇଥିଲାଗି ତ ବାଲିଆପାଳବାସୀଙ୍କର ଆଜି ଚିନ୍ତାର ଶେଷ ନାହିଁ । କେମିତି ବିଭୀଷିକାର ଏ ଅଗ୍ନିବଳୟରୁ ସେମାନେ ବାଲିଆପାଳକୁ ରକ୍ଷା କରିବେ ।

ତେଣୁ ସେମାନଙ୍କର ଦିନରାତି ଆଜି ଉତ୍କଣ୍ଠା, ଅସ୍ଥିରତା, ଭୟ ଉଦବେଗରେ ଅଶାନ୍ତ !

ଅଶୀତିବର୍ଷର ବୃଦ୍ଧ ଘନଶ୍ୟାମ ଦାସ ହାରିକିନୀ ଆଲୁଅ ତଳେ ଝୁଙ୍କି ପଡ଼ି ଚିଠି ଲେଖିଚାଲନ୍ତି ଭାରତ ସରକାରଙ୍କର ପ୍ରତିରକ୍ଷା ବିଭାଗକୁ, ପ୍ରଧାନମନ୍ତ୍ରୀଙ୍କୁ, ଦେଶବିଦେଶର ସବୁ ବିଜ୍ଞ, ବୁଦ୍ଧିଜୀବୀମାନଙ୍କୁ ।

ବୋହୂ ଡାକେ, ବାପା, ରାତି ଯେ ପାହିଗଲା।

ଘନଶ୍ୟାମ ଦାସ ଉଠନ୍ତି ନାହିଁ।

ତାଙ୍କ ହାତରେ ସମୟ ଖୁବ୍ କମ ।

ଏ ସର୍ବନାଶର ଯଜ୍ଞ ତାଙ୍କୁ ଲିଭାଇବାକୁ ହିଁ ହେବ ।

॥ ବାଇଶ ॥

ବାଲିଆପାଳରେ ଦୁର୍ଗାପୂଜା ହେଉଥିବା ପକ୍କା ଘରେ ଘାଟୀ ପ୍ରତିରୋଧ ସମିତିର ସଭ୍ୟମାନେ ନୀରବରେ ବସିଥିଲେ । ସେମାନଙ୍କ ଆଗରେ ପଡ଼ିଥିଲା, ସେ ଦିନର ସମାଜ । ସେଥିରେ ବାହାରିଥିବା ଏକ ଖବରର ଶୀର୍ଷକ 'ବାଲିଆପାଳ ଥଇଥାନ ଓ ପୁନର୍ବାସ କାର୍ଯ୍ୟକ୍ରମ ଲାଗି ଭୂଅର୍ଜ୍ଜନ' ନାଲିକାଳିରେ ରେଖାଙ୍କିତ ହୋଇଥିଲା ।

ନଟବର ପ୍ରଧାନ ବଡ଼ପାଟିରେ ପଢ଼ି ଚାଲିଥିଲେ । "ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାରେ ପ୍ରତିଷ୍ଠିତ ହେବାକୁ ଥିବା ଜାତୀୟ କ୍ଷେପଣାସ୍ତ୍ର ଘାଟୀ ଦ୍ୱାରା ଯେଉଁ ଲୋକମାନେ ବାସଚ୍ୟୁତ ହେବେ, ସେମାନଙ୍କର ଥଇଥାନ ଲାଗି ହେଉଥିବା ବହୁ କୋଟି ଟଙ୍କାର କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏଇ ପ୍ରସ୍ତାବିତ ଘାଟୀ ଦ୍ୱାରା ବାଲିଆପାଳ ବ୍ଲକର ୪୨ଟି ଓ ଭୋଗଜରାଇ ବ୍ଲକର ୧୩ଟି, ଏମିତି ମୋଟ ୫୫ଟି ଗ୍ରାମର ମୋଟ ୪୧ ହଜାର ଲୋକ ବାସଚ୍ୟୁତ ହେବେ । ବାସଚ୍ୟୁତ ହେବାକୁ ଥିବା ଜନସାଧାରଣଙ୍କର ପୁର୍ନବାସନ କାର୍ଯ୍ୟଠିକଣା ଭାବେ ନହେବା ପର୍ଯ୍ୟନ୍ତ ଘାଟୀ ଅଞ୍ଚଳରୁ କାହାରିକୁ ଉଚ୍ଛେଦ କରାଯିବ ନାହିଁ ବୋଲି ରାଜ୍ୟ ସରକାର ଏଥି ମଧ୍ୟରେ ସ୍ପଷ୍ଟଭାବେ ଘୋଷଣା କରଇଛନ୍ତି । ବାଲିଆପାଳ ନିକଟରେ ଏକ ବିସ୍ତୃତ ଅଞ୍ଚଳରେ ପ୍ରାୟ ୧୫କୋଟି ଟଙ୍କା ବ୍ୟୟରେ ଆଦର୍ଶ ଗ୍ରାମାମନ ତିଆରି ହେଉଛି ଏବଂ ଏହି ଗ୍ରାମଗୁଡ଼ିକରେ ଥଇଥାନ ହେବାକୁ ଥିବା ଜନସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି।

ଏହା ବ୍ୟତୀତ ଆଦର୍ଶ ଗ୍ରାମ ନିକଟରେ ଚାରୋଟି ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କରି ଘାଟୀ ଅଞ୍ଚଳର ଲୋକଙ୍କ ପାଇଁ ଅର୍ଥନୈତିକ ଥଇଥାନର ସୁଯୋଗ ସୃଷ୍ଟି କରିବାକୁ ମଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଥାଉ । ଥାଉ ଆଉ ପଢ଼ିବା ଦରକାର ନାହିଁ। ଅନାଦି ସାହୁ କହିଲେ । ଘନଶ୍ୟାମ ଦାସ ଆଖିରେ ଚଷମା । ଟିକେ ଦୂରରେ ବସିଥିବା ବାୟା, ଶୁକୁଟା ମାଝି, ଅଗରା ମଳିକ୍ ଆଦିଙ୍କ ଆଡ଼କୁ ଅନାଇ କହିଲେ, ଏ ଗୋଟିଏ ନୂଆ ଫନ୍ଦି । ଲୋକଙ୍କୁ ପ୍ରଭାବିତ କରିବାର, ଭୁଆଁ ବୁଲାଇବାର। ନୂଆ ଚାଲ୍ । ଆଉ ଦେଖ, କି ଛଳନା । ପ୍ରଥମେ କହିଲେ ୧୩୦ଟି ଗ୍ରାମ ନେବେ, ଏବେ କହୁଛନ୍ତି, ୫୫ଟି ଗ୍ରାମ ନେବେ, ଆଚ୍ଛା ଏହି ସବୁ ଆଦର୍ଶ ଗ୍ରାମ ତିଆରି ପାଇଁ ସର୍ବମୋଟ କେତୋଟି ଗ୍ରାମ ତାଙ୍କ କହିବାରେ ନେବେ, ହିସାବ କର । (କ୍ରମଶଃ)

## ସନ୍ଥ ଗପ



## ବୟସ ନୁହେଁ, ପ୍ରଜ୍ଞା ହିଁ ମାପକାଠି

ନଗେନ୍ଦ୍ର ନାଥ ପଟ୍ଟନାୟକ

କୌଣସି ଏକ ଅଂଚଳରେ ବର୍ଷବର୍ଷ ଧରି ବୃଷ୍ଟିପାତ ହେଉନଥାଏ । ଫଳରେ ଭୟଙ୍କର ଅକାଳ ପଡିଲା, ମହାମାରୀ କାୟା ବିସ୍ତାରିଲା । ମାଡିଆସିଲା ଆକସ୍ମିକ ବିପଦ । ଉତ୍କଟ ମରୁଡିର ପଦଧ୍ୱନି ସେଠିକାର ଲୋକଙ୍କ ଭିତରେ ଆତଙ୍କ ଖେଳାଇଦେଲା । ଲୋକଙ୍କ ଭିତରେ ଭାଳେଣିପଡିଲା । ଚାରିଆଡେ ଖାଲି ଲୋକଙ୍କ ଆର୍ତଚିତ୍କାର, ହାହାକାର । ଖାଦ୍ୟାନ୍ନର ଘୋର ଅଭାବ । ଭୋକଉପାସ ଜ୍ୱାଳାରେ ଆଉଟୁପାଉଟୁ ହୋଇ ଅଧିକାଂଶ ଅକାଳରେ ଟଳିପଡିଲେ ପୋକମାଛି ପରି । ଲୋକେ ଅଖିଆ ଅପିଆ କେତେଦିନ ବା ବଂଚି ରହିବେ ? କ୍ଷୁଧାତୃଷାର ତାଡନାରେ ଡହଳବିକଳ ହୋଇ ବହୁଲୋକ ମହାକାଳର କବଳିତ ହେଲେ । ଅଗତ୍ୟା ଅନେକ ମରୁଡି ପ୍ରପୀଡିତ, ଅଭୁକ୍ତ ଆପଣାର କ୍ଷେତ ଓ ଭିଟାମାଟିର ମୋହ ଛାଡି ଜୀବନ ବିକଳରେ ଅନ୍ୟତ୍ର ପଳାୟନ କଲେ ।

କିନ୍ତୁ ଜଣେ ତରୁଣ ମୁନି ଥିଲେ ମାତା ସରସ୍ୱତୀ ନଦୀର ଅନନ୍ୟ ଉପାସକ । ସେ ଉପାସ୍ୟ ଦେବୀ ସରସ୍ୱତୀଙ୍କୁ ଆକୁଳ ପ୍ରାର୍ଥନା କଲେ -ମାତା ଏ ଦୁର୍ଭିକ୍ଷ ପ୍ରପୀଡିତ ଲୋକଙ୍କ ପରିତ୍ରାଣ ନିମନ୍ତେ କ'ଣ କିଛି କରନ୍ତୁ, ଯେମିତି କି ଏମାନେ ଏ ଘୋର ସଂକଟରୁ ବର୍ତିପାରିବେ ।

ବାଗଦେବୀ ମାତା ସରସ୍ୱତୀ ପ୍ରବୋଧନା ଦେଇ କହିଲେ-ତୁମ୍ଭେମାନେ ଦୃଢ ନିଶ୍ଚନ୍ତ ହୋଇ ରୁହ । ନିଶଙ୍କ ହୋଇ ମୋ ଏ ତଟଦେଶରେ ବେଦର ସ୍ୱାଧ୍ୟାୟ କରିଚାଲ । ଏକନିଷ୍ଠ ଭାବେ ବେଦର ମହାମନ୍ତ୍ର ଆବାହନ କର । ଏଣେ ମୁଁ ସଂକଟ ଟାଳିବାକୁ ପ୍ରୟାସ କରୁଛି ।



ସାରସ୍ୱତମୁନୀଙ୍କ ବେଦ ମହାମନ୍ତ୍ର ଧ୍ୱନିରେ ଗୁଂଜରିତ ହୋଇଉଠିଲା ସାରା ତଟୀୟ ପରିବେଶ । ଆଖି ପିଛୁଳାକେ ପାବନ ପବିତ୍ର ସରସ୍ୱତୀ ନଦୀ ଉଛୁଳା ଜଳସ୍ରୋତରେ ସେ ଅଂଚଳର କ୍ଷେତ ଚାଷଜମି ସବୁ ଜଳମଗ୍ନ ହୋଇଗଲା । ଉତ୍ପନ୍ନ ହେଲା ପ୍ରଚୁର ଶସ୍ୟ, ଖାଦ୍ୟାନ୍ନ ।

ସମୀପସ୍ଥ ମୁନିଋଷିମାନେ ଜାଣିବାକୁ ପାଇଲେ ଯେ ଏହା ସମ୍ଭବପର ହୋଇପାରିଛି କେବଳ ମୁନି ସାରସ୍ୱତଙ୍କ ବେଦର ସ୍ୱାଧ୍ୟାୟ ଓ କୃଚ୍ଛ୍ରତପ ଯୋଗୁଁ । ତାଙ୍କରି ପ୍ରଚେଷ୍ଟା ଫଳରେ ଏ ଭୟଙ୍କର ଅକାଳକୁ ଅନାୟାସରେ ଏଡାଇ ଦିଆଯାଇ ପାରିଲା । ତେଣୁ ସେମାନେ ସାରସ୍ୱତମୁନିଙ୍କ ଦର୍ଶନ ନିମିତ ସେଠାରେ ପଦାର୍ପଣ କଲେ । ତାଙ୍କୁ ବିନମ୍ର ନିବେଦନ କଲେ -ଦୟାକରି ଆମକୁ ବେଦଶାସ୍ତ୍ର ପାଠ ପଢାନ୍ତୁ ।

ସାରସ୍ୱତ ମୁନି କହିଲେ ମୁଁ କେବଳ ଶିଷ୍ୟମାନଙ୍କୁ ହିଁ ପଢାଇବି ।

ଋଷିଗଣ ଏକସ୍ୱରରେ କହିଲେ - ତୁମେ ଆମ ସମ୍ମୁଖରେ ଜଣେ ବାଳକ ସମାନ । ଆମ୍ଭେମାନେ ତୁମର ଶିଷ୍ୟ କିପରି ହୋଇପାରିବୁ ?

ସାରସ୍ୱତ ମୁନି କିନ୍ତୁ ବିନୟୀ ହୋଇ କହିଲେ -ମୁଁ ଦୃଢ ସଂକଳ୍ପ କରୁଛି କେବଳ ଶିଷ୍ୟକୁ ହିଁ ପଢାଇବି ।

ତହୁଁ ଜଣେ ବୃଦ୍ଧଋଷି କହିଲେ- କୌଣସି କ୍ଷେତ୍ରରେ ବି ଜ୍ଞାନୀ ଓ ତପସ୍ୱୀଙ୍କର ଆୟୁଷ ଦେଖାଯାଏ ନାହିଁ । ଯିଏ ଅଧିକ ଜ୍ଞାନୀ ତଥା ପ୍ରଚଣ୍ଡ ପ୍ରଜ୍ଞାଯୁକ୍ତ ସିଏ ଖୁବ୍ କମ ବୟସ ହେଲେ ବି ଗୁରୁସମ । ତାପରେ ଉପସ୍ଥିତ ଋଷିଗଣ ବିନା ଦ୍ୱିଧାରେ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ବେଦ ଅଧ୍ୟୟନ କରିବାକୁ ଲାଗିଲେ ।

♥ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮



# ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କ ‘ଅନନ୍ୟା’ : ଏକ ଆଲୋଚନା

ସୁଜାତା ମହାପାତ୍ର




ନାରୀ ହେଉ ଅବା ନଈ
ଏମାନଙ୍କୁ କିଏ କଣ ଲେଖେ ?
ଆପେ ଆପେ ଲେଖି ହୋଇ
ଯାଆନ୍ତି ବୋଲି ଏମାନେ କବିତା ।
(‘କବିତା ଏମିତି ହିଁ ହୁଏ’, ପୃଷ୍ଠା ୧୧୮)

ଉକ୍ତିଟିର ଯଥାର୍ଥତା ଆମେ ସମସ୍ତେ ଉପଲବ୍ଧି କରୁଛେ । କବୀଙ୍କର ଆଶା ଏକ ନୀଳନଈ ଯାହାକି ‘ଅନନ୍ୟା’ର ପ୍ରତିଟି ଫର୍ଦ୍ଦରେ ଫୁଟାଇଛି ଏକ ଅପୂର୍ବ ସମ୍ମୋହନ ।

ସଂକଳନଟିରେ ରହିଛି ସମ୍ଭାବନାର ସମୃଦ୍ଧ ଚଟାଣ, ଯେଉଁଠି ସବୁକିଛି ଛଳ ଛଳ ଓ ପ୍ରବହମାନ । ପଥରରୁ ମୂର୍ତ୍ତି ହେବାର ନିଶାରେ ଉବୁଟୁବୁ ଏବଂ ମାନବୀୟ ଚେତନାରୁ ଅତି ମାନବୀୟ ଚେତନା ଆଡକୁ ଅଗ୍ରସର କବିତାମାନେ । ତାଙ୍କରି କବିତାରୁ ଧାଡିଟିଏ ନେଇ କୁହାଯାଇ ପାରେ :-

‘ସବୁ ସ୍ମୃତିକୁ / ଜହ୍ନରାତି କରିବାର ସାମର୍ଥ୍ୟରେ/ କେବେ ଦୀପ ହୋଇ ଅହରହ ଜଳେ/ ତ ଆଉ କେବେ ଧୂପ ହୋଇ କରୁଣା ବିତରେ/ ସାଉଁଟା ସୁଖକୁ ଗଣ୍ଠିଲି ବାନ୍ଧୁ ବାନ୍ଧୁ/ ବାରବାର ପଡୁଥାଏ ବଳୀ/ ଦେବୀଟିଏ ବୋଲି ସିନା / ସେ ସମର୍ଥ !‘

କବିତାର ସ୍ଥାପତ୍ୟରେ ପ୍ରମୁଖ ଉପାଦାନ ଭାବେ ରହିଛି ନାରୀ ସ୍ୱାଭିମାନ, ସମାଜତତ୍ତ୍ୱ, ପ୍ରକୃତି ପ୍ରେମ, ଆଧ୍ୟାତ୍ମ, ପରମ୍ପରା ଓ ସଂସ୍କାର । କବିଙ୍କ କବିତା ସବୁ ଏତେ ସରଳ ଯେ ପାଠକଙ୍କୁ କସରତ କରିବାକୁ ହେବ ନାହିଁ ବରଂ ସେ ପ୍ରତିଟି କବିତା ସହ ନିଜକୁ ଯୋଡି ପାରିବ ଯେକୌଣସି ଏକ ମୁହୂର୍ତ୍ତରେ ।

ଖୁବ କମ୍ ବୟସରୁ ଅନେକ ଅଭିଜ୍ଞତାର ଉତ୍ତରଣ ଘଟିଛି କବୀଙ୍କର । ଜୀବନରେ ଭରିଛି ଦାର୍ଶନିକତା ଯାହା ଉତୁରିଛି ନାନ୍ଦନିକତା ରୂପନେଇ ।

ସ୍ତର ସ୍ତର ହୋଇ ଦୁଃଖର ଅନେକଗୁଡିଏ ଆସ୍ତରଣ ମାଡି ଗଲା ପରେ ବ୍ୟକ୍ତି ବ୍ୟକ୍ତିତ୍ୱର ଯେଉଁ ଉତ୍ତରଣ ଘଟିଥାଏ ସେଥିରେ ସୁଖ, ଦୁଃଖ, ପ୍ରାପ୍ତି, ଅପ୍ରାପ୍ୟ କିଛିବି ଆଉ ମାନେ ରଖେନା । କେବଳ ଅନୁଭବରେ ରୁହେ ଈଶ୍ୱରୀୟ ଚେତନା । ସେହି ଚେତନାରୁ ଉତୁରିଛି କବିତା ଦୁଃଖ ,ଭୋକ, ନିଆଁ, ଶୀତ ସଂକ୍ରମଣ ଆଦି ଅନେକ କବିତା ।

ଜୀବନର କୁରୁକ୍ଷେତ୍ରରେ ଭେଟିଥିବା ଗ୍ଲାନି, ଶ୍ଳେଷ, ବିବର୍ଣ୍ଣ ଓ ପରାଜିତ ସ୍ୱପ୍ନମାନଙ୍କୁ ଶବ୍ଦର କଳାତ୍ମକତାରେ ସଜେଇ କବି ନିଖୁଣ ରୂପ ଦେଇଛନ୍ତି ଅନେକ ସଫଳ କବିତାର । ଯେଉଁଠି ଅଭିମାନ ରଞ୍ଜିତ କବିତା ‘ଶ୍ରଦ୍ଧାଞ୍ଜଳୀ’ ବର୍ଷୁକି ଆକାଶ ଭଳି ଥମ୍ ଥମ୍ ସେଇଠି କବିତା ‘ତୁମରି ଇଚ୍ଛା‘ରେ କବୀ ମୁକ୍ତ କରିନେଇଛନ୍ତି ନିଜ ସତ୍ତାକୁ ଯାବତୀୟ କର୍ତ୍ତବ୍ୟର ପଞ୍ଜୁରୀରୁ । ସଂକଳନର ଶୀର୍ଷକ କବିତା ‘ଅନନ୍ୟା‘ରେ କବୀ ଏ ସମାଜର ଅନନ୍ୟାମାନଙ୍କୁ ଅଭିମନ୍ତିତ କରି ଲେଖିଛନ୍ତି-:

‘ସ୍ୱପ୍ନର ହାତ ଧରି/ ରାତି ପାର ହେବା କଥା / ତ ଅନେକ କୁହନ୍ତି,/ ପାରୁଛୁ ତ / ସ୍ୱପ୍ନ ପାଇଁ/ ରାତି ନୁହେଁ, ଦିନ ସାରିବା ଶିଖ । / ଲୁହ ହୋଇ ପାରୁନଥିବା ଯନ୍ତ୍ରଣାରୁ/ ମୁକ୍ତ ହେବା ଶିଖ/ କନ୍ଦାଉଥିବା ଗମୁରା ସ୍ମୃତିକୁ/ ଭୋଦୁଅ ଖରା ଦେବା ଶିଖ/ ବେତାଳ ବଂଶୀ ସ୍ୱରରେ/ ଶୈଶବର ଝୁଙ୍କକୁ ଛନ୍ଦିଦେବା ଶିଖ ।’

ଚିତ୍ରକଳ୍ପ ଓ ରୂପକଳ୍ପ ସୃଷ୍ଟି କରିବାରେ ମାହିର କବୀଙ୍କର କେତୋଟି ପଂକ୍ତି ପଢିଲେ ପାଠକର ମୁହଁରୁ ସ୍ୱତଃ ବାଃ ! ଟିଏ ବାହାରି ଆସେ । ଯେପରି ‘ବାପା’ କବିତାରେ କବି ଲେଖିଛନ୍ତି,

‘ ବାପା, ସେ ଯେ ଜମାରୁ ରୁଷି ପାରୁନଥିବା ଜହ୍ନଟିଏ,
ଅନ୍ଧାରକୁ ଜାଳି ଦେଉଥିବା ବହ୍ନିଟିଏ କବିତା ‘ହେ ସ୍ୱାଧୀନତା !’ରେ ସେ ଲେଖନ୍ତି-:



‘ହେ ସ୍ୱାଧୀନତା ! / ତୁମେ ଆଲୋକରେ ଆସ ନା ଅନ୍ଧାରରେ ?/ ଅନ୍ଧାରରେ ତୁମେ ଆଲୋକଠାରୁ ଅଧିକ ଦିଶ ।‘

କବିତା ‘ସମ୍ଭାବନା‘ରେ କବୀଙ୍କର ଶବ୍ଦ ଚାତୁର୍ଯ୍ୟ ଓ ଭାବ ଗାମ୍ଭିର୍ଯ୍ୟ ଦୃଶ୍ୟମାନ ।

‘ଆ.../ ଦେହରୁ ଝାଡ଼ିଦେବା/ ତମାମ ଗତକାଲି/ ପାଦ ତଳର ଘାସ ଶେଯରେ / ଫୁଟାଇବା ପାରିଜାତ ‘ ।

ପ୍ରକାଶ ଭଙ୍ଗିରେ କବୀ କୌଣସି ଠାରେ ମଧ ଅସ୍ପଷ୍ଟ ହୋଇ ନାହାଁନ୍ତି । ପ୍ରତୀକ ଓ ରୂପକଳ୍ପ ପ୍ରୟୋଗରେ ସେ ଯଥେଷ୍ଟ ସଂଯତ । କବୀ ପ୍ରକାଶନ ସମୟରେ ନିଶ୍ଚୟ ଯଥେଷ୍ଟ ଯତ୍ନଶୀଳା ଅଛନ୍ତି, ଏହା ପ୍ରମାଣିତ କାରଣ ସଂକଳନଟିରେ ରହିଛି ସମ୍ପୂର୍ଣ୍ଣ ବନାନଗତ ଶୁଦ୍ଧତା ଯାହା ପାଠକମାନଙ୍କୁ ଆଉ ଏକ ଖୁସି ପ୍ରଦାନ କରିବ । ଯଦିଓ କିଛି ଶବ୍ଦ ଯେପରିକି ତିତିକ୍ଷା, ମାଟି କାମୁଡି ପଡି ରହିଛି, ମୁର୍ଚ୍ଛା(ଯାହାକି ଏକ ବୈଦେଶିକ ଶବ୍ଦ) ଏହି ଶବ୍ଦ ସବୁ ଅନେକ କବିତାରେ ଏବଂ ଗୋଟିଏ କବିତାର ଅନେକ ସ୍ଥାନରେ ମଧ ପ୍ରୟୋଗ କରାଯାଇଛି, ଯଦ୍ୱାରା ଶବ୍ଦମାନେ କିଛି ମାତ୍ରାରେ ନିଜର ଔଜଲ୍ୟ ହରାଉଛନ୍ତି । ଆଶା କରିବା, କବୀ ଆଗାମୀ ସଂକଳନରେ ଏସବୁ ପ୍ରତି ନିଶ୍ଚୟ ଧ୍ୟାନ ଦେବେ । ପ୍ରତ୍ୟେକ କବିତା ସୁନ୍ଦର ଓ କାବ୍ୟିକ । ସଙ୍କଳନର କବିତା କ୍ରମ ପାଠକଙ୍କୁ ଗୋଟିଏ ରାହାରେ ଆରମ୍ଭରୁ ଶେଷ କବିତାରେ ପହଞ୍ଚାଇ ପାରିବ ।ଏହି ସୁଖପାଠ୍ୟ କବିତା ସଙ୍କଳନ ‘ଅନନ୍ୟା’ର ଅନନ୍ୟ ଆକର୍ଷଣରେ ନିଶ୍ଚୟ ବନ୍ଧା ପଡିବେ ପାଠକ ।

ତୀର ତରଙ୍ଗ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ୬୮ଟି କବିତାର ସଙ୍ଗମ,‘ଅନନ୍ୟା’ ସଙ୍କଳନଟି ସବୁ ଶ୍ରେଣୀର ପାଠକଙ୍କ ଦ୍ୱାରା ଆଦୃତ ହେବ ଏହା ମୋର ଦୃଢୋକ୍ତି ଓ ଶୁଭ କାମନା ।

♥ ଶିବାନୀ ଏନକ୍ଲେଭ, ବମିଖାଲ
କେନାଲ ରୋଡ, ଭୁବନେଶ୍ୱର-୧୦
(ମୋ) ୯୪୩୭୩୬୦୯୬୪

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ’ ଗାଁର କଥା)

### ଭାଗ-୩୯

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା’ ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଗାଆଁର ପାଶେ ଶାଳନ୍ଦୀ ନଈ
କୁଳୁରୁ କୁଳୁ ଯାଏରେ ବହି
ପଳାଶ ବଣ ନୀଳ ଆକାଶ
ଗାଆଁ କନିଆ ଶିଶୁର ହସ
ନଈରେ ପଡ଼େ ନାଆ
ଏଇ ଆମରି ଗାଆଁ । ୪୦୭ ।

ବିବାଦ ନାହିଁ ନାହିଁ ବି କଳି
କାମ କରନ୍ତି ସଭିଏଁ ମିଳି
ଏମିତି ଗାଆଁ ନଥିବ କାହିଁ
ଯେଉଁଠି ରହେ ଗୋବରା ଭାଇ
ସଭିଙ୍କର ସେ ସାହା
ଏଇ ଆମରି ଗାଆଁ । ୪୦୮ ।

ଯେଉଁଠି ଥାଏ ଯେମିତି ଥାଏ
ପବନ କାନେ ତା କଥା କହେ
ସରଗ ପଥ ତାର ମଶାଣି
ନିରବେ କହେ କେତେ କାହାଣୀ
ଶେଷରେ ସେଇ ସାହା
ଏଇ ଆମରି ଗାଆଁ । ୪୦୯ ।

ଯେଉଁ ମାଟିରେ ଜନମ ମୋର
ତାଁ ନାଁ ହାତିସାହି
ସେଇ ମାଟିର ଏନ୍ତୁଡ଼ିଶାଳ
ମୋ’ କଥା ଯାଏ କହି । ୪୧୦ ।

ଷଠି ଘରଠୁଁ ଶେଷ ନିଃଶ୍ୱାସ
ଜଳିବ ଶେଷେ ଜୁଇ
ସବୁ ହରଷ ସବୁ ଦରଦ
ଦେଖିଛି ଆମ ନଈ । ୪୧୧ ।

ତାହାର ତୋଟା ଶାଗୁଆ ବିଲ
ଗାଆଁ ମୁଣ୍ଡର ହାଟ
ବାରବଣୁଆ ଗୋହିରୀ ଠାରୁ
ଗାଇଆଳ କୁହାଟ । ୪୧୨ ।

ସାଳିଆ ଗଣ୍ଡ ଛାତି ଫୁଲିଲେ
ନଈରେ ଆସେ ବଢ଼ି
ମୁହଁ ଅନ୍ଧାରୁ ଗାତ ବାହୁଡ଼ା
ବିଲୁଆଙ୍କର ରଡ଼ି । ୪୧୩ ।

ଗାଆଁ ମୁଣ୍ଡର ଢିପ ଉପରେ
ପାର ନାନୀର ଘର
କାହାର ନାନୀ କାହା ମାଉସୀ
ନାହିଁ ଆପଣା ପର । ୪୧୪ ।

ଗାଁ ମଝିରେ ଜମେଇ ଅଛି
ଭାଲୁ ଭାଇ ତା’ ଶାଳ
ଶାଳ ନୁହେଁ ତ ସତେ ଯେମିତି
ସାରା ଗାଆଁର ବଳ ! ୪୧୫ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ ‘ଦିନକର’




# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

## ॥ ଜତୀନ୍ ଦାସ-୨ ॥

କଲିକତାରୁ ଆସିଲାବେଳେ ବୋମାର ଖୋଳ ଭଗତସିଂହ ନିଜ ସାଙ୍ଗରେ ଆଣିଥାନ୍ତି । ବିସ୍ଫୋରକ ପ୍ରସ୍ତୁତ କରିବାର ବିଧି, ତାକୁ ଖୋଳରେ ଭର୍ତ୍ତି କରିବାର ଉପାୟ, ଗନ୍‌କଟନ୍ ବନେଇବାର କୌଶଳ ଇତ୍ୟାଦି ସମସ୍ତ କର୍ମ, ଜତୀନ୍ ନିଜେ ସାଥୀଙ୍କ ଆଗରେ କରିବା ସହ ସେମାନଙ୍କୁ ବିସ୍ତାରରେ ବୁଝାଇବାକୁ ଲାଗନ୍ତି । ବୋମା ତିଆରି କରି ଝାନ୍ସୀରୁ କୋଡ଼ିଏ କି.ମି. ଦୂର ଜଙ୍ଗଲ ଭିତରେ ତାହାର ପରୀକ୍ଷଣ ବି ଠିକ୍‌ଠାକ୍ ହୋଇଯାଏ । ତାଙ୍କ କାମ ସରିଯିବାରୁ ଜତୀନ୍ ଏଥର ଫେରିଯାଆନ୍ତି କଲିକତା । ସେଇ ଆଗ୍ରା କେନ୍ଦ୍ରରେ ନିର୍ମିତ ହୋଇଥିବା ବୋମାକୁ ଭଗତସିଂହ ଓ ବଟୁକେଶ୍ୱର ଦତ୍ତ ଦିଲ୍ଲୀର ଆସେମ୍ଲି ଭବନ ଭିତରେ ଫିଙ୍ଗିଥିଲେ । କମ୍ ଶକ୍ତି ସମ୍ପନ୍ନ ବୋମା ହୋଇଥିବାରୁ ଭୀଷଣ ଶବ୍ଦ ସହ ବିସ୍ଫୋରଣ ହେଲେ ବି ସେଦିନ କାହାରି ପ୍ରାଣହାନୀ ଘଟି ନଥିଲା । ବୋମା ଫିଙ୍ଗିବା ପରେ କାହିଁକି ଏଇ ସରକାରୀ ବିଲ୍‌କୁ ବିରୋଧ କରୁଛନ୍ତି ସେ ବିଷୟରେ ଲିଖିତ ପ୍ରଚାରପତ୍ର ଚାରିଆଡ଼େ ଫିଙ୍ଗି ସେମାନେ ପୋଲିସ୍ ହାତରେ ସ୍ୱେଚ୍ଛାରେ ଧରା ଦିଅନ୍ତି । ଏମାନଙ୍କୁ ଗିରଫ୍ କରିବା ପରେ ଖୋଳତାଡ଼୍ କରି ତାଙ୍କ ସହ ସମ୍ପୃକ୍ତ ଥିବା ଆହୁରି ଅନେକ କ୍ରାନ୍ତିକାରୀ ସାଥୀଙ୍କୁ ଧରାହୁଏ । ସେମାନଙ୍କ ମଧ୍ୟରୁ ଫଣୀନ୍ଦ୍ର ମାଡ଼ ଭୟରେ ରାଜସାକ୍ଷୀ ବନିଯାଏ । ତା’ର ପ୍ରଦତ୍ତ ସୂଚନା ଅନୁଯାୟୀ ଜତୀନ୍ ଦାସ କଲିକତାରେ ଗିରଫ୍ ହୁଅନ୍ତି । ଦ୍ୱିତୀୟ ଲାହୋର ଷଡ଼ଯନ୍ତ୍ର କେଶ୍‌ର ଏକ ଅଭିଯୁକ୍ତ ଭାବେ ତାଙ୍କୁ ପଞ୍ଜାବ ପଠାଇ ଦିଆଯାଏ ।

ପଞ୍ଜାବ ପୋଲିସ୍ ଏଇ କ୍ରାନ୍ତିକାରୀଙ୍କ ପ୍ରତି ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇ ଜେଲ୍ ଭିତରେ ସେମାନଙ୍କୁ ନାନା ପ୍ରକାର ନିର୍ଯ୍ୟାତନା ଦେବାକୁ ଲାଗେ । ରାଜନୈତିକ ବନ୍ଦୀ ହୋଇଥିଲେ ସୁଦ୍ଧା ସେମାନଙ୍କୁ କୌଣସି ସୁବିଧା ନଦେଇ ତାଙ୍କ ସହ ସାଧାରଣ ଅପରାଧୀଙ୍କ ଭଳି ବ୍ୟବହାର କରାଯାଏ । ଗୁଣ୍ଡା ବଦମାସ ମାନଙ୍କ ସହ ଗୋଟିଏ କୋଠରୀରେ ରହିବାକୁ ବାଧ୍ୟ କରାଯାଏ ସେମାନଙ୍କୁ । ଜେଲ୍ ଖାଦ୍ୟ ବି ଥାଏ ଖୁବ୍ ନିମ୍ନ ଧରଣର । ପଢ଼ିବା ପାଇଁ ବହି କି ଖବରକାଗଜ ଯୋଗାଇ ଦେବାରେ ମଧ୍ୟ ଥାଏ କଟକଣା । ଉଚ୍ଚଶିକ୍ଷିତ କ୍ରାନ୍ତିକାରୀମାନେ ଜେଲ୍ କର୍ମଚାରୀଙ୍କ ଏଭଳି ବ୍ୟବହାର କେତେଦିନ ବା ସହ୍ୟ କରି ପାରନ୍ତେ ? ସମସ୍ତେ ମିଶି ଏଭଳି ଅନ୍ୟାୟର ଘୋର ପ୍ରତିବାଦ କରିବାକୁ ବିଚାର କରନ୍ତି । ଭଗତସିଂହ ଓ ବଟୁକେଶ୍ୱର ଦତ୍ତ ଜେଲ୍ ଭିତରେ ଆମରଣ ଅନଶନ ଆରମ୍ଭ କରିଦିଅନ୍ତି । ତାଙ୍କ ଦେଖାଦେଖି ଅନ୍ୟ ସାଥୀମାନେ ଅନଶନ କରିବାକୁ ଆଗଭର ହୁଅନ୍ତି । ସବୁ ରାଜବନ୍ଦୀମାନେ ସାଥୀ ହୋଇ ଆମରଣ ଅନଶନ ଆରମ୍ଭ କରିଦେଲେ ସରକାରଙ୍କ ଉପରେ ତାହାର ନିଶ୍ଚିତ ପ୍ରଭାବ ପଡ଼ିବ ବୋଲି ସେମାନେ ଭାବୁଥାନ୍ତି । କିନ୍ତୁ ଜତୀନ୍ ଅନଶନ ପକ୍ଷରେ ନଥାନ୍ତି । ପୂର୍ବରୁ ମୈମନ୍‌ସିଂ ଜେଲ୍‌ରେ ଅନଶନର ଅନୁଭୂତି ଥିବାରୁ ସେ ଜାଣିଥାନ୍ତି ଯେ ଅନ୍ୟ ସବୁ ଲଢ଼େଇ ଠାରୁ ଏଇଟି ଖୁବ୍ କଠିନ । ଶେଷ ପର୍ଯ୍ୟନ୍ତ ତାକୁ ନେବାକୁ ହେଲେ ବଳିଦାନର ଆବଶ୍ୟକତା ରହିଛି । କେବଳ ଭାବନାର ପ୍ରବାହରେ ଭାସିଯାଇ ଅନଶନ ଆରମ୍ଭ କରିଦେବା ଠିକ୍ ହେବନି । ତାଙ୍କ ସାଥୀମାନଙ୍କୁ ବୁଝାଇବାକୁ ଯାଇ ସେ କହନ୍ତି, “ଏଇ ଅନଶନର ଘୋଷଣା କରି ଆମେ ଏକ ଲମ୍ବା ସଂଘର୍ଷ ଆରମ୍ଭ କରିବାକୁ ଯାଉଛୁ । ଯାହା ଖଣ୍ଡା ତଲୱାର ଓ ପିସ୍ତଲର ଲଢ଼ାଇ ଠାରୁ ବହୁଗୁଣରେ କଠିନ । ଅନଶନ ଦ୍ୱାରା ତିଳ ତିଳ କରି ନିଜକୁ ଜାଳି ଇଞ୍ଚେ ଇଞ୍ଚେ କରି ମୃତ୍ୟୁ ଆଡ଼କୁ ଆଗେଇବା ଅପେକ୍ଷା ଗୁଳିର ଶିକାର ହେବା କି ଫାଶୀଖୁଣ୍ଟରେ ଝୁଲି ମୃତ୍ୟୁବରଣ କରିବା ସହଜ ଅଟେ । ହେଲେ ଥରେ ଅନଶନର ରଣାଙ୍ଗନକୁ ଓହ୍ଲାଇବା ପରେ ସେଠାରୁ ପଛକୁ ଫେରିଲେ କ୍ରାନ୍ତିକାରୀଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆସିବ । ତା’ ଅପେକ୍ଷା ତହିଁରେ ଭାଗ ନନେବା ଭଲ ।” ଥରେ ଅନଶନ ଆରମ୍ଭ କଲେ ଯେତେବେଳ ପର୍ଯ୍ୟନ୍ତ ତାଙ୍କ ଲକ୍ଷ୍ୟ ହାସଲ ନହୋଇଛି ସେ ଆଉ କୌଣସି ପରିସ୍ଥିତିରେ ବି ପଛକୁ ଘୁଞ୍ଚିବେ ନାହିଁ ବୋଲି ସାଥୀମାନଙ୍କୁ ସ୍ପଷ୍ଟ ଶୁଣେଇ ଦିଅନ୍ତି । ସମସ୍ତେ ମିଶି ଭଲକରି ବିଚାର ବିମର୍ଶ କଲାପରେ ଅନଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆହୁଏ ।



ଲାହୋର ଜେଲ୍‌ରେ ରାଜବନ୍ଦୀଙ୍କ ଆମରଣ ଅନଶନର ଖବର ଜଙ୍ଗଲର ନିଆଁ ଭଳି ସାରା ଦେଶରେ ଖୁବ୍ କମ୍ ସମୟ ଭିତରେ ବ୍ୟାପିଯାଏ । ପତ୍ରପତ୍ରିକାରେ ଅନଶନକାରୀଙ୍କ ସପକ୍ଷରେ ଅନେକ ଆଲେଖ୍ୟ ଓ ସମ୍ପାଦକୀୟ ପ୍ରକାଶ ପାଏ । ଲାହୋର ତଥା ବିଭିନ୍ନ ସହରରେ ସଭା ଆୟୋଜନ କରାଯାଇ ଚାନ୍ଦା ଏକତ୍ର କରି ୧୦,୦୦୦ ଟଙ୍କା ଜମା କରାଯାଏ ଭଲ ଓକିଲ ନିଯୁକ୍ତ କରିବା ପାଇଁ । ଏପଟେ ଦଶଦିନ ପରେ ଅନଶନକାରୀଙ୍କ ଅବସ୍ଥା ବିଗିଡ଼ିବା ଆରମ୍ଭ କରେ । ସରକାରଙ୍କ ଦ୍ୱାରା ନିଯୁକ୍ତ ଡାକ୍ତରୀ ଦଳ ଆସି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଉଦ୍‌ବେଗ ପ୍ରକାଶ କରନ୍ତି । ତା’ ପରଦିନ ଠାରୁ ଜଣ ଜଣଙ୍କୁ କାବୁ କରି ବଳାତ୍‌ପାନ କରେଇବା ଆରମ୍ଭ ହୋଇଯାଏ । କ୍ରାନ୍ତିକାରୀମାନେ ଆପଣା ସମସ୍ତ ବଳ ଲଗାଇ ନାକରେ ପାଇପ୍ ପୂରାଇବାର ବିରୋଧ କରିବାରେ ଲାଗନ୍ତି । ଜତୀନ୍‌ଙ୍କର ଏଇ ଅନଶନ ବିଷୟରେ ଭଲ ଅଭିଜ୍ଞତା ଥିବାରୁ ପାଇପ୍ ପୂରାଇବା ବେଳେ କାଶି ତାକୁ ପାଟି ଭିତରକୁ ନେଇଆସି ଦାନ୍ତରେ କାମୁଡ଼ି ଧରିବାରୁ ତା’ ମଧ୍ୟ ଦେଇ କ୍ଷୀର ଢାଳିବା ସମ୍ଭବ ହୋଇ ପାରେନି । ଡାକ୍ତର ତାଙ୍କ ପାଖରେ ପରାଜିତ ହେବାରୁ ରାଗି, “କାଲିକି ତୋତେ ଦେଖିନେବି” କହି ଦୁମ୍ ଦୁମ୍ ହୋଇ ଚାଲିଯାଆନ୍ତି । ଦ୍ୱିତୀୟ ଦିନ ଖୁବ୍ ଚେଷ୍ଟା କରି ଆଠଜଣ ଲୋକ ଜତୀନ୍‌ଙ୍କୁ କାବୁ କରିବାରେ ସଫଳ ହେବାରୁ ଡାକ୍ତର ତାଙ୍କ ନାକରେ ପାଇପ୍ ପୂରାଇବାକୁ ଲାଗନ୍ତି । ଜତୀନ୍ ତାକୁ ପାଟି ଭିତରକୁ ଆଣିବାକୁ ଅସଫଳ ହେବାରୁ ତାହା ଖାଦ୍ୟନଳୀ ପରିବର୍ତ୍ତେ ଶ୍ୱାସନଳୀ ଭିତରକୁ ପଶିଯାଏ । ଡାକ୍ତର ସେକଥା ଜାଣି ନପାରି କ୍ଷୀର ଢାଳିଦିଅନ୍ତି । ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହେବାସହ କାଶି କାଶି ନୟାନ୍ତ ହୋଇ ଯାଆନ୍ତି ଜତୀନ୍ । ଅଳ୍ପ ସମୟ ପରେ ସେ ବେହୋସ ହୋଇଯିବାରୁ ତାଙ୍କୁ ସେଇ ଅବସ୍ଥାରେ ଛାଡ଼ି ଡାକ୍ତର ତାଙ୍କ ଦଳବଳ ନେଇ ସେଠାରୁ ଚାଲିଯାଆନ୍ତି । ସାଥୀମାନେ ତାଙ୍କ ଅବସ୍ଥା ଦେଖି ଖୁବ୍ ପାଟିତୁଣ୍ଡ କରିବାରୁ ଅଧଘଣ୍ଟାଏ ପରେ ଡାକ୍ତର ଆସି ଅବସ୍ଥା ସାଙ୍ଘାତିକ ଦେଖି ପାଟିବାଟେ ଔଷଧ ଖୁଆଇବାକୁ ଚେଷ୍ଟା କରନ୍ତି । ସେତେବେଳକୁ ସାମାନ୍ୟ ଚେତା ଫେରିଆସିଥିବାରୁ ମୁହଁକୁ ବନ୍ଦ କରି ଇଂଗ୍ରାଜୀରେ “ନୋ” ବୋଲି କହନ୍ତି ଜତୀନ୍ । ଡାକ୍ତର ତଥା ସାଥୀମାନେ ଯେତେ ବୁଝାଇଲେ ବି ସେ ଔଷଧ ଖାଇବା କିମ୍ବା ଇଞ୍ଜେକ୍ସନ୍ ନେବାକୁ ସ୍ପଷ୍ଟ ମନା କରିଦିଅନ୍ତି । ଏଣେ ତାଙ୍କ ଶରୀରର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇ ଚାଲିଥାଏ । ସେଭଳି ପରିସ୍ଥିତିରେ ବଳପ୍ରୟୋଗ କରିବାର ପ୍ରଶ୍ନ ହିଁ ନଥିବାରୁ ତାଙ୍କୁ ନିମୋନିଆଁ ହୋଇ ଯାଇଛି ବୋଲି କହି ଡାକ୍ତର ସେଠାରୁ ଚାଲିଯାଆନ୍ତି । ଦୁଇ ତିନିଘଣ୍ଟା ସେଇମିତି କାଶି କାଶି ଛଟପଟ ହେବାପରେ ଆସ୍ତେ ଆସ୍ତେ କାଶ କମିଯାଏ । ଆଖି ଖୋଲି ନିଜ ସାଥୀଙ୍କୁ ଦେଖି ସେ ଅଳ୍ପ ହସି ଧୀର ସ୍ୱରରେ କହନ୍ତି, “ଏବେ ଆଉ ସେମାନଙ୍କ କବ୍‌ଜାକୁ ଆସିବିନି ।” ତାଙ୍କର ଏଭଳି ଦୃଢ଼ ସଂକଳ୍ପ ଦେଖି ସେଠାରେ ଉପସ୍ଥିତ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି ।

ବଳାତ୍‌ପାନର ବିରୋଧ କରିବା ଯୋଗୁଁ ଅବସ୍ଥା ଆହୁରି ସାଙ୍ଘାତିକ ହୋଇଯାଉଥିବାରୁ ତାଙ୍କୁ ଆଉ ନଳୀ ସାହାଯ୍ୟରେ କ୍ଷୀର ପିଆଇବାର ଚେଷ୍ଟା କରାଯାଏ ନାହିଁ । ସେ ଔଷଧ ମଧ୍ୟ ଖାଇବାକୁ ମନା କରୁଛନ୍ତି ବୋଲି ସରକାରଙ୍କୁ ଲେଖି ଜଣାଇ ଦିଏ ଜେଲ୍ କର୍ତ୍ତୃପକ୍ଷ । ଏପଟେ ଦିନକୁ ଦିନ ଜତୀନ୍‌ଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଲାଗିଥାଏ । ଶିବ ବର୍ମା ମଧ୍ୟ ବଳାତ୍‌ପାନର ଘୋର ବିରୋଧ କରୁଥିବାରୁ ତାଙ୍କୁ ବି ଖୋରାକ୍ ଦେବା ବନ୍ଦ କରିଦିଆଯାଏ । ଦୁହିଁଙ୍କ ଅବସ୍ଥା ଖୁବ୍ ଶୋଚନୀୟ ହୋଇପଡ଼େ । ପଞ୍ଜାବ ବିଧାନ ସଭାର ସଦସ୍ୟ ଡା. ଗୋପୀଚନ୍ଦ ଭାର୍ଗବ ଜେଲ୍‌କୁ ଆସି ଜତୀନ୍‌ଙ୍କ ସହ ସାକ୍ଷାତ କରନ୍ତି । ଔଷଧ କାହିଁକି ଖାଉ ନାହାନ୍ତି ତଥା ପାଣି ପିଇବା ବି କାହିଁକି ଛାଡ଼ି ଦେଇଛନ୍ତି ବୋଲି ସେ ପଚାରନ୍ତି । ଜତୀନ୍ ନିର୍ଲିପ୍ତ ଭାବରେ ଉତ୍ତର ଦିଅନ୍ତି ସେ ମରିବାକୁ ଚାହୁଁଛନ୍ତି ବୋଲି । ନିଜ ଦେଶ ପାଇଁ ଓ ନିଜ ସାଥୀ ରାଜବନ୍ଦୀଙ୍କୁ ଜେଲ୍ ଭିତରେ ଉଚିତ୍ ସମ୍ମାନ ଦିଆଯିବା ଦାବିରେ ସେ ଆପଣା ଜୀବନକୁ ଉତ୍ସର୍ଗ କରିବାକୁ ଚାହାଁନ୍ତି । ପଣ୍ଡିତ ମୋତିଲାଲ ନେହେରୁ ଏଇ ଅନଶନକାରୀଙ୍କୁ ବଳାତ୍‌ପାନ କରାଇବାର ଘୋର ବିରୋଧ କରନ୍ତି ପ୍ରତ୍ୟେକ ସଭା ସମିତିରେ । ‘ପ୍ରତାପ’ର ସମ୍ପାଦକ ଗଣେଶ ଶଙ୍କର ବିଦ୍ୟାର୍ଥୀ ଅନଶନକାରୀଙ୍କୁ ଭେଟିବା ପାଇଁ ଲାହୋର ଆସନ୍ତି । ଭଗତସିଂହଙ୍କ ସହିତ ଜେଲ୍ ଭିତରେ ତାଙ୍କର ଏକ ଦୀର୍ଘ ଆଲୋଚନା ହୁଏ ଏଇ ଅନଶନ ବିଷୟରେ । କ୍ରାନ୍ତିକାରୀଙ୍କ ଜୀବନ ପାଇଁ ସେ ବ୍ୟସ୍ତ ହୋଇ ଉଠୁଥିବା ଦେଖି ଭଗତସିଂହ ତାଙ୍କୁ କହନ୍ତି ଯେ ସେମାନେ ମୃତ୍ୟୁ ବିଷୟରେ ଆଦୌ ଚିନ୍ତିତ ନୁହଁନ୍ତି । ନିଜ ଆଦର୍ଶ ପାଇଁ ମରିବା ସେମାନଙ୍କୁ ଭଲ ଭାବରେ ଜଣା । ବ୍ରିଟିଶ୍ ସରକାରଙ୍କ ଅହଂକାରପୂର୍ଣ୍ଣ ଓ ବିବେକଶୂନ୍ୟ ବ୍ୟବସ୍ଥା ବିରୁଦ୍ଧରେ ବୀରତ୍ୱର ସହ ସଂଘର୍ଷ କରି ସେମାନେ ମାତୃଭୂମିର ବଳିବେଦୀରେ ଆପଣାକୁ ଆହୁତି ଦେବାକୁ ନିଷ୍ପତ୍ତି ନେଇ ସାରିଛନ୍ତି ।

ଦିନକୁ ଦିନ ଜତୀନ୍‌ଙ୍କ ପରିସ୍ଥିତି ଆହୁରି ଖରାପ୍ ଆଡ଼କୁ ଗତି କରୁଥାଏ । ସ୍ୱାସ୍ଥ୍ୟାବସ୍ଥା ଦେଖି ଭଗତସିଂହଙ୍କ ଉପରେ ଡା. ଗୋପୀଚନ୍ଦ ଭାର୍ଗବ ଚାପ ପକାନ୍ତି ତାଙ୍କୁ ବୁଝାଇବା ପାଇଁ । ବୋଷ୍ଟଲ୍ ଜେଲ୍‌ରୁ ଭଗତସିଂହଙ୍କୁ ସାଙ୍ଗରେ ନେଇ ଲାହୋର ସେଣ୍ଟ୍ରାଲ୍ ଜେଲ୍‌କୁ ଯାଆନ୍ତି ଡା. ଭାର୍ଗବ । ଦୁଇ ସାଥୀ ଅନେକ ସମୟ ପର୍ଯ୍ୟନ୍ତ କଥା ହୁଅନ୍ତି । କଫନ୍‌କୁ ମଥାର ପଗଡ଼ି କରି ଯିଏ ଆତ୍ମୋତ୍ସର୍ଗର ମାର୍ଗରେ ଯାତ୍ରା ଆରମ୍ଭ କରି ଦେଇଛି ସେ ଆଉ ଦିନ କେଇଟା ବଞ୍ଚିବାର ଆଶା ପୋଷଣ କରି ଔଷଧ ସେବନ କରିବ କାହିଁକି ଯେ ? ଭଗତସିଂହ ବି ହାର ମାନନ୍ତି ଜତୀନ୍‌ଙ୍କ ଏଇ ଦୃଢ଼ ସଂକଳ୍ପ ଆଗରେ । ଶେଷକୁ ସାଥୀର ମାନରକ୍ଷା କରିବାକୁ ଯାଇ ଜତୀନ୍ ଏନିମା ନେବାପାଇଁ ରାଜି ହୋଇଯାଆନ୍ତି । ହେଲେ ସେତିକିରେ ଶରୀରର ଆବଶ୍ୟକତା ବା କେତେ ପୂରଣ ହେବ । ଜତୀନ୍ ଏଥର ଅଧିକାଂଶ ସମୟ ବେହୋସ୍ ଅବସ୍ଥାରେ ପଡ଼ିରହନ୍ତି । କଥାବାର୍ତ୍ତା କରିବାକୁ ବି ଶକ୍ତି ନଥାଏ । ଅବସ୍ଥା ଆଉ ସୁଧୁରିବା ନଦେଖି ଜେଲ୍ କର୍ତ୍ତୃପକ୍ଷ ତାଙ୍କ ବାପାଙ୍କ ପାଖକୁ ଖବର ପଠାନ୍ତି । ସାନଭାଇ କିରଣଦାସଙ୍କୁ ଅନୁରୋଧ କରାଯାଏ ସବୁବେଳେ ପାଖରେ ରହି ତାଙ୍କର ଦେଖାଶୁଣା କରିବା ପାଇଁ ।

ସରକାର ଏଇ କ୍ରାନ୍ତିକାରୀଙ୍କ ଦାବି ବିଷୟରେ ବିଚାର କରିବା ପାଇଁ ଏକ କମିଟି ଗଠନ କରନ୍ତି । ସେଥିରେ ଉଭୟ ସରକାରୀ ଓ ବେସରକାରୀ ପକ୍ଷର ଲୋକଙ୍କୁ ସଦସ୍ୟ ଭାବେ ରଖା ହୋଇଥାଏ । ଉତ୍ତର ପ୍ରଦେଶରେ ଗଠିତ ହୋଇଥିବା ଜେଲ୍ ଇନ୍‌କ୍ୱାରୀ କମିଟି କ୍ରାନ୍ତିକାରୀଙ୍କୁ ଉଚ୍ଚଶ୍ରେଣୀର କଏଦୀ ମାନ୍ୟତା ଦେବାକୁ ଆଦୌ ରାଜି ହୁଏ ନାହିଁ । ପଞ୍ଜାବ ସରକାର ବି କମିଟି ଗଠନ ଆଳରେ ଏମାନଙ୍କ ଦାବିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନେଇଥାନ୍ତି । ୧୭ ଜୁଲାଇରେ ଆରମ୍ଭ ହୋଇଥିବା ଅନଶନ ଆସି ୨୯ ଅଗଷ୍ଟରେ ପହଞ୍ଚେ । ଜତୀନ୍ ଜେଲ୍ ଅଧୀକ୍ଷକଙ୍କ ସମ୍ମୁଖରେ ନିଜର ଅନ୍ତିମ ଇଚ୍ଛା ବ୍ୟକ୍ତ କରନ୍ତି । ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କ ସାନଭାଇ କିରଣଦାସଙ୍କୁ ହସ୍ତାନ୍ତର କରାଯିବ । ଲାହୋରରୁ କଲିକତା ନେଇ ସେଠିକାର କିୟୋଡ଼ତୋଲା ଶ୍ମଶାନରେ ଅନ୍ତିମ ସଂସ୍କାର କରାଯିବ ଯେଉଁଠି ତାଙ୍କ ମା’ ଓ ସାନ ଭଉଣୀର ଅନ୍ତ୍ୟେଷ୍ଟି କରାହୋଇଥିଲା । ମୃତ୍ୟୁର ଦ୍ୱାରଦେଶରେ ଥିବା ବନ୍ଦୀର ଏଇ କଥନ ଥିଲା ଖୁବ୍ ଭୟାବହ । ତାହା ସେଠାରେ ଉପସ୍ଥିତ ସମସ୍ତଙ୍କୁ ସ୍ତବ୍ଧ କରିଦିଏ । ଜେଲ୍ ଅଧୀକ୍ଷକ ବି ଆପଣା ଲୁହ ରୋକିବାକୁ ହୋଇଯାଆନ୍ତି ଅସମର୍ଥ । ଜତୀନ୍ ଆପଣା କର୍ମ ପାଇଁ ଟିକିଏ ବି ପଶ୍ଚାତ୍ତାପ କରୁ ନଥାନ୍ତି । ତାଙ୍କ ମନରେ ସାମାନ୍ୟ ଉଦାସ ଭାବ ବି ନଥାଏ । ମୁଖମଣ୍ଡଳରେ ପୂର୍ଣ୍ଣ ଆତ୍ମସନ୍ତୋଷର ଭାବ ବିରାଜମାନ । ସମସ୍ତେ ଜଣେ ଜୀବନ୍ତ ଶହୀଦ୍‌ଙ୍କୁ ସାକ୍ଷାତ କରୁଥାନ୍ତି ସେଇ ସମୟରେ । କିରଣ ତାଙ୍କ ଭାଇଙ୍କ ମୃତ ଶରୀରକୁ ଲାହୋରରୁ କଲିକତା ନେବାର ବ୍ୟବସ୍ଥାରେ ଲାଗିପଡ଼ନ୍ତି । ଲାହୋରର ରେଳ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଏ ଯାତ୍ରାର ସମସ୍ତ ଭଡ଼ା ସେ ନିଜେ ପୈଠ କରିବେ ବୋଲି । ଉର୍ଦ୍ଦୁ ପତ୍ରିକା ‘ପ୍ରତାପ’ର ସମ୍ପାଦକ ମହାଶୟ କୃଷ୍ଣଙ୍କ ପୁଅ ବୀରେନ୍ଦ୍ରଙ୍କୁ ସିମ୍‌ଲା ପଠାଯାଏ କଂଗ୍ରେସର ବିଧାୟକମାନଙ୍କ ସହ କଥାବାର୍ତ୍ତା କରି ସମସ୍ତ ବ୍ୟବସ୍ଥା କରିବା ପାଇଁ ।

ଶବଯାତ୍ରା ଲାହୋରରୁ ବାହାରି କଲିକତା ଯିବାବେଳେ ଦିଲ୍ଲୀ ବାଟ ଦେଇ ଯିବାର ପ୍ରସ୍ତାବ ରଖନ୍ତି ସାଥୀମାନେ । ଦିଲ୍ଲୀର ଲୋକେ ବି ନିଜ ଆଖିରେ ଦେଖିବାର ସୁଯୋଗ ପାଆନ୍ତୁ ଇଂରେଜ ସରକାର କେମିତି ଜଣକୁ ନିର୍ଦ୍ଦୟତାର ସହ ମୃତ୍ୟୁ ମୁଖକୁ ଠେଲି ଦେଇଛି । ଏହା ଥାଏ ସେମାନଙ୍କର ଅସଲ ଉଦ୍ଦେଶ୍ୟ । ତୁଫାନ୍ ଏକ୍ସପ୍ରେସ୍‌ରେ ଶବ ନେବାର ସ୍ଥିର କରାଯାଏ ଯାହା ସକାଳୁ ଲାହୋରରୁ ବାହାରି ସନ୍ଧ୍ୟା ବେଳକୁ ଦିଲ୍ଲୀ ପହଞ୍ଚୁଥାଏ । ସମ୍ଭାବିତ ମୃତ୍ୟୁ ପରର ସମସ୍ତ ପ୍ରସ୍ତୁତି ଏପଟେ ଚାଲିଥିବା ବେଳେ ସେପଟେ ଜତୀନ୍ କିଛି ଖାସ୍ ଲୋକଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରୁଥାନ୍ତି । ମୃତ୍ୟୁ ଦ୍ୱାରଦେଶରେ ମୁହଁ ଲୁଚାଇ ଦଣ୍ଡାୟମାନ ଥିବା ଅବସ୍ଥାରେ ଏସବୁ ଦୃଶ୍ୟ ଦେଖୁଥାଏ । ସେ ବି ଜତୀନ୍‌ଙ୍କ ଜୀବନୀଶକ୍ତିକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେବାସହ ମୁଣ୍ଡ ନୁଆଁଇ ପ୍ରଣାମ କରୁଥିବ ନିଶ୍ଚୟ । ଅତି ଧୀର ସ୍ୱରରେ ଡା. ଭାର୍ଗବଙ୍କୁ ଜତୀନ୍ କହୁଥାନ୍ତି, “କିଛିଦିନ ପୂର୍ବେ ଆପଣଙ୍କୁ ଯେଉଁ କଥା ଦେଇଥିଲି ତାକୁ ପୂରା କରିବି ନିଶ୍ଚିତ । ଔଷଧପତ୍ର ସେବନକରି ଅନ୍ତତଃ ଆଉ ଚଉଦ ଦିନ ବଞ୍ଚିବାକୁ ଆପଣ କହିଥିଲେ । ଯା’ଦ୍ୱାରା ସରକାର ଆମ ଦାବି ବିଷୟରେ କ’ଣ ନିଷ୍ପତ୍ତି ନେଉଛନ୍ତି ତାହା ମୁଁ ଜାଣି ପାରିବି । ଏହା ଥିଲା ଆପଣଙ୍କ ଇଚ୍ଛା । ମୁଁ କହିଥିଲି ଔଷଧ ନଖାଇ ବି ମୁଁ ସେଇ ୧୪ ଦିନ ନିଶ୍ଚିତ ବଞ୍ଚିବି ବୋଲି । ଦେଖନ୍ତୁ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ସେଇ ୧୪ ଦିନ ପୂରା ହୋଇଯିବ । ସେବେଯାଏ ମୁଁ ଆସ୍ଥାନ ଛାଡୁନି ଆପଣ ନିଶ୍ଚିତ ଥାଆନ୍ତୁ.... ।” ବିଛଣା ଉପରେ ହାଡ଼ ଦି’ଖଣ୍ଡରେ ରୂପାନ୍ତରିତ ହୋଇ ସାରିଥିବା ବଙ୍ଗଳାର ବୀରପୁତ୍ର ଜତୀନ୍ ଦାସର ଏ କି ଅଦ୍‌ଭୁତ ବୟାନ ! ନିଜ ଉପରେ ତାଙ୍କର କି ଆତ୍ମବିଶ୍ୱାସ !!

ସରକାର ତାଙ୍କୁ ଜାମିନ୍‌ରେ ଛାଡ଼ିବାକୁ ରାଜି ହୋଇଯାଏ । ନିଜଆଡୁ ଜଗଦୀଶ ଚନ୍ଦ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଜାମିନ୍‌ଦାର ଭାବେ ପ୍ରସ୍ତୁତ ବି କରିନିଏ । ହେଲେ ଜତୀନ୍ ଏଇ ପ୍ରସ୍ତାବରେ ଆଦୌ ରାଜି ହୁଅନ୍ତିନି । କିରଣଦାସ ବି ଘୋର ବିରୋଧ କରନ୍ତି । ତାଙ୍କ ସମର୍ଥନରେ ଆହୁରି କିଛି କ୍ରାନ୍ତିକାରୀ ଅନଶନରେ ସାମିଲ ହୋଇଯିବା ଦେଖି ସରକାର ଏଥର ଜତୀନ୍‌ଙ୍କୁ ମୁକ୍ତ କରିଦେବାର ପ୍ରସ୍ତାବ ରଖନ୍ତି । ତାଙ୍କ ବିରୁଦ୍ଧରେ ଥିବା ସବୁ ମକଦ୍ଦମା ଉଠାଇ ନିଆଯିବ ବୋଲି ମଧ୍ୟ କୁହାଯାଏ । ହେଲେ ଏସବୁ କରି ଆଉ କ’ଣ ଲାଭ ? ଜତୀନ୍‌ଙ୍କର ଆୟୁଷ ଯେ ଆଉ ବର୍ଷ, ମାସ କି ଦିନ ପରିବର୍ତ୍ତେ ଘଣ୍ଟାରେ ଗଣା ଚାଲିଛି । ଏବେ ମୁକ୍ତି ପାଇ ସେ କରିବେ କ’ଣ ? କିରଣଦାସ ତାଙ୍କ ବଡ଼ଭାଇଙ୍କୁ ସେଇ ଗୌରବରୁ ବଞ୍ଚିତ କରିବାକୁ ଚାହୁଁ ନଥାନ୍ତି ଯାହା ଏକ ଶହୀଦ୍‌ର ପ୍ରାପ୍ୟ...... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ଜାନୁଆରୀ, ୨୦୨୩
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁର

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତୃଦେବ କଟକର ଭୂତପୂର୍ବ ସରକାରୀ ଓକିଲ ରାୟବାହାଦୂର ଜାନକୀ ନାଥ ବୋଷ ଓ ଭକ୍ତିମତୀ ଜନନୀ ପ୍ରଭାବତୀ ଦେବୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏକାନ୍ତ ଭକ୍ତ ଥିଲେ। ଉଭୟଙ୍କର ଐକାନ୍ତିକ ଆଗ୍ରହ ଓ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିବାର ବର୍ଗ ଓ ଭକ୍ତବୃନ୍ଦ ସହ ୧୯୨୨ ସାଲ ୩୧ ଡିସେମ୍ବର ରବିବାର ଦିନ ପୁରୀ ନୀଳାଚଳ ଧାମରେ ପଦାର୍ପଣ କରିଥିଲେ। ପୁରୀଧାମରେ ସମୁଦ୍ର ତୀରରେ ଅବସ୍ଥିତ ଜାନକୀନାଥ ବୋଷଙ୍କ ନିଜସ୍ୱ ଭବନ ହରନାଥ ଲଜରେ ଶ୍ରୀ ଶ୍ରୀ ଠାକୁର ଓ ତାଙ୍କ ଭକ୍ତବୃନ୍ଦ ରହିଥିଲେ। ଶ୍ରୀ ଶ୍ରୀ ଠାକୁର ପୁରୀ ପହଞ୍ଚିବା କିଛିଦିନ ପରେ ଭକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ ଓ କିଶୋରୀ ମୋହନ ଦାସ କୀର୍ତ୍ତନଦଳ ଓ ଆଶ୍ରମବାସୀଙ୍କୁ ନେଇ ହିମାୟିତପୁର (ବର୍ତ୍ତମାନ ପାବନା ଜିଲ୍ଲା, ବାଙ୍ଗଲାଦେଶ)ରୁ ପୁରୀ ଅଭିମୁଖେ ଯାତ୍ରା କଲେ। ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ପୁଣ୍ୟ ପାଦପୀଠରେ ଅବସ୍ଥାନ କରି ଆନନ୍ଦ ଉପଭୋଗ ଓ ସାଧନା ଭଜନ ଆଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଶିଷ୍ୟ ସମବେତ ହୋଇଥିଲେ। ପ୍ରାୟ ଦୁଇ ଶତାଧିକ ଭକ୍ତ ଦୀର୍ଘ ଦେଢ଼ମାସ ବୋଷ ଦମ୍ପତ୍ତିଙ୍କର ଘରେ ଅବସ୍ଥାନ କରିଥିଲେ।

ଏତେଦିନ ଧରି ପରିବାରବର୍ଗ ସହ ପରମ ଆରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଯଥାଯୋଗ୍ୟ ସେବାପୂଜା ଓ ଭକ୍ତମାନଙ୍କର ଯଥୋଚିତ ସମ୍ବର୍ଦ୍ଧନାରେ ସସ୍ତ୍ରୀକ ଜାନକୀ ନାଥ ଯେଉଁ ଅପୂର୍ବ ନିଷ୍ଠା, ଉଦାରତା ଓ ମହତ୍ତ୍ୱର ପରିଚୟ ଦେଇଥିଲେ ତାହା ଅପୂର୍ବ ଓ ଅବର୍ଣ୍ଣନୀୟ। ପରମ ଆତ୍ମୀୟ ଅତିଥିଗଣଙ୍କ ଭୋଜନ, ଶୟନ, ବିଶ୍ରାମ ଓ ଅନ୍ୟାନ୍ୟ ଯାବତୀୟ ପ୍ରୟୋଜନ ପୂରଣର ଯଥାଯଥ ବ୍ୟବସ୍ଥାରେ କୌଣସି ତ୍ରୁଟି ନଥିଲା। କୌଣସି ଅତିଥି ବିନ୍ଦୁମାତ୍ର ଅସୁବିଧା ଭୋଗ ନକରନ୍ତି ସେଥିନିମିତ୍ତ ଜାନକୀ ବୋଷ ଦମ୍ପତ୍ତି ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ସେମାନଙ୍କର ଅକ୍ଳାନ୍ତ ଶ୍ରମ, ତ୍ୟାଗ ଓ ଅଜସ୍ର ଅର୍ଥ ବ୍ୟୟର ଗାଥା ଅବର୍ଣ୍ଣନୀୟ।

ପୁରୀ ଅବସ୍ଥାନ କାଳରେ ଭକ୍ତଗଣ ପ୍ରତ୍ୟହ ପ୍ରାତଃକୃତ୍ୟାଦି ସମାପନ ପୂର୍ବକ ବିଭିନ୍ନ କୀର୍ତ୍ତନ ଦଳରେ ବିଭକ୍ତ ହୋଇ ନାନା ଦିଗରେ ନଗର ପରିକ୍ରମାରେ ଯାଉଥିଲେ। ସେମାନେ ପୁରୀ ସହରର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ନାନା ମଠ ଯାଇ ତାଣ୍ଡବ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ତାଳ ଓ ପ୍ରାଣୋନ୍ମାଦନୀ କୀର୍ତ୍ତନରେ ନଗରବାସୀ ଆବାଳବୃଦ୍ଧ ବନିତା ଆନନ୍ଦରେ ମାତି ଉଠୁଥିଲେ। ଭକ୍ତଗଣ ପ୍ରାୟଶଃ କୀର୍ତ୍ତନଦଳ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ଦୀର୍ଘ ସମୟ ଧରି ଉଦ୍ଦଣ୍ଡ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ସେଠାରେ ସମବେତ ସହସ୍ର ସହସ୍ର ନରନାରୀ ଓ ଶ୍ରୀ ମନ୍ଦିରରର ପଣ୍ଡାଗଣ ସେହି ଅପୂର୍ବ କୀର୍ତ୍ତନ ଶୁଣି ଆନନ୍ଦ ଓ ବିସ୍ମୟରେ ଉଦ୍ଦୀପ୍ତ ଓ ପୁଲକିତ ହେଉଥିଲେ। ମନ୍ଦିର ମଧ୍ୟକୁ ଖୋଳ ନେବାର ରୀତି ନଥିଲେ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନରେ ମାତି ଭକ୍ତଗଣ ଓ ପଣ୍ଡାମାନେ ମନ୍ଦିର ମଧ୍ୟରେ କୀର୍ତ୍ତନ କରୁଥିଲେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ସମ୍ମୁଖରେ।

ଶ୍ରୀ ଶ୍ରୀ ଠାକୁର ଯେତେଦିନ ପୁରୀରେ ବାସ କରୁଥିଲେ ତାଙ୍କର ଆବାସ ସ୍ଥଳରେ ଶତ-ଶତ ଆଗନ୍ତୁକ ଓ ଭକ୍ତବୃନ୍ଦଙ୍କ କୋଳାହଳରେ ଦିନରାତ୍ରି ମୁଖରିତ ହୋଇ ରହୁଥିଲା। ପ୍ରତିଦିନ ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଓ ସଙ୍ଗ ଲାଭ ନିମିତ୍ତ ହରନାଥ ଲଜରେ ସମବେତ ହେଉଥିଲେ। ସେମାନେ ନିଜ ନିଜ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଥିଲେ। ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱଭାବସୁଲଭ ଭଙ୍ଗିମାରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟର ସହଜ ସରଳ ମୀମାଂସା ଦାନ କରୁଥିବା ଦେଖି ସମସ୍ତଙ୍କ ଭିତରେ ଏକ ଦିବ୍ୟଭାବ ଉନ୍ମାଦନା ସଞ୍ଚାର ହେଉଥିଲା। ବହୁ ବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ।

ପୁରୀ ଅବସ୍ଥାନ ସମୟରେ ଶ୍ରୀ ଶ୍ରୀ ଠାକୁର ପ୍ରାୟଦିନ ଭକ୍ତଗଣ ପରିବୃତ ହୋଇ ସମୁଦ୍ରରେ ଗାଧୋଉ ଥିଲେ, ତାହା ଏକ ଅନିର୍ବଚନୀୟ ମହା ଆନନ୍ଦ ଉତ୍ସବରେ ପରିଣତ ହେଉଥିଲା। ଶ୍ରୀ ଶ୍ରୀ ଠାକୁର ଭକ୍ତଗଣ ସହ ସମୁଦ୍ର ବାଲିରେ ଉପନୀତ ହେଲେ ସମସ୍ତେ ମିଶି ତୁମୁଳ କୀର୍ତ୍ତନ କରୁଥିଲେ। ତାହାପରେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ସମୁଦ୍ର ପାଣିରେ ଅବତୀର୍ଣ୍ଣପୂର୍ବକ ତରଙ୍ଗ ପ୍ରବାହର ତାଳେ ତାଳେ କୀର୍ତ୍ତନରତ ଅବସ୍ଥାରେ ସ୍ନାନ କ୍ରୀଡ଼ାରେ ବ୍ୟସ୍ତ ରହୁଥିଲେ। ସ୍ନାନ ସମୟରେ ଦୀର୍ଘ ସମୟ ଧରି ଦୋଳନ, କୀର୍ତ୍ତନ ଆଲିଙ୍ଗନ, ହାସ୍ୟ କୌତୁକ ଓ ଜଳସିଞ୍ଚାଦି ଆନନ୍ଦ ଉଲ୍ଲାସରେ ଏକ ସ୍ୱର୍ଗୀୟ ଅନୁଷ୍ଠାନ ଚାଲୁଥିଲା। ସ୍ନାନ ସମାପନାନ୍ତେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁରଙ୍କୁ ପୁରଭାଗରେ ରଖି ପୁଣି କୀର୍ତ୍ତନ କରୁ କରୁ ଘରକୁ ଫେରୁଥିଲେ। ଶ୍ରୀ ଶ୍ରୀ ଠାକୁର ଦିନେ ପ୍ରାତଃକାଳରେ ସମୁଦ୍ର ତୀରରେ ଭ୍ରମଣ କରୁ କରୁ କଠଉ ପିନ୍ଧି ପାଞ୍ଚ-ଛଅ କିଲୋମିଟର ଚାଲି ସାକ୍ଷୀଗୋପାଳରେ ପହଞ୍ଚି ଯାଇଥିଲେ, ସେଠାରୁ ଫେରି ସନ୍ଧ୍ୟା ସମୟରେ ଘରେ ପହଞ୍ଚିଲେ।

ପୁରୀ ଧାମ ଛାଡ଼ିବା କିଛିଦିନ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ତାଙ୍କର ବାଲ୍ୟସଖା ଭକ୍ତ ପ୍ରବର ଅନନ୍ତ ମହାରାଜଙ୍କୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମିତ୍ତ ମନ୍ଦିର ଭିତରକୁ ଯାଇଥିଲେ। ୧୪ ଫେବୃୟାରୀ ୧୯୨୩ ତାରିଖରେ ଶ୍ରୀ ଶ୍ରୀ ଠାକୁର ପୁରୀଧାମରୁ ପ୍ରତ୍ୟାବର୍ତ୍ତନ କରିଲେ। ପୁରୀ ନୀଳାଚଳ ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କ ରହଣି ସତସଙ୍ଗ ଇତିହାସରେ ଏକ ଅପୂର୍ବ ସ୍ମୃତି। ସେହି ସ୍ମୃତିକୁ ପାଥେୟ କରି ପ୍ରତିବର୍ଷ ଜାନୁୟାରୀ ୮ ତାରିଖରେ (୨ୟ ରବିବାର) ଲକ୍ଷାଧିକ ଭକ୍ତ ନୀଳାଚଳ ଧାମରେ ଉପସ୍ଥିତ ହୋଇ ଉତ୍କଳ ଆଗମନୀ ଦିବସ ଭାବରେ ପାଳନ କରନ୍ତି।

+ ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) ୯୪୩୭୦୫୧୯୫୭/୯୩୩୮୧୦୦୮୩୭

## ପାଇଛୁ...ପଢ଼ିଛୁ...




**କାବ୍ୟଲୋକ**
ସଂପାଦକ : ଭିକାରୀ ଧଳ
୨୯୭୪, ଗ୍ୟାଜେଛକ, ଲୁଇସ୍ ରୋଡ, (କେନାଲ ପାଖ)
ଭୁବନେଶ୍ୱର-୨
(ମୋ) ୯୪୩୭୨୮୩୯୦୭

"ସାହିତ୍ୟ ସେବା ପାଇଁ ଯେଉଁମାନେ ଜୀବନର ସମସ୍ତ ସମୟ ଓ ସ୍ୱାର୍ଥକୁ ସ୍ୱତଃ ସମର୍ପଣ କରି ଆସୁଛନ୍ତି, ସେମାନଙ୍କ ପ୍ରତି ଏ ଅବାଞ୍ଛିତମାନଙ୍କର ଏତେ ଈର୍ଷା, ଅସୂୟା କାହିଁକି ? ଆଗରେ ବନ୍ଧବାନ୍ଧି ଦେଲେ ବା ରାସ୍ତା ଅବରୋଧ କଲେ ପ୍ରଖର ଗତିଶୀଳ ଜଳଧାରାକୁ କଣ ଅଟକାଇ ହେବ ? ମାତ୍ର କେଇଟା ଟଙ୍କାର ବିଜ୍ଞାପନ ବା ଅନୁଦାନ କିମ୍ବା ସ୍ୱଇଚ୍ଛାରେ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଆନମନା କରାଇଦେଲେ କଣ ବୃହତ୍ତର କାର୍ଯ୍ୟ ଅଟକିଯିବ ? ମୂଢମାନେ ଦଳ ମେଳ ବାନ୍ଧି ସୁରାସାକିକୁ ଆପଣାଇ ପରନିନ୍ଦା, ପରଚର୍ଚ୍ଚା, ପରର କ୍ଷତି ଘଟାଇବା ପାଇଁ ଯୋଜନା କଲାବେଳେ ଏକଥା ଭାବିବା ଉଚିତ୍ । ସେମାନେ ସେ ପ୍ରବୃତ୍ତିରୁ ନିବୃତ୍ତ ରହିଲେ ଆମ ଭାଷା ସାହିତ୍ୟ ନିଶ୍ଚୟ ଅଧିକ ସମୃଦ୍ଧ ହୁଅନ୍ତା ଏବଂ କବିତା ଅଧିକ୍ ସୁନ୍ଦରୀ ଦିଶନ୍ତା ।" ଭଳି ଗୁରୁତ୍ୱପୂର୍ଣ୍ଣ ସମ୍ପାଦକୀୟ ବକ୍ତବ୍ୟ ଏଥରର 'କାବ୍ୟଲୋକ'ର ପୂଜାସଂଖ୍ୟାରେ ସମ୍ପାଦକ ଭିକାରୀ ଧଳଙ୍କର । ପ୍ରକୃତରେ ସାହିତ୍ୟ ଗତି ଆଜି କେଉଁଆଡକୁ ଧାବମାନ ତାହା ନୀରୀକ୍ଷଣ କରିବାର ସମୟ ଆସିଛି ବୋଲି ଏହି ସମ୍ପଦକୀୟ ପାଠ କଲାପରେ ଚିନ୍ତାଶୀଳ ଲେଖକ ଓ ପାଠକଗୋଷ୍ଠୀ ନିଶ୍ଚୟ ସ୍ୱୀକାର କରିବେ ।

ସବୁଥର ପରି ଆଦ୍ୟପୃଷ୍ଠା, କାବ୍ୟ ଚିନ୍ତନ, କାବ୍ୟ ଚର୍ଚ୍ଚା, କାବ୍ୟ ଆଲୋଚନା, ବିମୁଗ୍ଧ ବାଙ୍ମୟତା, ବିମୁଗ୍ଧ ବାଙ୍ମୟତା(ନାରୀ ସ୍ୱର), ସେ ଦେଶର କବି, ଗୀତି କବି ଓ କବିତା, କାବ୍ୟ ମୂଲ୍ୟାୟନ ଆଦି ବିଭାଗ ବେଶ୍ ସମୃଦ୍ଧ ।

କାବ୍ୟ ଚିନ୍ତନରେ ଡ. ବଂଶୀଧର ଷଡଙ୍ଗୀ, ମମତା ଦାଶ, ଡ. ଶରତ ଚନ୍ଦ୍ର ରଥ, ଡ. ଚିତ୍ତରଂଜନ ମିଶ୍ର, ବିପିନ ମହାନ୍ତି ଓ ମୌସୁମୀ ପରିଡାଙ୍କ ଆଲେଖ୍ୟ ବେଶ୍ ସୁନ୍ଦର ଓ ସାବଲୀଳ ।

ସମ୍ପାଦକ ଭିକାରୀ ଧଳଙ୍କ ସୁସମ୍ପାଦନା, ଦେବଶ୍ରୀ ଧଳଙ୍କ ପ୍ରଚ୍ଛଦ ଚୟନ ଓ ବିଶେଷ କରି ଏଥିରେ ସ୍ଥାନିତ ନିରୁତା କବିତାର ପ୍ରକାଶନ, ଆଲୋଚନା ଏହି ପତ୍ରିକାଟିକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବାରେ ସଫଳ ହୋଇଛି, ଏହା ନିଃସନ୍ଦେହରେ କୁହାଯାଇପାରେ ।

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ଫିଚର୍ସ

## ସ୍ମୃତି ଶତଦଳ ୨୭୨

(ପୂର୍ବ ପ୍ରକାଶିତ ଉତ୍ତାରୁ)



### ମୋର ପରମ ପୂଜ୍ୟ ଗୁରୁ -୫

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ମେଡିକାଲ କଲେଜରେ ଟିଚିଂ ଜବ୍ ପାଇଥିବାରୁ ଆମେ ରୋଗୀମାନଙ୍କର ଚିକିତ୍ସା କରିବା ସହ ଏମ୍.ବି.ବି.ଏସ୍ ଛାତ୍ରଛାତ୍ରୀଙ୍କ ପାଠ ପଢାଇଥାଉ, ତେଣୁ ଆମେ ହେଉଛୁ ଟିଚର । ଆମେ ଛାତ୍ରଛାତ୍ରୀ ଥିବାବେଳେ ଯେମିତି ଟିଚରମାନଙ୍କୁ ଆମର ଗୁରୁ, ପରାମର୍ଶଦାତା, ଉପଦେଷ୍ଟା ତଥା ରୋଲ ମଡେଲ ଭାବି ମୁଣ୍ଡ ନୁଆଁଇ ଦେଉଥିଲୁ, ଠିକ୍ ସେମିତି ଟିଚରମାନେ ମଧ୍ୟ ଖୁବ୍ ସତର୍କତାର ସହ ଲକ୍ଷ୍ୟ ରଖିଥାନ୍ତି କେଉଁ ଛାତ୍ର କିଭଳି ଭାବରେ ପାଠ ପଢୁଛି, ତା'ର ପ୍ରକୃତି ଏବଂ ସ୍ୱଭାବ କିପରି ତଥା ତା'ର ପାଠ ପଢିବାର ଆଗ୍ରହ ଓ ସ୍ପୃହା କେତେ ଅଧିକ । ତାହା ହିଁ ହେଉଛି ତା'ର ଭବିଷ୍ୟତର ମାପକାଠି ।

ଆନାଟୋମି ପରେ ଥାର୍ଡ ଇୟରରେ ଆମେ ଫାର୍ମା, ଜୁରିସ ଓ ପାଥୋଲୋଜି ପଢିଥିଲୁଁ ଅନ୍ୟମାନେ ତ' ଆମକୁ ଠିକ୍ ପଢାଇଥିଲେ କିନ୍ତୁ ପାଥୋଲୋଜିରେ ସୁନ୍ଦର ଭାବରେ ଆମକୁ ପ୍ରାକ୍ଟିକାଲ ଓ ଥିଓରି ପଢାଇଥିଲେ ପ୍ରଫେସର ବିଜୟ କୁମାର ନନ୍ଦ । ସେ ଲେଖାଲେଖି କରୁଥିଲେ, ଡ୍ରାମା ଓ ସଂଗୀତରେ ତାଙ୍କର ଆଗ୍ରହ ଥିଲା ଏବଂ ତାଙ୍କର ପଢାଇବା ପ୍ରଣାଳୀ ଏତେ ଭଲ ଥିଲା ଯେ, ଗୋଟିଏ ସମୟରେ ମୁଁ ଭାବିଥିଲି ପାଥୋଲୋଜିରେ ପି.ଜି କରିବି ବୋଲି । ଥାର୍ଡ ଇୟରରେ ହିଁ ପାଥୋଲୋଜି ତରଫରୁ ଆମର ଉତ୍ତରଭାରତ ଓ କାଶ୍ମୀର ପରିଭ୍ରମଣର ସୁଯୋଗ ମିଳିଥିଲା । ଏମିତିକି ମୁଁ ପି.ଜି.ଆଇ ଚଣ୍ଡୀଗଡରେ ପାଥୋଲୋଜିରେ ପି.ଜି ପାଇଁ ଦରଖାସ୍ତ ଦେଇଥିଲି ।

ତେଣୁ ଆମର କ୍ଲିନିକାଲ ଇୟର ହେଲାମାତ୍ରେ ଯଥା ବଡ ବଡ ବିଷୟ ପଢିଲା ପରେ ଭିନ୍ନ ଭିନ୍ନ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଆମ ଜୀବନର ପରିସରରେ ଅନ୍ତର୍ଭୁକ୍ତ ହେଲେ । ଆମ ଭାଗ୍ୟକୁ ସର୍ଜରୀ ପ୍ରଫେସର ଗିରିଜା ଶଙ୍କର ଦାସ ମହାପାତ୍ର ଥିଲେ, ଯିଏ ଫାଇନାଲ ପରୀକ୍ଷା ଯାଏଁ କ୍ଲାସ ନେଉଥିଲେ । ଗିରିଜା ସାର୍ ଆମର ଫାଇନାଲ ପରୀକ୍ଷାରେ ମଧ୍ୟ ପରୀକ୍ଷକ ଥିଲେ । ମେଡିସିନରେ ପ୍ରଫେସର ରଘୁନାଥ ସାହୁ, ପ୍ରଫେସର ରାଧାନାଥ ରଥ ଆଦି ପଢାଉଥିଲେ । ଫାଇନାଲ ଏମ୍.ବି.ବି.ଏସ ପରୀକ୍ଷାରେ ସମସ୍ତଙ୍କର ବେଶୀ ଡର ଥିଲା ମେଡିସିନ ପାଇଁ । ଆଖି ବିଭାଗ ମୋର ଖୁବ୍ ପ୍ରିୟ ଥିଲା ଏବଂ ମୁଁ କ୍ଲାସରେ ସର୍ବୋଚ୍ଚ ମାର୍କ ରଖି ପାସ କରିଥିଲି । ସେଥିରେ ପ୍ରଫେସର ଚଣ୍ଡୀ ଦାସ ଆମର ସବୁଠାରୁ ସ୍ମରଣୀୟ ଶିକ୍ଷକ ଥିଲେ ଏବଂ ଏମ.ବି.ବି.ଏସ ପରେ ମୁଁ ଆଖି ବିଭାଗରେ ଛଅମାସ ରେସିଡେନ୍ସି ମଧ୍ୟ କରିଥିଲି । ସମସ୍ତେ ଭାବିଥିଲେ ମୁଁ ଆଖିରେ ପି.ଜି କରି ଆଖି ଡାକ୍ତରାଣୀ ହେବି ଏବଂ ଶହ ଶହ ରୋଗୀଙ୍କର ଆଖି ପାୱାର ଦେଖି ଚଷମା ଦେବି କିନ୍ତୁ ଆଖି ଡାକ୍ତରାଣୀ ହେବାମୋର ଭାଗ୍ୟରେ ନଥିଲା ।

ମେଡିକାଲ କଲେଜରେ ଗାଇନୋକୋଲୋଜିରେ ଅନେକ ଟିଚର ପଢାଇଥିଲେ ମଧ୍ୟ ଆମ ପାଇଁ ସବୁଠାରୁ ଶ୍ରେଷ୍ଠ ପ୍ରଫେସର ଥିଲେ ପ୍ରଫେସର ସୁକୁମାର ମିତ୍ର ଓ ପ୍ରଫେସର ସୂର୍ଯ୍ୟମଣି ଦେବୀ । ତାଙ୍କ ପାଠ ପଢାଇବା ପ୍ରଣାଳୀ, ରୋଗୀ ଚିକିତ୍ସା ଓ ଅସ୍ତ୍ରୋପଚାର କରିବାର ଶୈଳୀ ଓ ପରାକାଷ୍ଠା ଆମକୁ ମୁଗ୍ଧ କରିଥିଲା । ମୁଁ କେବେ ସ୍ୱପ୍ନରେ ମଧ୍ୟ ଭାବିନଥିଲି ଗାଇନିକ୍‌ରେ ପି.ଜି କରିବି ବୋଲି କିନ୍ତୁ ଈଶ୍ୱର ହିଁ ତ ପ୍ରଫେସନକୁ ନିୟନ୍ତ୍ରଣ କରିଥାନ୍ତି । ତାଙ୍କରି ନିର୍ଦ୍ଦେଶରେ ମୁଁ ପି.ଜି ଆଇ ଚଣ୍ଡୀଗଡରେ ପଢିଲି । ସେଠାରେ ଏତେ ଭଲ ଟିଚର ଥିଲେ ଯେଉଁମାନେ ଦୁଇ ତିନି ବର୍ଷରେ ମତେ ସାରା ଜୀବନ ଦୌଡିବା ପାଇଁ ପ୍ରେରଣା ଦେଇଥିଲେ । ଚଣ୍ଡୀଗଡରେ କେହି ଚାଲନ୍ତି ନାହିଁ ଦଉଡନ୍ତି । ସେଠି ମଧ୍ୟ ମୋର ପି.ଜି ଗାଇଡ ଥିଲେ ପ୍ରଫେସର ଜ୍ଞାନଇନ୍ଦର ଢଲ, ପ୍ରଫେସର କମଲା ଢଲ, ଡଃ ସରଳା ମାଲହୋତ୍ରା ଓ ଡଃ ସରଳା ଗୋପାଳନ । ଡଃ ସରଳା ଗୋପାଳନଙ୍କର ଝିଆରୀ କମଲା ହାରିସ ବର୍ତ୍ତମାନ ଆମେରିକାର ଭାଇସ ପ୍ରେସିଡେଣ୍ଟ୍ । ସେମାନେ ମତେ କ୍ଲିନିକାଲ ଓ ଥିଓରୀରେ ପରଫେକ୍ଟ ଟ୍ରେନିଂ ଦେଇଥିଲେ ଯାହା ମତେ ମୋର ପ୍ରାକ୍ଟିକାଲ ଲାଇଫରେ ଖୁବ୍ ସାହାଯ୍ୟ କରିଥିଲା ।

ଆମ ସ୍କୁଲର ଆଉ ଜଣେ ଶିକ୍ଷୟିତ୍ରୀ ହେଉଛନ୍ତି ଶ୍ରୀମତୀ କଲ୍ୟାଣୀ ଘୋଷ, ସେ ଆମକୁ ଇଂରାଜୀ ପଢାଉଥିଲେ । ମୁଁ ସେତେବେଳେ ଦଶମ ଶ୍ରେଣୀରେ ପଢିଲାବେଳେ କେମିତି ଇଂରାଜୀରେ ଆହୁରି ଭଲ କରିବି ସେଥିପାଇଁ ସେ ବହୁତ ଯତ୍ନଶୀଳା ଥିଲେ । ଶେଷରେ ନନା କଟକର ସର୍କଲ ଇନ୍ସପେକ୍ଟର ଅଫ୍ ସ୍କୁଲସ ଥିବାବେଳେ ସେ ନନାଙ୍କ ଅଫିସରେ ଡି.ଆଇ ଥିଲେ । ମୋର ପ୍ରଥମ କବିତା ବହି "ସୂର୍ଯ୍ୟସ୍ନାନ" ତାଙ୍କୁ ଉପହାର ଦେବାବେଳେ ସେ ଖୁସିରେ ବିହ୍ୱଳ ହୋଇପଡିଥିଲେ ଓ କହିଥିଲେ – 'ସରୋଜିନୀ ଭଳି ମେଧାବିନୀ ଛାତ୍ରୀ ଯେ' ନିଶ୍ଚୟ ଜୀବନରେ କିଛି ଉତ୍କର୍ଷ କାମ କରିବ, ଏ କଥା ମୁଁ ବହୁ ଆଗରୁ ଜାଣିଥିଲି ।' ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଛାତ୍ରଛାତ୍ରୀଙ୍କ ଉପରେ ଏତେ ବିଶ୍ୱାସ ନିଶ୍ଚିତ ଭାବରେ ସେମାନଙ୍କୁ ସାଧନାର ଶୀର୍ଷତମ ସୋପାନରେ ପହଞ୍ଚାଇଥାଏ । କିନ୍ତୁ ପ୍ରତ୍ୟେକ ଭଲ ଶିକ୍ଷକ ନିଷ୍ଠାର ସହ ଏହା ହୃଦୟଙ୍ଗମ କରିଥାନ୍ତି ଯେ, ପରୀକ୍ଷାରେ ଅଧିକ ମାର୍କ ରଖିବା ବଡ କଥା ନୁହେଁ ବରଂ ପାଠ ସହ ନୈତିକତା ଓ ମୂଲ୍ୟବୋଧର ପାଠ ଶିଖାଇବା ଜରୁରୀ । ଏକଥା ନିରାଟ ସତ୍ୟ ଯେ, ପ୍ରତିକ୍ଷେତ୍ରରେ ନିଷ୍ଠା, ଧୈର୍ଯ୍ୟ, ଶୃଙ୍ଖଳା ଓ ଏକାଗ୍ରତା ସହକାରେ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ ଏଥିରେ ସନ୍ଦେହ ନାହିଁ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୬)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

**ଭାଗ -୩**

ଛୋଟ ବେଳୁ ମାଆ ପ୍ରତି ସପ୍ତାହରେ ଅନେକ ଦିନ ଉପବାସ କରୁଥିଲା। ଯଲମ୍ମାଙ୍କ ନାମରେ ମଙ୍ଗଳବାର, ପୀରବାବାଙ୍କ ନାମରେ ଗୁରୁବାର, ଲକ୍ଷ୍ମୀଙ୍କ ନାମରେ ଶୁକ୍ରବାର। ଆଉ ମଝିରେ ଯଦି ଏକାଦଶୀ ପଡ଼ିଯାଉଥିଲା ତେବେ ସେ ଦିନ ବି ସିଏ ଉପବାସ କରୁଥିଲା। ଉପବାସ ଦିନ, ଦିନସାରା ସିଏ କଠିନ ପରିଶ୍ରମ କରୁଥିଲା। କେବେ କେବେ ସିଏ ଉପବାସିଆ ଖାଦ୍ୟ ଭାବରେ ମୁଠାଏ ସାଗୁଦାନା ଭିଜେଇ,ଖେଚୁଡ଼ି ତିଆରି କରୁଥିଲା। ଆମ ଭାଇ ଭଉଣୀଙ୍କ ପାଇଁ ସେଇଟା ଏକ ନୂଆ ଖାଦ୍ୟ ଥିଲା। ଆଉ ସେଇ ଖେଚୁଡ଼ିକୁ ଆମ ଭିତରେ ବାଣ୍ଟୁବାଣ୍ଟୁ ସବୁ ସରି ଯାଉଥିଲା। ମାଆ ସତକୁ ସତ ଭୋକରେ ହିଁ ରହୁଥିଲା। ଦିନସାରାର ହାଡ଼ଭଙ୍ଗା ପରିଶ୍ରମ ପରେ ସିଏ ଉପବାସର କଷ୍ଟ ବି ସହନ କରୁଥିଲା। ତା ସହିତ ଆମେ ବି ଥରେ ଥରେ ଏକାଦଶୀ କରୁଥିଲୁ। କିନ୍ତୁ ରାତିରେ ପେଟରେ ଯେତେବେଳେ ମୂଷା ଡିଆଁକୁଦା ମାରୁଥିଲେ ରାତିରେ ଉଠି ଯାହା ମିଳୁଥିଲା ତାକୁ ଉଦରସ୍ଥ କରି ଆମେ ଉପବାସ ଭାଙ୍ଗି ଦେଉଥିଲୁ। ତା ପରେ ମୁଁ ଅଉ କେବେ ଉପବାସର ନାଁ ଧରୁନଥିଲି। ଉପବାସ କରିବା ପାଇଁ ଏତେ ଶକ୍ତି ମାଆ ପାଖକୁ କେମିତି ଆସୁଥିଲା ସେ କଥା ମୁଁ କେବେ ହେଲେ ବୁଝି ପାରୁନଥିଲି। ମାଆ ଯେବେ ମୋ ଘରକୁ ଆସିଲା ମୁଁ ତାକୁ କହିଲି, ଏବେ ଏଇ ବୁଢୀ ବୟସରେ ତୁ ଉପବାସ ଆଦି କରନା। ସାରା ଜୀବନ ତ ତୁ ଉପବାସ ହିଁ କରିଛୁ। ଏବେ ଖୁସିରେ ଦୁଇମୁଠା ଖାଆ। ଆଉ ଆରାମରେ ରହ। ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେ।

ମାଆ କହେ "ମୁଁ କ'ଣ ନିଜ ପାଇଁ ଉପବାସ କରୁଛି? ତୋ ପାଇଁ ଆଉ ତୋର ପିଲାମାନଙ୍କ ପାଇଁ ମୁଁ ଉପବାସ ରଖୁଛି। ତୁ ଭଲରେ ରହ ସେଇ କାମନା କରି ମୁଁ ଉପବାସ କରୁଛି।"

ମାଆର ସରଳ, ନିର୍ମଳ ମନରେ, ବଦ୍ଧମୂଳ ଧାରଣା ଥିଲା ଯେ ଉପବାସ ଦ୍ୱାରା କାହାର ଭଲ ହୋଇପାରେ। ମାଆର ଏଇ ଅନ୍ଧବିଶ୍ୱାସ ବିରୁଦ୍ଧରେ କେତେ ଥର ମୁଁ ଯୁଦ୍ଧଂଦେହୀ ଡାକରା ଦେବାକୁ ଚେଷ୍ଟା କରିଛି । ହେଲେ ଉପବାସ ଠାରୁ ମାଆର ସମ୍ପର୍କ ଛିନ୍ନ କରିବାରେ ସଫଳ ହୋଇପାରିନି ମୁଁ।

ମୋର ପିଲାମାନେ ବଡ଼ ହୋଇ ଯାଇଥିଲେ। ବୁଦ୍ଧଙ୍କର ମୂର୍ତ୍ତି ସାମ୍ନାରେ ବସି ପ୍ରତିଦିନ ତ୍ରିଶରଣ ଓ ପଞ୍ଚଶୀଳ ବୋଲୁଥିଲେ ସେମାନେ। ପରେ ସେମାନେ ଜେଜେମାଆକୁ ଏଇସବୁ କୁହାଇବାକୁ ଚେଷ୍ଟା କରୁଥିଲେ। "ଜେଜିମାଆ, ଆସ ତୁମେ ବି ଆମ ସାଙ୍ଗରେ ତ୍ରିଶରଣ ବୋଲ।" ମାଆ ତ୍ରିଶରଣ ଶବ୍ଦର ଉଚ୍ଚାରଣ ବି କରି ପାରୁନଥିଲା। ଆଉ ତ୍ରିଶରଣର ଅର୍ଥ ବି ବୁଝି ପାରୁନଥିଲା ସିଏ। ଖାଲି ଯାହା ନାତି ନାତୁଣୀ ଆଉ ବୋହୁ ସହିତ ସିଏ ହାତ ଯୋଡ଼ି ଛିଡ଼ା ହୋଇଯାଉଥିଲା। ବୁଦ୍ଧମୂର୍ତ୍ତି ସାମ୍ନାରେ ସିଏ ଭକ୍ତିପୂତ ପ୍ରଣାମ ଜଣଉଥିଲା। ସେଇ ସମୟରେ ମାଆର ଚେହେରା ଭକ୍ତିଭାବରେ ଭରି ଯାଉଥିଲା।

ଦିନେ ମୁଁ ଅଫିସ ଯିବାବେଳେ ସିଏ କହିଲା, "ଆଜି ମୋର ଉପବାସ। ବଡ଼ ସାଗୁଦାନା ଆଣିବି। ପଇସା ଦେଇକି ଯିବୁ।"

ମୁଁ ମୋର ପକେଟରେ ହାତ ପୁରେଇଲି। ଅଣ୍ଡାଳିଲି କାଳେ ଦଶ ଟଙ୍କିଆ ନୋଟଟେ ହାତରେ ପଡ଼ିଯିବ। କିନ୍ତୁ ପଚାଶ ଟଙ୍କିଆ ନୋଟଟେ ମିଳିଲା। ମୁଁ ମାଆ ହାତରେ ସେଇ ନୋଟ୍‌ଟିକୁ ଦେଇ, ବାହାରିଗଲି ଅଫିସ୍। ସାଗୁଦାନା ଆଣିବା ପରେ ବଞ୍ଚି ଯାଇଥିବା ପଇସା ମୋତେ ସନ୍ଧ୍ୟାରେ ଫେରେଇବ। ମୋର ଏପରି ଆଶା ଥିଲା। କିନ୍ତୁ ସେମିତି ହେଲାନି । ପର ସପ୍ତାହରେ ମାଆ ପୁଣି ସାଗୁଦାନା ଆଣିବା ପାଇଁ ମୋତେ ପଇସା ମାଗିଲା। ଏଥରକ ବି ମୁଁ ତାକୁ ପଚାଶ ଟଙ୍କିଆ ନୋଟ୍‌ଟିଏ ହିଁ ଦେଲି। ତୃତୀୟ ସପ୍ତାହରେ ବି ଏହାର ପୁନରାବୃତ୍ତି ହେଲା। ଏଇ ଭିତରେ ମୁଁ ଜାଣିପାରିଥିଲି ଯେ ସାଗୁଦାନା କିଣିବା ପାଇଁ ମାଆ ମୋ ସ୍ତ୍ରୀ ଠାରୁ ବି ପଇସା ନେଇଥିଲା। ମାଆର ଏଇ ବିଚିତ୍ର ବ୍ୟବହାର ନା ମୋତେ ଠିକ୍ ଲାଗିଲା ନା ମୁଁ ଏହାର କାରଣ ବୁଝିପାରିଲି। ସିଏ ଏପରି କାର୍ଯ୍ୟ କରିବା ଉଚିତ୍ ନଥିଲା। ଉପବାସ ନାଁରେ ଆମ ଦୁହିଁଙ୍କ ଠାରୁ ଏପରି ପଇସା ନେବାର ନଥିଲା ତାର। ମନ ଭିତରେ ଏଇ ବିଚାର ଆସିଲା ଯେ ତାକୁ ଏଇ କଥା କୁହାଯାଉ ଓ ସିଧାସଳଖ ପଚରାଯାଉ। ହେଲେ ସାହସ ହେଉନଥିଲା କାରଣ ଯଦି ମାଆ ଏକଥାକୁ ଭୁଲ ବୁଝିଲା ତେବେ ଝଗଡ଼ା ବି ହୋଇଯାଇପାରେ। ସେଥିପାଇଁ ମୁଁ ଏପରି ଏକ ବିଚାରକୁ ମନରୁ କାଢି ଦେଲି। ପୁଣି ଯେତେବେଳେ ଉପବାସର ଦିନ ଆସିଲା, ମାଆ ଅନ୍ୟ ସବୁଥର ପରି କହିଲା "ଉପବାସ ପାଇଁ ପଇସା ଦେଇକି ଯିବୁ"। ଏବେ କିନ୍ତୁ ମୁଁ ଆଉ ରହି ପାରିଲିନି। ମୁଁ ଟିକେ ରାଗିଯାଇ କହିଲି, "ମା' ! ପ୍ରକୃତରେ ତୁ ଏସବୁ କଣ ପାଇଁ କରୁଛୁ? ପ୍ରତି ସପ୍ତାହରେ ଉପବାସ ଦିନ ମୁଁ ତୋତେ ପଚାଶ ଟଙ୍କା ଦେଉଛି। ବଳି ଯାଉଥିବା ପଇସା କେବେ ହେଲେ ମାଗୁନି। ମୁଁ ଏଇଆ ଭାବୁଛି ଯେ, ବଳି ଯାଉଥିବା ପଇସାରେ ତୁ ପର ସପ୍ତାହରେ ପଡୁଥିବା ଉପବାସ ପାଇଁ ସାଗୁଦାନା କିଣିବୁ। ମାଆ ତୁ ପ୍ରତି ସପ୍ତାହରେ ପଇସା ନଉଛୁ। ବଳିପଡୁଥିବା ପଇସା ବିଷୟରେ କିଛି ହେଲେ କହୁନୁ। ଆଉ ସବୁଠାରୁ ବଡ଼ କଥା ହେଉଛି ତୁ ତୋର ବୋହୁ ଠାରୁବି ପଇସା ନେଉଛୁ। ଏକଥା ମୁଁ ଏବେ ଜାଣିଲି। ଏଇଟା କଣ ତୋତେ ଶୋଭା ଦେଉଛି ? ମାଆ ତୁ ଏମିତି କାହିଁକି କରୁଛୁ?

ମାଆ ଏକଦମ୍ ରାଗରେ ଫାଟି ପଡ଼ିଲା। "ହଁ...ହଁ। ମୁଁ ପଇସା ନେଉଛି। ହେଲେ ତାକୁ ମୁଁ ମୋ ଛାତିରେ ଲଗେଇ ରଖୁନି। ମୁଁ ତାକୁ ସାଇତି ରଖୁଛି। କାଲିକି ତୋ ପିଲାମାନଙ୍କ କାମରେ ଆସିବ। ତୁ ବାପ ହୋଇ ପିଲାଙ୍କ କଥା ଚିନ୍ତା କରୁନୁ। ହେଲେ ମୁଁ ଏମିତି ଖାମଖିଆଲି କରି ପାରିବିନି।

ସାରା ଆକାଶ ମୋ ସାମ୍ନାରେ ଗୋଲ୍ ଗୋଲ ବୁଲୁଥିବା ପରି ମୋତେ ଲାଗିଲା। ମୁଁ ମନେମନେ ନିଜକୁ ହଜାରେ ଥର ଗାଳି ଦେବାକୁ ଲାଗିଲି। ମୋତେ ଲାଗିଲା ମୋର ଏପରି ଦୁର୍ବୁଦ୍ଧି କାହିଁକି ହେଲା। ମୁଁ ମାଆକୁ ଏ ବିଷୟରେ କାହିଁକି ପଚାରିଲି। କଥା ମାତ୍ର ପଚାଶ ଟଙ୍କାର ହେଲେ ମୋର ପ୍ରଶ୍ନ ମାଆର ହୃଦୟରେ ପଚାଶ ହଜାର କ୍ଷତ ସୃଷ୍ଟି କରିଥିବାମୁଁ ମାଆ ଉପରେ କାହିଁକି ବିଶ୍ୱାସ କରିପାରିଲିନି? ପଇସା ନେଇ ସିଏ କୁଆଡ଼େ ଆଉ ଯିବ ? ଏଇ ଛୋଟିଆ କଥାଟା ମୁଁ ବୁଝି ପାରିଲିନି କାହିଁକି? ପଶ୍ଚାତାପର ଭାରରେ ମୋର ମନ ନଇଁ ପଡ଼ିଲା। ପୁଣି ଥରେ ମନରେ ଏଇ ପ୍ରଶ୍ନ ଉଠିଲା। ମାଆକୁ ବୁଝିବାରେ, ତାକୁ ଚିହ୍ନିବାରେ ଆମେ ସବୁବେଳେ ଭୁଲ କାହିଁକି କରୁଛୁ। ନୂଆ ଟଙ୍କା ପରି ଖଡ-ଖଡିଆ ଆଉ ସଂକ୍ଷିପ୍ତ ଥିଲା ମାଆର ଉତ୍ତର। ଝଣଝଣ ହେଉଥବା ଅର୍ଦ୍ଧ ନୂଆ ମୁଦ୍ରା ପରି, ଶୁଣିବାକୁ ବେଳେବେଳେ ଭାରି କଷ୍ଟଦାୟକ ଲାଗୁଥିଲା। ମାଆ କହୁଥିବା ଶବ୍ଦ ସବୁକୁ ବୁଝିବାକୁ ବି ସମୟ ଲାଗୁଥିଲା। କିନ୍ତୁ ସେ ସବୁ ସିଧା-ସପାଟ ଆଉ ବିଶୁଦ୍ଧ ସତ୍ୟ ଥଲା। ତାକୁ ଶୁଣି ହଜମ କରିବା କଷ୍ଟକର , ହେଲେ ତାହା ହିଁ ସତ୍ୟ...।

**ଭାଗ -୪**

ଥରେ ମାଆର ଦେହ ଖୁବ୍ ଖରାପ ହୋଇଗଲା। ଷାଠିଏ ବର୍ଷ ପାରି ହୋଇଗଲା ପରେ ଅଧିକାଂଶ ସମୟରେ ଏପରି ହୁଏ। ମୁଁ ତାକୁ ଡାକ୍ତର ପାଖକୁ ନେଇଗଲି। ସବୁ ପ୍ରକାର ଚେକ୍-ଅପ୍ ହେଲା। କୌଣସି ପ୍ରକାର ଦୁରାରୋଗ୍ୟ ବେମାରୀ ନଥିଲା ତାକୁ। ସାଧାରଣ ଜ୍ୱର ଥିଲା। ଆଉ ଗୋଟେ/ଦୁଇଟା ଇଞ୍ଜେକ୍‌ସନ୍ ଓ ବଟିକା ନେଇ ସାରି ଷାଠିଏ ଦିନର ବେଡ୍ ରେଷ୍ଟ ନେବାକୁ କୁହାଯାଇଥିଲା। ଯେତେବେଳେ ଡାକ୍ତର ଇଞ୍ଜେକ୍‌ସନ୍ ଦେଇଥିଲେ ସେତେବେଳେ ମାଆ ମୋତେ ହଜାରେ ଗାଳି ଦେଇଥିବ। ମାଆ ଡାକ୍ତରଙ୍କୁ କହିଲା "ମୋ ଦେହରେ ଆଜି ଯାଏ କେବେ ହେଲେ ଇଞ୍ଜେକ୍‌ସନ୍ ଲାଗି ନଥିଲା। ଏଇ ପୁଅ ପାଇଁ ଆଜି ଏ ସବୁ ହେଉଛି। ଇଏ ତ ମୋ କଥା ଶୁଣୁନି। ଜବରଦସ୍ତି ମୋତେ ନେଇ ଆସିଛି ଏଠିକି। ୟା' ମୁଣ୍ଡରେ କିଛି ବୁଦ୍ଧି-ଶୁଦ୍ଧି ନାହିଁ। ବହି ପଢି ପଢି ୟାର ମୁଣ୍ଡ ଖରାପ ହୋଇଯାଇଛି। ଔଷଧ ଖାଇ କାହାର କଣ ରୋଗ ଭଲ ହୁଏ?

ମୁଁ ଚୁପ୍‌ଚାପ୍ ସବୁ କିଛି ଶୁଣୁଥିଲି। ମାଆ ଯେ ତାର ଷାଠିଏ ବର୍ଷର ଜୀବଦଶାରେ କୌଣସି ଇଞ୍ଜେକସନ୍ ନେଇ ନ ଥିଲା, ଏ କଥା ଶହେ ଅଣା ସତ। କିନ୍ତୁ ଏହି କାରଣରୁ ସିଏ ଯେ କେବେ ଇଞ୍ଜେକସନ୍ ନେବନି, ଏ କଥା କଣ ଠିକ୍? ଦେହ ଖରାପ ହେଲେ ଡାକ୍ତରଙ୍କୁ ଦେଖେଇବାକୁ ହେବ। ଆଉ ସେଇଥିପାଇଁ ଜିଦି କରି ମୁଁ ତାକୁ ଡାକ୍ତରଖାନା ନେଇ ଯାଇଥିଲି।

ମାଆ ଏବେ ଗାଁକୁ ଯିବା ପାଇଁ ବ୍ୟସ୍ତ ହେଉଥିଲା। ବୋଧହୁଏ ଏଇ କଥାକୁ ନେଇ ଭୟ କରୁଥିଲା ଯେ, ତାକୁ ହୁଏତ ଆହୁରି ଇଞ୍ଜେକସନ୍ ନେବାକୁ ପଡ଼ିପାରେ।

ଚିକିତ୍ସା ଆରମ୍ଭ ହୋଇ ଯାଇଥିଲା। ଦିନେ ମୁଁ ଡାକ୍ତରବାବୁଙ୍କୁ କହିଲି, 'ମାଆ ଗାଁକୁ ଯିବାକୁ ଜିଦି କରୁଛି। ଏବେ ତା'ର ଦେହ କେମିତି ଅଛି?

ଡାକ୍ତର କହିଲେ, "ପୁରାପୁରି ଭଲ। ଏବେ ଆପଣ ତାଙ୍କୁ ଗାଁକୁ ଯିବାକୁ ଦେଇପାରନ୍ତି।"

ମୁଁ ଘରକୁ ଆସି ମାଆକୁ ଡାକ୍ତରଙ୍କର ଉପଦେଶ କଥା କହିଲି। ମାଆର ଖୁସିର ପାରାବାର ଯେମିତି ଉଚ୍ଛୁଳି ପଡ଼ିଲା। ତୁରନ୍ତ ସିଏ ନିଜର ଲୁଗାପଟା ସଜାଡ଼ିବାରେ ଲାଗିଗଲା। ସନ୍ଧ୍ୟାର ବସ୍‌ରେ ମୁଁ ମାଆକୁ ବସେଇ ଦେଲି। ବସ୍ ଛାଡ଼ି ଦେଲା। ବସ୍‌ଷ୍ଟାଣ୍ଡରୁ ବାହାରକୁ ଆସିଲା ମାତ୍ରେ ହିଁ ଡାକ୍ତରବାବୁଙ୍କ ସହିତ ମୋର ଦେଖା ହୋଇଗଲା। ଆମେ ଚା' ପିଇବାକୁ ହୋଟେଲ୍ ଗଲୁ। ପିଉ ପିଉ ମୁଁ ଏମିତି କଥାରେ କଥାରେ ଡାକ୍ତରବାବୁଙ୍କୁ ପଚାରିଦେଲି "ଡାକ୍ତରବାବୁ! ମୋ ମାଆର ଦେହ ଏତେ ଶିଘ୍ର କେମିତି ଭଲ ହୋଇଗଲା?"(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲ୍ଲାପାଳ



ବାରିପଦା,୦୭/୦୧ (ନି.ପ୍ର): ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ଦକ୍ଷତା କମିଟିର ସଦସ୍ୟଙ୍କୁ ନେଇ ଜିଲ୍ଲାରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରି ହେଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ ବିଭାଗରେ ଆବଶ୍ୟକ ଥିବା ଦକ୍ଷତା ବୃଦ୍ଧି ତାଲିମ ଗୁଡିକର ସଫଳ ରୂପାୟନ ସହ ଜିଲ୍ଲକ୍ଷରେ ଥିବା ଦକ୍ଷତା ବୃଦ୍ଧି ଅନୁଷ୍ଠାନ ଗୁଡିକର ଭିତିଭୂମୀର ବିକାଶ କରି ଅଧିକରୁ ଅଧିକ ସଂଖ୍ୟକ ପିଲାଙ୍କୁ ଦକ୍ଷତା ସମ୍ପନ୍ନ କରାଇ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ରାଇରଙ୍ଗପୁର ଠାରେ ଏକ ନୂତନ ଆବାସିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ନେଇ ସରକାର ଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ ସହିତ ତକତପୁର ଓ ଟିକରପଡାରେ ଥିବା ଦକ୍ଷତା ବୃଦ୍ଧି କେନ୍ଦ୍ର ଗୁଡିକରେ ଆବାସିକ ହଷ୍ଟେଲ ଖୋଲିବା ପ୍ରସ୍ତାବକୁ ଅନୁମୋଦନ କରାଯିବା ସହ ଜିଲ୍ଲାରେ ବର୍ଷକୁ ୧୦୦ ଆଇଟିଆଇ ପିଲାଙ୍କୁ ସେଂଟ୍ରାଲ ଟ୍ରେନିଂ ସେଂଟର ଭୁବନେଶ୍ୱରକୁ ପଠାଇବା, ୧୦୦ ଜଣଙ୍କୁ ଭାରୀଯାନ ଚାଳନା ପ୍ରଶିକ୍ଷଣ, ୧୦୦ ଜଣ ପିଲାଙ୍କୁ ପ୍ରାକ ନିଯୁକ୍ତି ପ୍ରଶିକ୍ଷଣ ଦିଆଯାଇ ଭାରତୀୟ ସେନା ଓ ପାରା ମିଲିଟେରିରେ ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ସରକାରୀ ପଲିଟେକନିକରେ ନୂତନ ବିଭାଗ ଖୋଲାଯିବା ଓ ବର୍ତମାନ ଚାଲୁଥିବା ବିଭାଗ ଗୁଡିକର ସିଟସଂଖ୍ୟା ବୃଦ୍ଧି ସମ୍ପର୍କିତ ପ୍ରସ୍ତାବ ସରକାରଙ୍କୁ ପ୍ରେରଣ ପାଇଁ ଅନୁମୋଦନ କରିବା ସହ ଏବାବଦରେ ଜିଲ୍ଲା ଅମବାଡସି ଫଣ୍ଡରୁ ଅର୍ଥ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି । ସେହିପରି ଜିଲ୍ଲାରେ ଫେବୃଆରୀ ୨ରେ ବାରିପଦା ଓ ୩ରେ ରାଇରଙ୍ଗପୁର ଠାରେ ୨ ଗୋଟି ନିଯୁକ୍ତି ମେଳା ଓଡିଶା ଦକ୍ଷତା ବୃଦ୍ଧି କତୃପକ୍ଷଙ୍କ ସହଯୋଗରେ ଆୟୋଜନ କରାଯିବ ବୋଲି ନିଷ୍ପତି ନିଆଯାଇଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠି, ଏଲ.ଡି.ଏମ. ଶିବ ପ୍ରସାଦ ଚୌଧୁରୀ, ଜି.ଏମ. ଡି. ଆଇ. ସି., ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜିଲ୍ଲା ଶ୍ରମଅଧିକାରୀ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ବୈଠକ ପରିଚାଳନା କରିଥବା ବେଳେ ମହାତ୍ମା ଗାନ୍ଧୀ ନ୍ୟାସନାଲ ଫେଲୋ ଦେବବ୍ରତ ଦାଶ ସଂକଳ୍ପ ପ୍ରୋଜେକ୍ଟ ଓ ଜିଲ୍ଲା ଦକ୍ଷତା ବୃଦ୍ଧି ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ୨ ମଦ୍ୟପ ଯୁବକ ଗୁରୁତର

ଗୋପବନ୍ଧୁନଗର,୦୭/୦୧ (ନି.ପ୍ର): ଆଜି ଅପରାହ୍ନ ୨ ଘଟିକା ସମୟରେ ପାଟଣାଶୀପୁର ଗ୍ରାମପଞ୍ଚାୟତ ବରହମପୁର ମାହାଲିସାହିଠାରେ ୨ ଜଣ ଯୁବକ ସାବଳ ଷଣ୍ଢ(୨୭), ଶିବ ସିଂ(୨୫) ବାଇକରେ ନିଜ ଗ୍ରାମ ମାତକମଟଲାରୁ ଗଡ଼ିଗାଁ ଅଭିମୁଖେ ଆସୁଥିଲେ । ରାସ୍ତା ପାର୍ଶ୍ୱରେ ଏକ ସ୍ଥାନରେ ଘର ନିର୍ମିତ ପାଇଁ ବଜୁରୀ କାଣ୍ଡି ରହିଥିଲା । ବଜୁରୀ କାଣ୍ଡି ଉପରେ ଗାଡ଼ି ଚଢ଼ିଯାଇ ସେମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକଙ୍କ କହିବାଅନୁଯାୟୀ ଗାଡ଼ିର ବେଗ ଘଣ୍ଟାପ୍ରତି ୮୦ କିମି ଥିଲା । ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ ।

## ହାତୀ ଆକ୍ରମଣରେ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୦୭/୦୧ (ନି.ପ୍ର): ଅନୁଗୋଳ ଜିଲ୍ଲାରେ ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନୁଗୋଳ ଜିଲ୍ଲା ଅନୁଗୋଳ ଓ ବଆଁରପାଳ ବ୍ଲକରେ ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ଦୁଇ ଦିନିଆ ବନ୍ୟଜନ୍ତୁ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ

ନୀଳଗିରି,୦୭/୦୧ (ନି.ପ୍ର): ନୀଳଗିରିସ୍ଥିତ ପଂଚଲିଙ୍ଗେଶ୍ୱର ସାଇ ହୁଇଲ ଭିୟୁ ରିସୋର୍ଟ ଠାରେ ବିକାଶ ସାଥୀ ଓ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଦୁଇ ଦିନିଆ ବନ୍ୟଜନ୍ତୁ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଉଦଘାଟନ କରିଥିଲେ । ଉକ୍ତ ପ୍ରଶିକ୍ଷଣ କର୍ମଶାଳାରେ ୧ମ ଦିନରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ । ଏହି କର୍ମଶାଳାରେ ପ୍ରଫେସର ମନୋରଂଜନ ମିଶ୍ର, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ଡା. ଭାସ୍କର ବେହେରା, ଡ. ନିଳାଦ୍ରୀ ଭୂଷଣ କର, ଦିଲ୍ଲୀପ କୁମାର ବେଜ୍, ଡ. ବିଶ୍ୱଜିତ୍ ପଣ୍ଡା ଏବଂ ବିକାଶ ସାଥର ପରିଚ୍ଳକ ତଥା ପରିବେଶବିତ୍ ମନୋରଂଜନ ଦାସ ମଂଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ବାବଦରେ ଦିଗ୍‌ଦର୍ଶନ ଦେଇଥିଲେ । ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ନିଜ ବକ୍ତବ୍ୟରେ ଗବେଷଣାମୂକ ଚିନ୍ତାଧାରା ଉପରେ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ । ଜଙ୍ଗଲ ସଂରକ୍ଷଣ , ବନ୍ୟଜନ୍ତୁ ସଂରକ୍ଷଣ ଏବଂ ପରିବେଶ ସୃଷ୍ଟିର ଆଭିମୁଖ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ । ବର୍ତ୍ତମାନ ସମୟରେ ବନ୍ୟଜନ୍ତୁ, ପରିବେଶ ଏବଂ ମାନବ ସମାଜ ମଧ୍ୟରେ ଯେଉଁ ଅସନ୍ତୁଳିତ ପରିବେଶ ସୃଷ୍ଟି ହେଉଛି ତାହା ଉପରେ ମଂଚାସୀନ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଆଜିରର ଏହି ଅସନ୍ତୁଳିତ ଯୋଗୁଁ ବନ୍ୟ ଜୀବଜନ୍ତୁ, ବନ୍ୟ ସରିସୃପମାନେ ଜଙ୍ଗଲରୁ ବାହାରି ଗାଁ ମୁହାଁ ହେଉଥିବାର ସୂଚନା ଦେଇଥିଲେ । ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶୀକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକାର ସରିସୃପ ଉଦ୍ଧାର କରିବା, ପକ୍ଷୀ ଚିହ୍ନଟ , ଭିନ୍ନ ଭିନ୍ନ ପ୍ରଜାତିର ବୃକ୍ଷଲତା ଚିହ୍ନଟ କରିବାର କୌଶଳ ସମ୍ବନ୍ଧରେ ସୂଚନା ଦେବା ସହ ପ୍ରଜେକ୍ଟର ମାଧମରେ ଅନ୍ୟାନ୍ୟ ରଣ କୌଶଳ ଦେଖାଇଥିଲେ । କର୍ମଶାଳାର ମୁଖ୍ୟ ତଥା ପରିବେଶବିତ ମନୋରଂଜନ ଦାସ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ଉପଢ଼ୌକନ ପ୍ରଦାନ କରିଥିଲେ ।

# ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଉଦଳା,୦୭/୦୧ (ନି.ପ୍ର): ଓଡ଼ିଶା ସରକାରଙ୍କର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଆମରା, ମୟୂରଭଞ୍ଜ ଆନୁକୁଲ୍ୟରେ ୦୫/୦୧/୨୦୨୩ରିଖ ଗୁରୁବାର ଦିବା ୯ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ବସନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଚଳିତ ବର୍ଷର ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦ୍‌ଘାଟନି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତି ତାଙ୍କର ବକ୍ତବ୍ୟରେ ଛାତ୍ରୀ ଆତ୍ମସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମଞ୍ଚାସୀନ ପ୍ରାଧାପକ ବସନ୍ତ କୁମାର ସାହୁ, ଅଧାପକ ବିଜୟ କୁମାର ବାରିକ, ଡ଼କ୍ଟର ଶିଶିର କୁମାର ପୃଷ୍ଟି, ଅଶୋକ କୁମାର ରାମ, ରତ୍ନାକର ମିଶ୍ର, ରବିନ୍ଦ୍ର କୁମାର ପଣ୍ଡା, ଗଜେନ୍ଦ୍ର ନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କ ବକ୍ତବ୍ୟରେ ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀ ଆତ୍ମସୁରକ୍ଷା ଶିକ୍ଷାର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ସୂଚନା ଥାଉକି ଏହି କାର୍ଯ୍ୟକ୍ରମ ୦୫/୦୧/୨୦୨୩ରିଖରୁ ୧୩/୦୧/୨୦୨୩ ରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ମାଷ୍ଟର ଟ୍ରେନର ମନୋରମା ବେହେରା ଓ ରଶ୍ମିତା ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ । ଆଜିର ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାରେ ସୁଧାକର ଶତପଥୀ, ଭାବଗ୍ରାହୀ ବେହେରା ଓ ସମସ୍ତ ଅଣଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

## ୫ଟି ପ୍ରତିନିଧିଙ୍କ ଜଳେଶ୍ୱରରେ ୪ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଜଳେଶ୍ୱର,୦୭/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ୨୧ଟି ଉଚ୍ଚ ବିଦ୍ୟାଳୟରେ ୫ଟିର କାର୍ଯ୍ୟ ଶେଷ ହେବାପରେ ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟର ଶିକ୍ଷାଦାନ, ସୌନ୍ଦଜିକରଣ, ସ୍ମାର୍ଟ ଡିଜିଟାଲ କ୍ଲାସ, ବଗିଚା ଓ ଖେଳ ପଡିଆ ସଂପର୍କରେ ସମୀକ୍ଷା ଲାଗି ଜଳେଶ୍ୱରରେ ପହଞ୍ଚିଥିଲେ । ଏହି ପ୍ରତିନିଧି ଦଳରେ ବିଦ୍ୟାଧର ବାସ୍କେ ଓ ଖିରାବ୍ଧିତନୟା ବିଶୋଇ ଆସି ଖୁଲୁଡା ଜଳେଶ୍ୱରର ଶୀତଳା ହାଇସ୍କୁଲ, ଲକ୍ଷ୍ମଣନାଥ ହାଇସ୍କୁଲ, ଖୁଆଡ ଦୀନକୃଷ୍ଣ ହାଇସ୍କୁଲ ଓ ଓଲମରା ହାଇସ୍କୁଲ ବୁଲି ଦେଖିଛନ୍ତି । ପ୍ରତିନିଧି ଦଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ସହିତ ପୃଥକ ପୃଥକ ଭାବେ ଭେଟି ବିଭିନ୍ନ ପ୍ରଶ୍ନୋତ୍ତୋର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଖୁଲୁଡା ଶୀତଳା ହାଇସ୍କୁଲ ବାଲେଶ୍ୱର ଜିଲାରେ ଏକ ଉଦାହରଣ ସୃଷ୍ଟି କରିଥିବାରୁ ତାର ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତିଙ୍କ ସହିତ ସଫଳତା ଓ ବିଫଳତା ସଂପର୍କରେ ଆଲୋଚନା କରିଥିଲେ । ପ୍ରତିନିଧିଙ୍କ ଏହି ଗସ୍ତ ବେଳେ ମୋ ସ୍କୁଲ ଅଭିଯାନର ବ୍ଲକ ସଂଯୋଜକ ହରେନ୍ଦ୍ର ମହନ୍ତ, ସହକାରୀ ଯନ୍ତ୍ରୀ ବିକ୍ରମ କେଶରୀ ଜେନା, ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷାଧିକାରୀ ଅଜୟ କୁମାର ଜେନ, ପୁରାତନ ଛାତ୍ର ଜ୍ୟୋର୍ତିମୟ ଆଚାର୍ଯ୍ୟ, ଗୁରୁପ୍ରସାଦ ଗିରି, ହରିଶଂକର ଗିରି, ଚୈତନ୍ୟ ଜେନା, ରଜନୀକାନ୍ତ ଦେ, ଅଶ୍ୱିନୀ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଅମିତ୍ ଶାହ ଶ୍ରୀରାମ ମନ୍ଦିରର....

କରୁଛ ବୋଲି ଖାଡ଼ଗେ ପ୍ରଶ୍ନ କରିଛନ୍ତି । ଏମିତିକି ଯେତେବେଳେ ୨୦୨୪ରେ ସାଧାରଣ ନିର୍ବାଆଚନ ରହିଛି ଆପଣ ସେଇ ସମୟରେ ମନ୍ଦିର ଖୋଲିବା କଥା କହୁଛନ୍ତି । ଏମିତି ଘୋଷଣା କରିବାକୁ ଆପଣ କିଏ ? ଆପଣ କଣ ଶ୍ରୀରାମ ମନ୍ଦିର ପୂଜାରି ନା ମହନ୍ତି ? ମନ୍ଦିରର ଯିଏ ମହନ୍ତ ତାଙ୍କୁ ଏବିଷୟରେ କହିବାକୁ ଦିଆଯାଉ । ଆପଣ ଜଣେ ହେଉଛନ୍ତି ରାଜନୈତିକ ବ୍ୟକ୍ତି । ଆପଣଙ୍କ କାମ ହେଛି ଦେଶକୁ ସୁରକ୍ଷିତ ରଖିବାଏବଂ ଆଇନ ଶୃଙ୍ଖଳାକୁ ନିର୍ଶ୍ଚିତ କରିବା । ଲୋକଙ୍କୁ ଖାଦ୍ୟ ଯୋଗାଇବା, ଚାଷୀଙ୍କୁ ଉଚିତ ମୂଲ୍ୟ ଦେବା ହେଉଛି ଆପଣଙ୍କର କାମ ବୋଲି ଖାଡ଼ଗେ କହିଛନ୍ତି । ଭାରତଯୋଡ଼ୋ ଯାତ୍ରାରେ ସାମିଲ ହୋଇ ଏକ ସଭାରେ ଏହା କହିଛନ୍ତି ଖାଡ଼ଗେ । ତ୍ରିପୁରାରେ ଏକ ସାଧାରଣ ସଭାରେ ଭାଷଣ ବେଳେ ୨୦୨୪ ଜାନୁଆରୀ ୧ ସୁଦ୍ଧା ରାମ ମନ୍ଦିର କାମ ସରିବା ନେଇ ଶାହ ଘୋଷଣା କରିଛନ୍ତି । ସେ କହିଛନ୍ତି ଜାନୁଆରୀ ୧ ସୁଦ୍ଧା ରାମ ମନ୍ଦିର ପୂରା ପ୍ରସ୍ତୁତ ହୋଇଯିବ । ଖାଲି ସେତିକି ନୁହେଁ ରାମ ମନ୍ଦିର ନିର୍ମାଣ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି ଅମିତ ଶାହା । ସେ କହିଛନ୍ତି ରାମ ମନ୍ଦିର ନିର୍ମାଣ କାମରେ କଂଗ୍ରେସ ପ୍ରତିବନ୍ଧକ ସାଜୁଥିଲା । କୋର୍ଟଙ୍କ ସାହାଯ୍ୟ ନେଇ ରାମ ମନ୍ଦିର କାମକୁ ଅଟକାଇ ରଖିଥିଲା କଂଗ୍ରେସ । ହେଲେ ଯେବେଠାରୁ ରାମ ମନ୍ଦିର ନିର୍ମାଣ ପାଇଁ କୋର୍ଟ ଅନୁମତି ଦେଇଛନ୍ତି ସେବେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମ ମନ୍ଦିର ନିର୍ମାଣ କାମରେ ଲାଗି ପଡ଼ିଛନ୍ତି । ଏବେ ଏଥିରେ କେହି ବାଧା ସୃଷ୍ଟି କରିପାରିବେ ନାହିଁ । ଯାହା ହୋଇଗଲେ ବି ଆଗାମୀ ଜାନୁଆରୀ ପହିଲା ସୁଦ୍ଧା ରାମ ମନ୍ଦିର କାମ ଶେଷ ହେବ । ଅର୍ଥାତ୍ ? ଆଗାମୀ ବର୍ଷକ ମଧ୍ୟରେ ସରିବ ରାମ ମନ୍ଦିର କାମ ।

## ସୀମାରେ ମୁହାଁମୁହିଁ ....

ସରିବ ଯେବେ ଋଷ ସେନା ୟୁକ୍ରେନ ଛାଡି ଚାଲିଯିବେ ନଚେତ୍ ଯେବେ ଆମେ ତାଙ୍କୁ ବିତାଡିତ କରିଦେବୁ । ଅର୍ଥଡକ୍ସ କ୍ରିସମାସ୍ ଅବସରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଅସ୍ତ୍ରବିରତି ଘୋଷଣା କରିଥିଲେ ସୁଦ୍ଧା କ୍ରେମଲିନ୍ ତାହାକୁ ଉଲଘଂନ କରିଥିବା ନେଇ ୟୁକ୍ରେନ ଦାବି କରିଛି । ଏହି ଅସ୍ତ୍ରବିରତି ଘୋଷଣା ମଧ୍ୟରେ ରୁଷ ସେନା ୟୁକ୍ରେନର ଗିର୍ଜା ଉପରେ ବଡ ଧରଣର ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ସନ୍ଦେହ କରୁଛି ୟୁକ୍ରେନ । ଫେବୃଆରୀ ୨୪, ୨୦୨୨ ତାରିଖରୁ ୟୁକ୍ରେନ ଉପରେ ଆକ୍ରମଣ କରି ଆସୁଛି ରୁଷିଆ । ଯୁଦ୍ଧ ଆରମ୍ଭ ହେବାକୁ ୧୧ ମାସର ସମୟ ବିତି ସାରିଥିଲେ ବି ବର୍ତମାନ ସୁଦ୍ଧା ପୁଟିନଙ୍କ ସେଭଳି ଆଖି ଦୃଷ୍ଟିଆ ସଫଳତା ମିଳି ପାରି ନାହିଁ । ସେପଟେ ଆମେରିକା ଓ ପାଶ୍ଚାତ୍ୟ ଦେଶ ୟୁକ୍ରେନକୁ ଯେଉଁଭଳି ଭାବେ ସାହାଯ୍ୟ କରି ଆସୁଛନ୍ତି ତାକୁ ବି ସହ୍ୟ କରିପାରୁନି ରୁଷିଆ । ଏସବୁ ଭିତରେ କଣ ହେବ ୟୁକ୍ରେନ ଓ ରୁଷିଆର ଭବିଷ୍ୟତ ଆଉ କେବେ ଶେଷ ହେବ ଯୁଦ୍ଧ ତାହା ଦେଖିବାକୁ ଅପେକ୍ଷା ରହିଲା ।

## ମହଙ୍ଗା ପଡିଲା ବିମାନରେ....

ଆଉ ଏହି ସୋସିଆଲ ମିଡିଆ ଜରିଆରେ ଶଙ୍କରକୁ ଧରିବାରେ ସଫଳ ହୋଇଥିଲା ପୋଲିସ । ବେଙ୍ଗାଲୁରୁରେ ଭଉଣୀ ଘରେ ଥିବାବେଳେ ସେଠାରେ ପହଁଚି ଶଙ୍କରକୁ ଗିରଫ କରିଥିଲା ଦିଲ୍ଲୀ ପୋଲିସ । ସେପଟେ ଘଟଣାରେ ପୁଅ ଶଙ୍କରର କୌଣସି ଭୁଲ ନଥିବା କହିଛନ୍ତି ଶଙ୍କରଙ୍କ ବାପା । ଶଙ୍କର ମିଶ୍ରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେପଟେ ନ୍ୟୁୟର୍କ- ନୂଆଦିଲ୍ଲୀ ବିମାନର ୪ଜଣ କ୍ୟାବିନ୍ କ୍ରୁ ଓ ୨ ଜଣ ପାଇଲଟଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ କାର୍ଯ୍ୟରୁ ବହିଷ୍କାର କରାଯାଇଛି ।

## ଉଦବେଗ ଜନକ ଯୋଶୀମଠ....

ଆଉ ବିକାଶ ନାମରେ ଲଗାତାର ଭାବେ ହେଉଥିବା ଭିତିଭୂମୀ କାମର କୁ ପ୍ରଭାବ ଯୋଗୁଁ ଏଭଳି ମାଟି ଧସୁଛି ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ଯୋଶୀମଠ ଅଂଚଳରେ ଦେଖାଦେଇଥିବା ଏଭଳି ସମସ୍ୟା ପାଇଁ ଏସଡିଆରଏଫକୁ ସଜାଗ ରହିବାକୁ କୁହାଯାଇଛି । ସେହିପରି ପ୍ରଭାବିତଙ୍କୁ ଘରଭଡା ବାବଦକୁ ୪ ହଜାର ଟଙ୍କା ଲେଖାଏଁ ୬ ମାସ ଯାଏଁ ଦେବାକୁ ମୁଖ୍ୟମନ୍ତ୍ରୀ ଧାମୀ ଘୋଷଣା କରିଛନ୍ତି । ସେପଟେ କାହିଁକି ମାଟି ଦବି ଯାଉଛି ଏହାର କାରଣ ଖୋଜିବା ପାଇଁ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି ।

## ଦୁର୍ନୀତି ଅଭିଯୋଗ ପରେ ଇସ୍ତଫା....

ସିଂହଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ମାନ ତାଙ୍କ ମନ୍ତ୍ରିମଣ୍ଡଳରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି । ଦଳର ବରିଷ୍ଠ ନେତା ତଥା ବିଧାୟକ ଡା ବଲବୀର ସିଂହ ରାଜ୍ୟର ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଚେତନ ସିଂହଙ୍କୁ ଡିଫେନ୍ସ ସିର୍ଭିସ, ଫୁଡ ପ୍ରୋସେସିଂ, ଉଦ୍ୟାନ କୃଷି ଓ ସ୍ୱାଧୀନତା ସଂଗ୍ରାମୀ ବିଭାଗ ମିଳିଛି । ଗୁରମିତ ସିଂହ ହାୟେର ଜଳ ଭିତ୍ତିଭୂମି, ମାଇନ୍ସ, ଜିଓଲୋଜି, ବିଜ୍ଞାନ ଓ ପରିବେଶ ବିଭାଗ ସହ କ୍ରୀଡ଼ା ଏବଂ ଯୁବ ବ୍ୟାପର ମନ୍ତ୍ରୀ ହୋଇଛନ୍ତି । ବୈଷୟକି ଶିକ୍ଷା ମନ୍ତ୍ରୀ ପଦ ହରଜୋତ ସିଂହଙ୍କୁ ମିଳିଛି ।

# କଦଳୀ ହଣ୍ଡା ମା ବାସୁଳୀ ଦେବୀଙ୍କ ନିକଟରେ ବାର୍ଷିକ ଉତ୍ସବ



ବସ୍ତା,୦୬/୦୧ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ କଦଳୀହଣ୍ଡା ଗ୍ରାମଦେବୀ ମା ବାସୁଳୀଙ୍କ ଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇ ଅଛି । ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ବେହେରାଙ୍କ ତତ୍ୱାବଧାନରେ ଯଜ୍ଞ ନାମସଂକିର୍ତ୍ତନ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଦେବୀକା ସରେନ, ପାଲା ଗାୟକ ତଥା ଅଧ୍ୟାପକ ବିଜୟ କୁମାର ଘୋଷ, ସମିତି ସଭ୍ୟ ଜୟ ପ୍ରକାଶ ବେହେରା, ଯୁବନେତା ରାଜେଶ କୁମାର ଗିରି, ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତଥିଲେ । ଅନୁଷ୍ଠାନର ସମ୍ପାଦକ ସତ୍ୟାନନ୍ଦଗିରି, କୋଷାଧ୍ୟକ୍ଷ ଗୌତମ ପରିଡା, ରତିକାନ୍ତବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗ୍ରାମବାସୀ ସହଯୋଗ କରିଥିବାବେଳେ ଗୋବିନ୍ଦ ବେହେରା ଧନ୍ୟବାଦ ଜଣାଇଥିଲେ ।

# ଚୌମୁଖରେ ବିଜେଡି କର୍ମୀ ସମାବେଶ



ଲଙ୍ଗଳେଶ୍ୱର,୦୭/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତରେ ଆଜି ବିଜୁ ଜନତା ଦଳର ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଚୌମୁଖ ଗ୍ରାମର ସପନ ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ଏହି କର୍ମୀ ସମାବେଶରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ମାନ୍ୟବର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ କହିଥିଲେ । ଅନ୍ୟତମ ଅତିଥି ଭାବେ ସମାବେଶରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ ସାମଲ,ଜିଲ୍ଲା ସାଧାରଣ ସଂପାଦକ ବରଦା ପ୍ରସନ୍ନ ପଟ୍ଟନାୟକ,ଜିଲ୍ଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ବ୍ଲକ ମହିଳା ସଭାନେତ୍ରୀ କସ୍ତୁରୀବାଳା ପାତ୍ର,ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡା,ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା, ଯୁବନେତା ତଥା ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ମନ୍ମଥ ଗିରି,ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠୀ,ଇଂ ମନୋରଂଜନ ବେହେରା ସନ୍ତୋଷ ଗିରି, ନିତ୍ୟାନନ୍ଦ ଜେନା, କମଳ କର,ପ୍ରଦୀପ କର,ସୁଶାନ୍ତ ପାତ୍ର, ଗଣେଷ ଜେନା,ଶିବ ମାହାଳିକ, ରଘୁନାଥ ଜେନା,ରୁନା ନାଥ, ଜ୍ୟୋତି ପ୍ରକାଶ ଭୂୟାଁ, ମୃତ୍ୟୁଞ୍ଜୟ ଗୋଛାୟତ, ପ୍ରଦୀପ ଜେନା,ଅଶ୍ୱିନୀ ପାତ୍ର, ଗୋପନାରାୟଣ ଜେନା,ବିକାଶ ଜେନା, ଜୟନ୍ତ ଦତ୍ତ,ଗଣେଷ ବାରିକ, ମନ୍ମଥ ବାରିକ, ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ସମାବେଶରେ ଚୌମୁଖ ପଞ୍ଚାୟତର ସମସ୍ତ ବିଜେଡି କର୍ମୀ, ଯୁବ, ଛାତ୍ର, ମହିଳା ଉପସ୍ଥିତ ଥିଲେ । ଏହି ଅବସରରେ ପଞ୍ଚାୟତର ବହୁ କର୍ମୀ ଅନ୍ୟ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ମୁଖ୍ୟ ଅତିଥି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଂ ଜେନା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । କାଳିପଦା ଠାରୁ ବିଜୁ ଜନତା ଦଳର କର୍ମୀମାନେ ବିଶାଳ ବାଇକ ଶୋଭାଯାତ୍ରାରେ ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନାଙ୍କୁ ଚଉମୁଖ ପର୍ଯ୍ୟନ୍ତ ନେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଇଂ ଶ୍ରୀ ଯୁକ୍ତ ଜେନା ଏହି ଅବସରରେ ୱାର୍ଡସ୍ତରରୁ ଦଳକୁ ମଜବୁତ କରିବାକୁ ୱାର୍ଡର କର୍ମୀମାନଙ୍କ ସହ ଆଲୋଚନା କରିଥିଲେ ।

# ତାଳଚେର ସାର କାରଖାନାର ଅଗ୍ରଗତି ନେଇ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ତାଳଚେର,୦୭/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ସହ ଅନୁଗୋଳ ଜିଲ୍ଲା ଗସ୍ତ କରି ତାଳଚେର ସାର କାରଖାନା ପରିଦର୍ଶନ କରିବା ସହ ପ୍ଲାଣ୍ଟର ଅଗ୍ରଗତି କାର୍ଯ୍ୟ ନେଇ ସମୀକ୍ଷା କରିଛନ୍ତି । ଭାରତର ପ୍ରଥମ କୋଇଲା ଗ୍ୟାସିଫିକେସନ ଆଧାରିତ ତାଳଚେର ସାର କାରଖାନା ୟୁରିଆ ଓ ସାର ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବ ବୋଲି ଶ୍ରୀ ପ୍ରଧାନ ସମୀକ୍ଷା କରିବା ପରେ କହିଛନ୍ତି । ସେହିପରି ୨୦୨୪ ଅକ୍ଟୋବର ମାସ ପୂର୍ବରୁ ତାଳଚେର ଫର୍ଟିଲାଇଜର ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ଶ୍ରୀ ମାଣ୍ଡଭିୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ନିରନ୍ତର ସମୀକ୍ଷା ଜାରୀ ରହିଛି । ୧୭,୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣାଧୀନ ଦେଶର ପ୍ରଥମ କୋଲ ଗ୍ୟାସିଫିକେସନ ଟେକ୍ନୋଲୋଜି ଆଧାରିତ ତାଳଚେର ସାର କାରଖାନା ୟୁରିଆ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବ । ଚାଷୀଙ୍କୁ ସୁବିଧା ଦେବ । ସହ ଏବଂ ଭାରତକୁ ଆତ୍ମନିର୍ଭର କରିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାରେ ସାର ଓ ୟୁରିଆ ଉତ୍ପାଦନକୁ ବଢାଇବା ସହ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟିକ ବାତାବରଣକୁ ବଢାଇବାରେ ଏହି ପ୍ରକଳ୍ପ ସହାୟକ ହେବ । ସେ କହିଛନ୍ତି ଯେ ଦେଶରେ ବହୁଳ ପରିମାଣରେ କୋଇଲା ଗଚ୍ଛିତ ରହିଛି । ପର୍ଯ୍ୟାବରଣ ସମସ୍ୟାକୁ ଦୃଷ୍ଟିରେ ରଖି ସେହି କୋଇଲାକୁ କୋଇଲାକୁ ଅନ୍ୟ କେଉଁ ଉପାୟରେ ଉପଯୋଗ କରାଯିବ ସେ ନେଇ ଚିନ୍ତା କରାଯାଉଛି । ଏହି ପରିପ୍ରେକ୍ଷୀରେ କୋଲ ଟୁ ସିନ ଗ୍ୟାସ ପ୍ରକଳ୍ପ ବିଶ୍ୱରେ ପ୍ରତିପାଦିତ ହୋଇପାରିଛି । ଏ ଟେକ୍ନୋଲୋଜିକୁ ଭାରତରେ ଉପଯୋଗ କରି କୋଲ ଇଣ୍ଡିଆ, ଗେଲ ଓ ରାଷ୍ଟ୍ରୀୟ ଫର୍ଟିଲାଇଜର କର୍ପୋରେସନ ମିଳିତ ଉଦ୍ୟୋଗରେ ତାଳଚେର ସାର କାରଖାନା ପ୍ରକଳ୍ପ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଖୁବ ଶୀଘ୍ର ଶେଷ ହେବା ନେଇ ଅପେକ୍ଷା ରଖାଯାଇଛି । ସ୍ଥାନୀୟ ଅର୍ଥନୀତି, ରୋଜଗାର, ବ୍ୟବସାୟିକ ବାତାବରଣ ତିଆରି କରିବାରେ ଏହି ପ୍ରକଳ୍ପର ବହୁତ ବଡ ଯୋଗଦାନ ରହିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଶ୍ରୀ ମାଣ୍ଡଭିୟ କହିଛନ୍ତି ଯେ ଭାରତର ନିଜସ୍ୱ କୋଇଲାକୁ ବ୍ୟବହାର କରି ସେଥିରୁ ଗ୍ୟାସ ଉତ୍ପାଦନ କରି ସେହି ଗ୍ୟାସରୁ ୟୁରିଆ ତିଆରି କରିବା ଉଦ୍ଦେଶ୍ୟ ନେଇ ତାଳଚେର ଠାରେ ପ୍ରଧାନମନ୍ତ୍ରୀ କୋଲ୍ ଗ୍ୟାସିଫିକେସନ ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ । କାମ ତୀବ୍ର ଗତିରେ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱପ୍ନ ଦେଖିଥିବା ୫ଟି ୟୁରିଆ ପ୍ଲାଣ୍ଟରୁ ୪ଟି ଉତ୍ପାଦନକ୍ଷମ ହୋଇଗଲାଣି, ତାଳଚେର ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ମଧ୍ୟ ଖୁବଶୀଘ୍ର ଶେଷ ହେବ । ଆମ ଦେଶ ପାଖରେ ନିଜସ୍ୱ ଏନର୍ଜି ଚାହିଦା ପୂରଣ କରିବାର କ୍ଷମତା ଅଛି । କିନ୍ତୁ ଏନର୍ଜିକୁ ଗ୍ୟାସରେ ଏବଂ ଗ୍ୟାସକୁ କନଭର୍ଟ କରିବା ପାଇଁ ଅନେକ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ । କୋଇଲାରୁ ଗ୍ୟାସ, ଗ୍ୟାସରୁ ୟୁରିଆ ଏବଂ ୟୁରିଆରୁ କୃଷକଙ୍କ ଆବଶ୍ୟକତାକୁ ପୂରଣ କରାଯିବ । ଏହି ଅବସରରେ ଶ୍ରୀ ପ୍ରଧାନ ଡା. ମାଣ୍ଡଭିୟଙ୍କ ସହ ତାଳଚେର ସାର କାରଖାନା ପରିସରରେ ଚାରାରୋପଣ ମଧ୍ୟ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସଂଧ୍ୟା

ଭଦ୍ରକ,୦୭/୦୧ (ନି.ପ୍ର): ସହିଷ୍ଣୁତା ଓ ଉଦାରତା ଭାରତୀୟ ସଂସ୍କୃତିର ମୂଳ ଆଧାର। ଭାରତ ଏକ ଧର୍ମ ନିରେପେକ୍ଷ ରାଷ୍ଟ୍ର ଓ ଯୁଗେ ଯୁଗେ ସବୁ ଧର୍ମାବଲମ୍ବୀ ଏଠାରେ ସମାନ ଅଧିକାରର ଅଧିକାରୀ। ଏହି ପରିପ୍ରେକ୍ଷୀରେ ଉଗ୍ର ସାମ୍ପ୍ରଦାୟିକତାବାଦକୁ କୌଣସି ବାଟେ ଗ୍ରହଣ କରାଯାଇ ପାରିବ ନାହିଁ। କାରଣ ଏହା ହିଁ ଦେଶ ଓ ଜାତିର ବିକାଶରେ ବାଧକ ବୋଲି ଐତିହାସିକ ଗାନ୍ଧୀ ପଡ଼ିଆ ଠାରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସଂଧ୍ୟାରେ ଯୋଗଦେଇ ବହୁ ବିଶିଷ୍ଟ ଅତିଥି ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟିର ଉପଦେଷ୍ଟା ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ ଓ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇ ଭାରତ ସର୍ବ ଧର୍ମ ସମନ୍ୱୟର ଦେଶ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଅଧ୍ୟାପକ ନିହାର ରଂଜନ କର ମୁଖ୍ୟବକ୍ତା ଓ ପାରିଷଦ ସେକ ଲୁଲଫୁକର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କମିଟିର ସଭାପତି ରବି ନାରାୟଣ ଖିଲାର ମଞ୍ଚ ଆବାହନ କରିଥିବାବେଳେ, ସମାଜସେବୀ ଚୈତାଳୀ ଖିଲାର ସ୍ୱାଗତ ଭାଷଣ, ମନୋରମା ରାୟ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ନାଟ୍ୟାନୁଷ୍ଠାନମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମୁନା ମହାପାତ୍ରଙ୍କ ମେଲୋଡି ପରିବେଷିତ ହୋଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଥିଲେ ସିନେମା ଜଗତର ଜଣାଶୁଣା ବ୍ୟଙ୍ଗ ଓ ଚରିତ୍ର ଅଭିନେତା ପପୁ ପମ୍ପମ୍। ପପୁ ଉପସ୍ଥିତ ସହସ୍ରାଧିକ ଦର୍ଶକଙ୍କୁ ଭରପୂର ମନୋରଂଜନ ଯୋଗଦେଇ ଦେଇଥିଲେ। ପପୁଙ୍କୁ ଶୁଣିବା ପାଇଁ ଏହି ପଡ଼ିଆ ଲୋକାରଣ୍ୟ ହୋଇ ପଡ଼ିଥିଲା। କମିଟିର ସମ୍ପାଦକ ଆଶିଶ ଅମିତାଭ ମହାପାତ୍ର, ଅତିଶ ଦାସ, କ୍ଷିତିଶ ସାମନ୍ତ, ରଶ୍ମିତା ସେଠୀ, ଭାଇଜୀ, ଶଙ୍କର ଗୁରୁଭିଲ୍ଲା, ଟୁକୁନା ସ୍ୱାଇଁ, ସେକ୍ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦୨୪ ଅକ୍ଟୋବର ପୂର୍ବରୁ ତାଳଚେର ୟୁରିଆ ପ୍ଲାଂଟ

ତାଳଚେର/ଭୁବନେଶ୍ୱର,୦୭/୦୧ (ନି.ପ୍ର): ଦେଶର ସର୍ବ ବୃହତ୍ ତଥା ପ୍ରଥମ ତାଳଚେର କୋଲ ଗ୍ୟାସିଫିକେସନ୍ ବେସଡ୍ ୟୁରିଆ ପ୍ଲାଂଟର କାର୍ଯ୍ୟ ଜୋରସୋରରେ ଚାଲିଛି। ୨୦୨୪ ଅକ୍ଟୋବର ପୂର୍ବରୁ ଏହା ଲୋକାର୍ପିତ ହେବ ବୋଲି ତାଳଚେର ଫର୍ଟିଲାଇଜର ଲିମିଟେଡ଼ର ପ୍ଲାଂଟ ପରିଦର୍ଶନ ଓ ସମୀକ୍ଷା ଅବସରରେ କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ସାର ଓ ରସାୟନ ମନ୍ତ୍ରୀ ମନସୁଖ ମଣ୍ଡାଭିୟା। କୋଲ୍ ଗ୍ୟାସିଫିକେସନ୍ ଦ୍ୱାରା ଦେଶର ଶକ୍ତି ଚାହିଦା ପୂରଣ ହୋଇପାରିବ। ଏହାସହ ୟୁରିଆ ଉତ୍ପାଦନ କ୍ଷେତ୍ରରେ ଓଡିଶା ଆତ୍ମନିର୍ଭର ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଏହା ୟୁରିଆ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବା ସହ, ଚାଷୀଙ୍କ ସୁବିଧା ଏବଂ ଭାରତକୁ ଆତ୍ମନିର୍ଭର କରିବ। ୧୭୦୦୦ କୋଟି ଟଙ୍କା ବିନିଯୋଗରେ ତିଆରି ଚାଲିଥିବା କୋଲ ଗ୍ୟାସିଫିକେସନ ଟେକ୍ନୋଲୋଜି ଆଧାରିତ ତାଳଚେର ସାର କାରଖାନା। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଭାରତରେ ଅପାର କୋଇଲା ଗଚ୍ଛିତ ଅଛି। ପର୍ଯ୍ୟାବରଣ ସମସ୍ୟାକୁ ଧ୍ୟାନରେ ରଖି ବିଜୁଳି ଉତ୍ପାଦନ ରେ ବିନିଯୋଗ କରଯିବ। କୋଲ୍ ରୁ ଗ୍ୟାସ୍ ପ୍ରକଳ୍ପ ଟେକ୍ନୋଲୋଜିକୁ ଭାରତରେ ବିନିଯୋଗ କରି କୋଲ ଇଣ୍ଡିଆ , ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଓ ରାଷ୍ଟ୍ରୀୟ ଫର୍ଟିଲାଇଜର କର୍ପୋରେସନ୍ ର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଉଭୟ କେନ୍ଦ୍ର ମନ୍ତ୍ରୀ ସେଠାରେ ପହଂଚିବା ପରେ ବରିଷ୍ଠ ଅଧିକାରୀ ମାନଙ୍କ ସହ ତାଳଚେର ଫର୍ଟିଲାଇଜର ଲିମିଟେଡ଼ର ପ୍ଲାଂଟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିବା ଜଣା ପଡିଛି। ଉଭୟ କେନ୍ଦ୍ର ମନ୍ତ୍ରୀ ପ୍ଲାଂଟ ପରିସରରେ ବୃକ୍ଷ ରୋପଣ କରଥିଲେ। ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ମନସୁଖ ଭାଇ ମଣ୍ଡାଭିୟା ଓ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ପହଂଚିଥିଲେ । ଏଫସିଆଇ ଟାଉନସିପରେ ଥିବା ସେଂଟ୍ରାଲ ସ୍କୁଲ ପଡିଆରେ ହେଲିପ୍ୟାଡ଼ରେ ସେମାନଙ୍କର ହେଲିକପ୍ଟର ଅବତରଣ କରିଥିଲା।

## ବିଭିନ୍ନ ଦାବି ନେଇ ପାଚିକା-ସହାୟିକା ସଂଘର ବିକ୍ଷୋଭ

ବାଲେଶ୍ୱର,୦୭/୦୧ (ନି.ପ୍ର): ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସ ହାରକୁ ଆଳ କରି ରାଜ୍ୟ ସରକାର ବିଦ୍ୟାଳୟ ମିଶ୍ରଣ ସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରୀ ପାଚିକା-ସହାୟିକାଙ୍କୁ ବେଆଇନ ଭାବେ ଛଟେଇ କରୁଛନ୍ତି ବୋଲି ଅଭିଯୋଗ ଉଠାଇଛି ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ। ବିଭିନ୍ନ ଦାବିନେଇ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସଂଘର ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ଈଶାଣୀ ଷଡ଼ଙ୍ଗୀ, ଜିଲା ସମ୍ପାଦିକା ପୂର୍ଣ୍ଣିମା ବେହେରା, ସିଆଇଟିୟୁ ଜିଲା ଆବାହକ ବିଜୟ ପାତ୍ର, ରାଜକିଶୋର ଲେଙ୍କା, ମନ୍ମଥ ବେହେରା, ସୁଶୀଳା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷାନୀତିକୁ କଡ଼ା ସମାଲୋଚନା କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ କେଉଁଠି ଶିକ୍ଷକ ନାହାନ୍ତି ତ ପୁଣି କେଉଁ ବିଦ୍ୟାଳୟର ଭିତ୍ତିଭୂମି ନଷ୍ଟ ହୋଇଗଲାଣି। ଏ ଦିଗରେ ସରକାର ଉଚିତ ପଦକ୍ଷେପ ନେବା ପରିବର୍ତ୍ତେ କରୋନା ଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ମିଶ୍ରଣ କେଉଁ ନ୍ୟାୟର ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବକେୟା ଥିବା ୨୮ ମାସର ରାଶି ପ୍ରଦାନ କରିବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ତୁରନ୍ତ ପୂରଣ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବବସରରେ ସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ସପ୍ତମ ସାଳନ୍ଦୀ ବହିମେଳା ଉଦ୍‌ଯାପିତ




ଭଦ୍ରକ,୦୭/୦୧ (ନି.ପ୍ର): ବହିମେଳା ବାଣିଜ୍ୟିକ ବିପଣିର ପସରା ନୁହେଁ, ସାହିତ୍ୟ ସହ ମଣିଷକୁ ଯୋଡିବାରେ ସାହାଯ୍ୟ କରୁଥିବାରୁ ଏହା ସାରସ୍ୱତ ଆନ୍ଦୋଳନର ମୁଖଶାଳା। ପ୍ରତିଟି ପରିସମାପ୍ତିରେ ନୂଆ ସ୍ୱପ୍ନ ଓ ସଂଭାବନାର ସଂକେତ ନିହିତ ଥାଏ ବୋଲି ସପ୍ତମ ସାଳନ୍ଦୀ ବହିମେଳାର ଉଦ୍‌ଯାପନୀ ପର୍ବରେ ମତ ପ୍ରକାଶ ପାଇଛି। ବହିମେଳାର ସଭାପତି କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କୃତ ବରିଷ୍ଠ କବି ଡ. ଫନୀ ମହାନ୍ତି ମୁଖ୍ୟ ଅତିଥି, ବିଶିଷ୍ଟ କବି ନିରାକାର ଦାସ ମୁଖ୍ୟବକ୍ତା ଓ କବି ସରୋଜ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଓ ସଂପାଦକୀୟ ବକ୍ତବ୍ୟ ରଖିଥିଲେ ସଂପାଦକ ଅଭିଜିତ୍ ନାୟକ। ବୃନ୍ଦାବନ କଳାକେନ୍ଦ୍ରର ସୁରେନ୍ଦ୍ର ଗାହାଣ ଓ ସାଥୀଙ୍କ ଦ୍ୱାରା କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଷିତ ହୋଇଥିଲା। ହ୍ୟାପି ଏଣ୍ଡିଂରେ ବିଶେଷ ଅତିଥି ସୁଖ୍ୟାତ ବ୍ୟଂଗକବି ସତ୍ୟାନାଶ ପୁସ୍ତକପ୍ରେମୀ ଜନତାଙ୍କୁ ତାଙ୍କ ବକ୍ତବ୍ୟରେ ମନ୍ତ୍ର ମୁଗ୍ଧ କରିଥିଲେ। ଏହି ଅବସରରେ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂଙ୍କୁ ଦଶହଜାର ମୁଦ୍ରାର ଅର୍ଥରାଶି, ମାନପତ୍ର ଓ ଅଂଗବସ୍ତ୍ର ସହ ଚଳିତବର୍ଷର ମର୍ଯ୍ୟାଦାଜନକ ବହିମେଳା ପୁରସ୍କାର ପ୍ରଦାନ କରାଯାଇଥିଲା। କିଶୋର ପାଣିଗ୍ରାହୀଙ୍କ କବିତା ସଂକଳନ 'ନିଆରା ନଇର ରିଆଜ' ଓ ହରମୋହନ କୁଅଁରଙ୍କ ସଂପାଦିତ ପତ୍ରିକା 'କାଇଁଚମାଳି' ଉନ୍ମୋଚିତ ହୋଇଥିଲା। ସାଂସ୍କୃତିକ ସଂପାଦକ ସରୋଜ ବଳ ଉନ୍ମୋଚିତ କବିତା ସଂକଳନ ବିଷୟରେ ସୂଚନା ଦେଇଥିଲେ। ପ୍ରତିଷ୍ଠାତା ସଦସ୍ୟ ଇଂ. ବିଦ୍ୟାଧର ବ୍ରହ୍ମଙ୍କୁ ସମ୍ବର୍ଦ୍ଧନା, ଅତିଥିମାନଙ୍କୁ ବହିମେଳାର ସ୍ମୃତି ଫଳକ ପ୍ରଦାନ ଏବଂ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ନିଆରା କାର୍ଯ୍ୟକ୍ରମ 'ଫର୍ଚ୍ଚା ଚର୍ଚ୍ଚା'ରେ ପ୍ରକାଶକ ପକ୍ଷୀଘରର ବନୋଜ ତ୍ରିପାଠୀ, ଇଭେଣ୍ଟର ପ୍ରକାଶ ମହାପାତ୍ର, ବହିଘରର ଅଭୟ ଦାସ ଓ ଆଦିତ୍ୟ ଭାରତର ଦେବାଶିଷ ସାମନ୍ତରାୟ ପ୍ରକାଶନର ଭିତିରି କଥା ବଖାଣିଥିଲେ। କାର୍ଯ୍ୟକ୍ରମରେ ବହିମେଳାର ଉପସଭାପତି ହରମୋହନ କୁଅଁର ସଭାପତିତ୍ୱ ଓ ନିଖିଳେଶ ମିଶ୍ର ସଂଚାଳନ କରିଥିଲେ। ବହିମେଳା କମିଟିର କାର୍ଯ୍ୟକର୍ତ୍ତା କୈଳାଶ ଚନ୍ଦ୍ର ପଣ୍ଡା, ଡା. ବିକାଶ ନନ୍ଦ, ନାସିର ବକ୍ସ, ବାଦଲ ମହାପାତ୍ର, ଶାନ୍ତିସ୍ୱରୂପ ମିଶ୍ର, ସୁଚିତ୍ରା ପାଣିଗ୍ରାହୀ ଓ ବସୁମିତ୍ରା ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସହସଂପାଦକ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟଶିବିର

ବାଲେଶ୍ୱର,୦୭/୦୧ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିକାଶଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ଔପଦା ବ୍ଲକର ଗଡସାହି ପଂଚାୟତରେ ଜାନୁଆରି ୬ ଓ ୭ ତାରିଖରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ଗ୍ରାମାଂଚଳରେ ବିକାଶ ଜ୍ୟୋତି ଫାଉଣ୍ଡେସନ୍ ପକ୍ଷରୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାପାଇଁ ନିଆଯାଇଥିବା ପଦକ୍ଷେପକୁ ଭୂୟସି ପ୍ରଶଂସା କରିଥିଲେ। ଗ୍ରାମାଂଚଳର ଲୋକମାନେ ନିଜର ମଧୁମେହ, ରକ୍ତଚାପ ଏବଂ ଅନ୍ୟାନ୍ୟ ରୋଗର ପରୀକ୍ଷା କରାଇବାପାଇଁ ଶିବିରକୁ ଆସିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ଲୋକମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହିଲେ ନିଶ୍ଚିତଭାବେ ସେମାନେ କୌଣସି ଦୂରାରୋଗ୍ୟରୁ ତୁରନ୍ତ ଉପସମ ପାଇବେ ବୋଲି କହିଥିଲେ।

## ରୁପାନ୍ତରଣ ପରେ ଶିକ୍ଷା ବ୍ୟବସ୍ଥା ସୁଦୃଢ ହୋଇଛି : ଖଇରା ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ



ଖଇରା,୦୭/୦୧ (ନି.ପ୍ର): ସରକାରଙ୍କ ୫-ଟି ବ୍ୟବସ୍ଥାରେ ଅଧିକାଂଶ ସ୍କୁଲକୁ ରୁପାନ୍ତରଣ କରାଯାଇଛି। ଏହା ପ୍ରଚଳନ ପରେ ଶିକ୍ଷା ବ୍ୟବସ୍ଥା ଅଧୀକ ସୁଦୃଢ ହୋଇ ପାରିଛି ବୋଲି ପୁର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଶୁକ୍ରବାର ବାଲେଶ୍ୱର ଜିଲା ଅଧୀନ ଖରରା ସରକାରୀ ହାଇସ୍କୁଲ ର ସାମ୍ବତ୍ସରିକ ଉତ୍ସବରେ ଯୋଗ ଦେଇ ଏହି ବିଷୟ ଉଲ୍ଲେଖ କରିଛନ୍ତି। ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି, ପୁରାତନ ଛାତ୍ର ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥି, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ବାର୍ଷିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଟଳ ବକ୍ତୃତା ପ୍ରତିଯୋଗିତା

ବାଲେଶ୍ୱର,୦୭/୦୧ (ନି.ପ୍ର): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଅଟଳ ବକ୍ତୃତା କାର୍ଯ୍ୟକ୍ରମ ସ୍ଥାନୀୟ ରୟାଲ କୁଇନ୍ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ତେଜସ୍ୱୀ ସୂର୍ଯ୍ୟା, ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ଅଧକ୍ଷ ଇରାଶିସ ଅଚାର୍ଯ୍ୟଙ୍କ ନିବେଦନ କ୍ରମେ ଆଜି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ଅଧକ୍ଷତାରେ ଅଟଳ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ କଲେଜ୍‌ର ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର ଓ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକ ଯୁବତୀମାନେ ପ୍ରତିଯୋଗିତାର ବିଷୟବସ୍ତୁ ଉପରେ ସେମାନଙ୍କର ବକ୍ତୃତା ରଖିଥିଲେ। ଏଥିରେ ମନୋନୀତ ୫ଜଣ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ଜିଲ୍ଲା ଯୁବ ମୋର୍ଚ୍ଚା ସଂପାଦକ ଦେବାଶିଷ ଆଚାର୍ଯ୍ୟ, ମିଡ଼ିଆ ସହ ସଂଯୋଜକ ଅନୀଲ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରୁସ୍କାର ବଣ୍ଟନ କରିଥଲେ। ସୁସ୍ମିତା ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନୀଳମଣି ମହାବିଦ୍ୟାଳୟରେ ହକି ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୦୭/୦୧ (ନି.ପ୍ର): ଓଡିଶା ପାଇଁ ଗର୍ବ ଓ ଗୌରବ ବିଶ୍ୱ ହକି କପ ସମ୍ପର୍କରେ ଏକ ସଚେତନତା କାଯ୍ୟକ୍ରମ ଓ ରାଲି ର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟ ଅଧକ୍ଷ ଡ଼. ତପନ କୁମାର ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ହକିସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡ଼ ତପନ ଦାସ, ଡ଼ ଆରଣୀ ମିଶ୍ର, ଡ଼ ଶାନ୍ତନୁ ଜେନା, ଅଧାପିକା ଇତିଶ୍ରୀ ମହାନ୍ତ, ଅଧାପକ ଶ୍ରବଣ ନାୟକ, ଅଧାପକ ଶମ୍ଭୁନାଥ ଗିରି, ବାଲେଶ୍ୱର ଜିଲ୍ଲା ଜାତୀୟ ସେବଯୋଜନା ଅଧିକାରୀ ଗୌରାଙ୍ଗ ପଣ୍ଡା, ଅଧାପକ ସତୀନ୍ଦ୍ର ପାଲ ପ୍ରମୁଖ ହକିର ଐତିହ ସମ୍ପର୍କରେ ଅନେକ ସୂଚନା ପ୍ରଦାନ କରିଥିଲେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା । ହକି କ୍ରୀଡା ପ୍ରତି ଜନ ସଚେତନତା ସୃଷ୍ଟି ପାଇଁ ଏକ ବିଶାଳ ରାଲିରରେ +୩ ଓ +୨ଶ୍ରେଣୀର ଅନେକ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ।

## ଭାଜପାର ମଣ୍ଡଳ ପ୍ରବାସ ବୈଠକ




ଖଇରା,୦୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୫ନଂ ଜୋନର ଦେଉଳି ଠାରେ ଭାଜପାର ମଣ୍ଡଳ ସ୍ତରୀୟ ପ୍ରବାସ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରଭାସ ଯୋଜନାର ପ୍ରଭାରୀ ରାଜେଶ ମଲିକ,ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଯୁବନେତା ଇଂ ରାଜେଶ କୁମାର ମହାକୁଡ, ମଣ୍ଡଳ ପ୍ରଭାରି ଅଜୟ କୁମାର ବେହେରା ପ୍ରମୁଖ ଦେଇ ଭାଜପା କିଭଳି ଅଧୀକ ମଜବୁଥ ହୋଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମଣ୍ଡଳ ସଭାପତି ମହେଶ୍ୱର ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ । ୯ଟି ପଞ୍ଚାୟତର ଲୋକପ୍ରତିନିଧି ଓ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଯଜ୍ଞେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ଜଳେଶ୍ୱର,୦୭/୦୧ (ନି.ପ୍ର): ଗୋପିମୋହନପୁର ପଂଚାୟତର ଛମୌଜ ଠାରେ ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦ ସଦସ୍ୟ ଯଜ୍ଞେଶ୍ୱର ପଣ୍ଡାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପରିଦେର ସଭାପତି ଶରତ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଗତବର୍ଷ ଜାନୁଆରୀ ୧୭ ତାରିଖରେ ସ୍ୱର୍ଗତ ପଣ୍ଡାଙ୍କ କରୋନାରେ ପରଲୋକ ହୋଇଥିବାରୁ ତାଙ୍କ ମରଶରୀର ଜନ୍ମ ସ୍ଥାନକୁ ଅଣାଯାଇପାରି ନଥିବାରୁ ଚଳିତବର୍ଷ ପ୍ରଥମ ଶ୍ରାଦ୍ଧବାର୍ଷିକରେ ପରିଦେ ପକ୍ଷରୁ ଶ୍ରଦ୍ଧସୁମନ ଜ୍ଞାପନ କରାଯାଇଥିଲା । ସେ ଜଣେ ନିପୁଣ ପୁରହିତ, ସର୍ପଦଂଶନର ଚିକିତ୍ସକ, ସଂଗୀତଜ୍ଞ, ଗୀତିକାର, ନାଟ୍ୟକାର ଭାବେ ଏ ଅଂଚଳରେ ଜଣାଶୁଣା ଥିଲେ । ୯୫ବର୍ଷ ବୟସରେ ତାଙ୍କର ତିରୋଧାନ ଏ ଅଂଚଳରେ ଶୂନ୍ୟତା ସୃଷ୍ଟି କରିଛି ବୋଲି ବକ୍ତାମାନେ କହିଥିଲେ । ପରିଷଦର ସଂପାଦକ ସୁଧାଂଶୁ ସେଖର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅମୂଲ୍ୟ ଦାସ, ଛବିରାଣୀ ପଣ୍ଡା, ଖଗେନ୍ଦ୍ର ପ୍ରମାଣିକ, ଗୌରୀରାଣୀ ଜେନା, ରାମଚନ୍ଦ୍ର ସିଂହ, ଗଂଗାଧର ପାଣିଗ୍ରାହୀ, ଜଳଧର ଭଂଜ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ



ଖଇରା,୦୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ୨କ୍ୱାର୍ଟର ମଧ୍ୟରୁ ଶୁକ୍ରବାରର ପ୍ରଥମ କ୍ୱାର୍ଟରରେ ବାଲେଶ୍ୱରର ଆଦର୍ଶ କ୍ରିକେଟ ଏକାଡେମୀ ଓ ଶନିବାର ଦିତୀୟ ଦିବସରେ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀ ସେମି ଫାଇନାଲକୁ ଉନ୍ନିତ ହୋଇଛନ୍ତି । ଉଦ୍ଘାଟନୀ ଦିବସରରେ ବାଲେଶ୍ୱରର ଆଦର୍ଶ ଏକାଡେମୀ ଭୁବନେଶ୍ୱରର ସ୍ୱାର୍ଟନ କ୍ରିକେଟ ଏକାଡେମୀକୁ ୮ଉଇକେଟରେ ପରାସ୍ତ କରିଥିଲା । ଶନିବାରର ଦ୍ୱିତୀୟ କ୍ୱାର୍ଟରରେ କଟକର ଜୁଭେନାଇଲ ଟିମ ବ୍ରହ୍ମପୁରର ଲିଡ କ୍ରିକେଟ କ୍ଲବକୁ ୬୮ରନରେ ପରାସ୍ତ କରିଥିଲା । ସାର୍ଥକରଞ୍ଜଶ୍ରିଶ୍ୱାଳ ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ । ସୁଶାନ୍ତ ମହାପାତ୍ର, ଉଦୟଭାନୁ ପତି ଓ ଅଭିମନ୍ୟୁ ରାଉଳ ଭାସ୍ୟକାର,କମଳାକାନ୍ତ ବେହେରା ଓ ଜନ୍ମେଜୟ ମହାକୁଡ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଏହି ଟୁର୍ନାମେଣ୍ଟକୁ ଖଇରା ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା ଉଦ୍ଘାଟନ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ବିଶ୍ୱଭୁଷଣ ପ୍ରଧାନ,ସମିତି ସଭ୍ୟ ପ୍ରତିନିଧି ରବିନ୍ଦ୍ର ମହାନ୍ତି, ମଧୁସୁଦନ ଜେନା ତଥା ଗଣ୍ଡିବେଡ ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକ, ଗଣ୍ଡିବେଡ ବଜାରବାସୀ ଉପସ୍ଥିତ ଥିଲେ।

## ଗୌରୀ ଯୁବକ ସଂଘ ଆନୁକୂଲ୍ୟରେ କ୍ରିକେଟ ଖେଳ

ଜଳେଶ୍ୱର,୦୭/୦୧ (ନି.ପ୍ର): ଜଳେଶ୍ୱର ପୌର ପରିଷଦର ୩ନଂ ୱାର୍ଡ଼ସେକବାର୍ଡ କ୍ରିକେଟ ପଡିଆରେ ଗୌରୀ ଯୁବକସଂଘ ଆନୁକଳ୍ୟରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୧୦ ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ୩ ଦିନ ବ୍ୟାପି ହେବାକୁ ଥିବା ଏହି କ୍ରିକେଟ ଟୁର୍ଣ୍ଣମେଣ୍ଟକୁ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତିପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ସମ୍ମାନୀତ ଅତିଥିଭାବେ ସୁରଜିତ ଘୋଷ, ବିଜୟ କାମିଲା, ସଂଜିବ ପାଳ, କାଉନ୍‌ସିଲର ସୁରଜ ଚୌରାସିଆ, ମିର ଆବାସ ଅଲ୍ଲି, ଚିତ୍ତରଂଜନ ମହାନ୍ତି, ଆନନ୍ଦ କର, ସତ୍ୟରଂଜନ ଦାସ ମହାପାତ୍ର, ସୁଶାନ୍ତ ସାହୁ ଯୋଗ ଦେଇଥିବା ବେଳେ କମିଟି ସଭାପତି ସେକ୍ ଅନୁଆର୍ ସୂଚନା ପ୍ରଦାନ କରିଥିଲେ । ସଂପାଦକ ସେକ୍ ଫଇଜୁ ବିବରଣୀ ପାଠ କରିଥିଲେ । ଏହି ଟୁର୍ଣ୍ଣମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍‌ରେ କାଦରାୟାଁ ଏକାଦଶ ସହିତ ରାଜନନ୍ଦନୀ ଏକାଦଶ ଏବଂ ୨ୟ ପାଳିରେ ବାଲିଆପାଳ ଏକାଦଶ ବନାମ କେଶପୁରା ଏକାଦଶ ଖେଳିଥିବା ଜଣାଯାଇଛି। ସେକ୍ ଫଇଜୁ ଓ ପପୁ ସାମନ୍ତ ଏମ୍ପିଆର୍‌ଭାବେ ଖେଳ ପରିଚାଳନା କରିଥିଲେ।

## ଧାନଘେରା ଉଚ୍ଚମାଧମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଉଦଳା, ୦୭/୦୧ (ନି.ପ୍ର): ଓଡ଼ିଶା ସରକାରଙ୍କର ଯୁବ ନୀତି ୨୦୧୩ ଆନୁକୁଲ୍ୟରେ ଧାନଘେରା ଉଚ୍ଚ ମାଧମିକ ବିଦ୍ୟାଳୟ ଧାନଘେରା, ମୟୂରଭଞ୍ଜରେ ୦୫/୦୧/୨୦୨୩ରିଖ ଗୁରୁବାର ଦିବା ୮ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ଚଳିତ ବର୍ଷର ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହାଇଅଛି। ଏହି ସଭାରେ ସଭାପତି ତାଙ୍କର ବକ୍ତବ୍ୟରେ ଛାତ୍ରୀ ଆତ୍ମସୁରକ୍ଷାର ସାମ୍ପ୍ରତିକ ପରିସ୍ଥିତିରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମଞ୍ଚାସୀନ ଅଧାପକ ସୁବାସ ଚନ୍ଦ୍ର ଦାସ, ରଜତ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ଜେନା, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତାଙ୍କ ବକ୍ତବ୍ୟରେ ଛାତ୍ରୀ ଆତ୍ମସୁରକ୍ଷା ଶିକ୍ଷାର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ କୁଳମଣୀ ବେହେରା କାର୍ଯ୍ୟକ୍ରମର ବିଷଦ ବିବରଣୀ ପ୍ରଦାନ କରିଥିଲେ। ସୂଚନା ଥାଉକି ଏହି କାର୍ଯ୍ୟକ୍ରମ ୦୫/୦୧/୨୦୨୩ରିଖରୁ ୧୩/୦୧/୨୦୨୩ ରିଖ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ମାଷ୍ଟର ଟ୍ରେନର ରଶ୍ମିତା ବିନ୍ଧାଣୀଙ୍କ ପ୍ରତକ୍ଷ ତତ୍ୱାବଧାନରେ ପରିଚାଳିତ ହେବ । ଆଜିର ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାରେ ଚିତ୍ତରଂଜନ ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା ଓ ଚକ୍ରଧର ବେହେରା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo